R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୫
ତିଥି : ଅମାବାସ୍ୟା
୧୯ ଡିସେମ୍ବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 75
19 December 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଭିବି-ଜି-ରାମ୍-ଜି ବିଲ୍ ଲୋକସଭାରେ ପାରିତ

## ବିଲ୍‌କୁ ବିରୋଧୀ ସଦସ୍ୟଙ୍କ ତୀବ୍ର ବିରୋଧ

ନୂଆଦିଲ୍ଲୀ, ୧୮ ।୧୨ : କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଗ୍ରାମୀଣ ସ୍ତରରେ ନିଯୁକ୍ତି ଗ୍ୟାରେଣ୍ଟି ଦେବାପାଇଁ ଆଣିଥିବା ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ ରୋଜଗାର (ଏମ୍‌ଜି ନରେଗା)ଆଇନ୍ ଏବେ ଇତିହାସ ପାଲଟିବାକୁ ଯାଉଛି ।



■ ଗୃହ ମଧ୍ୟରେ ହଟ୍ଟଗୋଳ, ବିଲ୍ ଚିରିଫୋପାଡିଲେ
■ ମନରେଗା ପାଲଟିବ ଇତିହାସ

ଆଜି ଲୋକସଭାରେ ବିରୋଧୀ ସଦସ୍ୟଙ୍କ ତୀବ୍ର ବିରୋଧ ଓ ପ୍ରତିବା ସତ୍ତ୍ୱେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଏବଂ ଜୀବିକା ମିଶନ (ଭିବି-ଜି-ରାମ୍-ଜି) ବିଲ୍ ପାରିତ ହୋଇଛି । ଏହି ବିଲ୍ ଉପରେ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ଆଲୋଚନା ହୋଇଛି । ବିଲ୍‌କୁ ବିରୋଧ କରି ବିରୋଧୀ ସଦସ୍ୟମାନେ ବିଲ୍‌କୁ ଚିରି ସଂସଦ ଗୃହରେ ଫୋପାଡିଥିଲେ । ଅପରପକ୍ଷରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବିଲ୍‌ର ଲକ୍ଷ୍ୟ ହେଉଛି ଗ୍ରାମୀଣ ସ୍ତରରେ ବର୍ଷକୁ ୧୨୫ ଦିନ ନିଯୁକ୍ତି ସୁନିଶ୍ଚିତ କରିବା । କଂଗ୍ରେସ ପ୍ରଥମେ ନରେଗା ବିଲ୍ ଆଣିଥିଲା । ଏଥିରେ ମହାତ୍ମା ଗାନ୍ଧିଙ୍କ ନାମ ନଥିଲା । ୨୦୦୯ରେ ମହାତ୍ମା ଗାନ୍ଧିଙ୍କ ନାମ ଯୋଡ଼ିଥିଲା ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି ।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଲ୍‌କୁ ଆଗତ କରିଥିଲେ ଓ ଏହା ଉପରେ ମତ ରଖିଥିଲେ । ସେ କହିଥିଲେ ଯେ ଏହି ବିଧେୟକଟି ଗ୍ରାମୀଣ ସ୍ତରରେ ନିଯୁକ୍ତିକୁ ତ୍ୱରାନ୍ୱିତ କରିବ ଓ ମହାତ୍ମା ଗାନ୍ଧିଙ୍କ ବିଚାର ଧାରାକୁ ଉଜ୍ଜୀବିତ କରି ରଖିବ । ତେବେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି (୯ ପୃଷ୍ଠାରେ)

### ସୁପ୍ରିମ୍‌କୋର୍ଟଙ୍କ ନିର୍ବାଚନ କମିଶନଙ୍କୁ ପରାମର୍ଶ

## ଅବଧି ବଢ଼ାଇବାକୁ ବିଚାର କର

ନୂଆଦିଲ୍ଲୀ, ୧୮ ।୧୨ : କେରଳ ଓ ଉତ୍ତରପ୍ରଦେଶରେ ସ୍ୱେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର)ରେ ଆବେଦନ ଫର୍ମ ଦାଖଲର ଶେଷ ତାରିଖ ବଢ଼ାଇବା ପାଇଁ ଯେଉଁ ଆବେଦନ ହୋଇଛି, ଭାରତୀୟ ନିର୍ବାଚନ କମିଶନ ସହାନୁଭୂତିଶୀଳ ହୋଇ ଏହାର ବିଚାର କରନ୍ତୁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍‌ଆଇଆର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଆଜି ଶୁଣାଣି କରୁଥିଲେ ।

ଆଇନ୍‌ଜୀବୀ ସିଦ୍ଧାର୍ଥ ଦେବ୍ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖି କହିଥିଲେ ଯେ ଉତ୍ତରପ୍ରଦେଶରେ ଆବେଦନ ଫର୍ମ ଦାଖଲ ଲାଗି ଅଧିକ ସମୟସୀମା ଦରକାର । ୨୦୨୭ ମାର୍ଚ୍ଚ, ଏପ୍ରିଲରେ ଉତ୍ତରପ୍ରଦେଶର



ବିଧାନସଭା ନିର୍ବାଚନ ହେବ । ଉତ୍ତର ପ୍ରଦେଶରେ ଏସ୍‌ଆଇଆରକୁ ନେଇ କୌଣସି ଅଭିଯୋଗ ନାହିଁ । ତେବେ ଡିସେମ୍ବର ୧୧ ତାରିଖରେ ଥିବା ଆବେଦନର ଶେଷ ତାରିଖକୁ ପୂର୍ବରୁ ୨୬ ତାରିଖ ଯାଏ ବଢ଼ାଯାଉ ଓ ୩୧ରେ ଚିଠା ଭୋଟର ତାଲିକା ପ୍ରକାଶ ତାଲିକାକୁ ମଧ୍ୟ ସଂଶୋଧନ କରାଯାଉ । ନିର୍ବାଚନ କମିଶନଙ୍କ ପକ୍ଷରୁ ଆଇନ୍‌ଜୀବୀ ରାକେଶ ଦ୍ୱିବେଦୀ ପକ୍ଷ ରଖି କହିଥିଲେ ଯେ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଦୃଷ୍ଟି ରଖିଛନ୍ତି । ଯଦି ଆବଶ୍ୟକ ପଡେ ତେବେ ତାରିଖକୁ ବଢ଼ାଯିବ । ଏହାର ଅର୍ଥ ନୁହେଁ ଦୁଇ ସପ୍ତାହ ସମୟ ଏବେ ଦିଆଯିବ । ପରବର୍ତ୍ତୀ ସମୟରେ ଏହା ବଢ଼ିପାରେ । ବରିଷ୍ଠ ଆଇନ୍‌ଜୀବୀ କପିଲ ଶିବଲ କହିଥିଲେ ଯେ କେରଳରେ ୨୫ ଲକ୍ଷ ଲୋକଙ୍କ ନାମ କଟିଛି । ସ୍ୱାମୀଙ୍କ ନାମ ଥିବାବେଳେ ପତ୍ନୀଙ୍କ ନାମ ରହିନାହିଁ । ପତ୍ନୀଙ୍କ ନାମ କିଭଳି କଟିଲା ବୋଲି ସେ ପ୍ରଶ୍ନ କରିଥିଲେ । ନିର୍ବାଚନ କମିଶନ ଡିସେମ୍ବର ୪ରୁ ଆବେଦନ ଫର୍ମ ତାରିଖ ୧୧ ତାରିଖକୁ ବୃଦ୍ଧି କରିଥିଲେ । ପରେ ସ୍ଥାନୀୟ ସଂସ୍ଥାର ନିର୍ବାଚନ ଲାଗି ଏହା ୧୮ ତାରିଖ ଯାଏ ବୃଦ୍ଧି କରାଯାଇଛି । ତେବେ ଆବେଦନକାରୀ ଏହାକୁ ଜାନୁଆରୀ ୬ ଯାଏ ବୃଦ୍ଧି କରିବାକୁ ମତ ରଖିଛନ୍ତି ।

### ଦୟାନଦୀ ପଠା ଗଣଦୁଷ୍କର୍ମ ମାମଲା

## ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଗିରଫ

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ଦୟାନଦୀ ପଠା ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ଜୋକର ହାପି ଓରଫ ସତ୍ୟପ୍ରକାଶ ହାତୀକୁ ଗଞ୍ଜାମରୁ ଗିରଫ କରିଛି କମିଶନରେଟ୍ ପୋଲିସ । ଗୁରୁବାର ଦୟାନଦୀ ପଠାକୁ ଜୋକରହାପିକୁ ନେଇ କ୍ରାଇମ୍‌ସିନ୍ ରିକ୍ରିଏସନ କରାଇଛି ।

ଗତ ୧୦ ତାରିଖ ଦିନ ଦଉଳିରୁ ଫେରୁଥିଲେ ପୁରୁଷ ବନ୍ଧୁ ଓ ତାଙ୍କ ବାନ୍ଧବୀ । ଦୁହେଁ ବାଇକ୍‌ରେ ଆସୁଥିବା ବେଳେ ଲିଙ୍ଗିପୁର ପାଖ ଦୟାନଦୀ ବନ୍ଧ ଉପରେ ତାଙ୍କୁ ୫ଜଣ ଅଟକାଇଥିଲେ । ଅଟକାଇବା ପରେ ବାଇକ୍ ଚାବି




ନେଇଗଲେ ଓ ଟଙ୍କା ସୁନାଗହଣା ମାଗିଲେ । ପୁରୁଷ ବନ୍ଧୁ ଟଙ୍କା ନଥିବା ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ବାଇକ୍‌ରୁ ଟାଣିନେଇ ନିସ୍ତୁକ ମାଡ ମାରି ନଦୀପଠାକୁ ନେଇଯାଇଥିଲେ । ଏଥିସହ ତାଙ୍କ ବାନ୍ଧବୀକୁ ସେଠାକୁ

**କ୍ରାଇମ୍ ସିନ୍ ରିକ୍ରିଏସନ୍**

ନେଇ ଗହଣା ଛଡାଇ ନେବା ପରେ ଜଣକ ପରେ ଜଣେ ଗଣଦୁଷ୍କର୍ମ କରିଥିଲେ ।

ଏ ସମ୍ପର୍କରେ ଧଉଳି ଥାନାରେ ଅଭିଯୋଗ ହେବା ପରେ ପୋଲିସ ବିଭୂପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ରଙ୍କୁ ଗିରଫ କରି (୯ ପୃଷ୍ଠାରେ)

### ହାଇଦ୍ରାବାଦରେ ନିବେଶକ ସମ୍ମିଳନୀ

## ୩୮,୭୦୦ କୋଟି ନିବେଶ ଲକ୍ଷ୍ୟ, ୨୦ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ହାଇଦ୍ରାବଦରେ ଦୁଇ ଦିନିଆ ନିବେଶକଙ୍କ ସମ୍ମିଳନୀ ଆସନ୍ତା କାଲି ଠାରୁ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀରେ ଯୋଗଦେବେ । ୩୮ ହଜାର ୭୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି । ଏଥିରେ ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ପ୍ରଥମ ଦିନରେ ବିଭିନ୍ନ ପ୍ରମୁଖ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ



ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଏକୁଟିଆ କଥା ହୋଇଛନ୍ତି । ବିଶେଷକରି ଫାର୍ମାସିଟିକାଲ, ମେଡିକାଲ ଯନ୍ତ୍ରାଂଶ, ସବୁଜ ଶକ୍ତି, ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ ଓ କ୍ୟାପିଟାଲ ଇକ୍ୟୁପ୍‌ମେଣ୍ଟ ଉତ୍ପାଦନ କ୍ଷେତ୍ରରେ ଏହି ନିବେଶ ଆସିଛି । ସମ୍ମିଳନୀରେ ଓଡ଼ିଶାରେ ଥିବା ପୁଞ୍ଜି ନିବେଶ ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଛି । ସମୁଦାୟ ୧୫ଟି ବୈଠକ (୯ ପୃଷ୍ଠାରେ)

## ଧାନ କିଣାରେ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ସାମିଲ କର

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ବର୍ତ୍ତମାନ ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଏହାକୁ ଶୃଙ୍ଖଳିତ ଓ ସୁସଂଗଠିତ କରିବା ଲାଗି ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । କୌଣସି ଯୋଗ୍ୟ ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି, ଏହା ଉପରେ ଗୁରୁତ୍ୱାରୋପ କରାଯାଇଛି । ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରସ୍ତୁତି, ବର୍ତ୍ତମାନର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମୀକ୍ଷା କରିଛନ୍ତି ।

ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ରାଜ୍ୟରେ ଧାନକିଣା ସମ୍ପର୍କରେ ଅବଗତ କରାଇଥିଲେ । ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ଓ ଟୋକନ ପ୍ରଦାନ ଉପରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି । ପର୍ଯ୍ୟାୟକ୍ରମେ (୯ ପୃଷ୍ଠାରେ)

## ତାପମାତ୍ରା ବଢିଲେ ବି କମିବନି ଶୀତ

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଉପକୂଳରେ ସାମାନ୍ୟ ତାପମାତ୍ରା ବଢିଥିଲେ ମଧ୍ୟ ଶୀତ ଉପରେ କୌଣସି ପ୍ରଭାବ ପଡିନାହିଁ । ଏବେବି ବିଭିନ୍ନ ଅଞ୍ଚଳରେ ପ୍ରବଳ ଜାଡ ଯୋଗୁଁ ଲୋକେ ହେଉଛନ୍ତି କଲବଲ । ଜି ଉଦୟଗିରିରେ ରାତିର ତାପମାତ୍ରା ୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସେମିଳିଗୁଡାରେ ୩.୯ ଡିଗ୍ରୀ ତାପମାତ୍ରା ରହିଛି । ଆସନ୍ତା ୨୫ ତାରିଖ ବଡଦିନ ପର୍ଯ୍ୟନ୍ତ ଶୀତ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନରେ ଏହା କୁହାଯାଇଛି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି ଯେ, ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାତିର ତାପମାତ୍ରା ୨

**ସେମିଳିଗୁଡାରେ ରାତିର ତାପମାତ୍ରା ୩. ୯ ଡିଗ୍ରୀ**

ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ଅଛି । ତେବେ ବିସ୍ତାରିତ ଆକଳନ କିଛି ଅଲଗା କଥା କହୁଛି । ବିସ୍ତାରିତ ଆକଳନ ଅନୁଯାୟୀ ଆସନ୍ତା ସପ୍ତାହେ ଯାଏଁ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହୋଇପାରେ । ବିଶେଷ କରି ଆଭ୍ୟନ୍ତରୀଣ ଅଞ୍ଚଳରେ ପାରଦ ୧୦ ଡିଗ୍ରୀ ତଳେ ରହିବ ।

ଆଜି (ଗୁରୁବାର) ଭୋରରୁ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଫୁଲବାଣୀରେ ୭.୫ ଡିଗ୍ରୀ, ଦାରିଙ୍ଗବାଡିରେ ୮ ଡିଗ୍ରୀ, ଝାରସୁଗୁଡାରେ ୮.୨ ଡିଗ୍ରୀ, ବୌଦ୍ଧରେ ୯.୩ ଡିଗ୍ରୀ, (୯ ପୃଷ୍ଠାରେ)

## ଅସୁସ୍ଥ ଦନ୍ତା ଆକ୍ରମଣରେ ବନ କର୍ମଚାରୀ ଗୁରୁତର

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ଚନ୍ଦକା ହାତୀ ଅଭୟାରଣ୍ୟରେ ଏକ ଦନ୍ତାହାତୀ ଅସୁସ୍ଥ ହୋଇ ବୁଲୁଥିବା ବନ କର୍ମଚାରୀ ଜାଣିବା ପରେ ତାକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବା ପାଇଁ ଉଦ୍ୟମ କରୁଛନ୍ତି । ଟ୍ରାଙ୍କୁଲାଇଜ୍ ପାଇଁ ବନ କର୍ମଚାରୀ ପ୍ରସ୍ତୁତ ହେଉଥିବା ବେଳେ ଦନ୍ତା ସମସ୍ତଙ୍କୁ ଗୋଡାଇ ଥିଲା । ୧୦/୧୨ଜଣ ବନ କର୍ମଚାରୀ କିଏ କୁଆଡେ ଦୌଡି ଥିଲେ । ଏହି ସମୟରେ ଜଣେ ଫରେଷ୍ଟର ପଡିଯିବାରୁ ତାଙ୍କ ବାମହାତ ଭାଙ୍ଗିଯିବା ସହ ଦେହ ଖଣ୍ଡିଆଖାବରା ହୋଇଛି ।

ଅସୁସ୍ଥ ଦନ୍ତା କେଉଁଠାରେ ଅଛି ଜାଣିବା ପାଇଁ ଡ୍ରୋନ୍ ସାହାଯ୍ୟରେ ୮ କିଲୋମିଟର ବ୍ୟାପୀ ଖୋଜଖବର କରାଯାଇଥିଲା । ଅସୁସ୍ଥ ଦନ୍ତାହାତୀକୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ କରିବା ପରେ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବନ ବିଭାଗ ଟିମ୍ ପ୍ରସ୍ତୁତ ହେଉଥିବା ବେଳେ ଅସୁସ୍ଥତା କାରଣରୁ ସେ ବିରକ୍ତ ହୋଇ ସମସ୍ତଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲା । ହାତୀର ପଛ ବାମଗୋଡ ଆଣ୍ଠୁ (୯ ପୃଷ୍ଠାରେ)

### ଜନ ଅସନ୍ତୋଷ ନା କେନ୍ଦ୍ରୀୟ ନେତାଙ୍କ ଚାପ !

## ବର୍ଦ୍ଧିତ ଦରମାର ପୁନର୍ବିଚାର ପାଇଁ ବିଜେପି ବିଧାୟକଙ୍କ ପ୍ରସ୍ତାବ

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ଶୀତ ଅଧିବେଶନର ଶେଷ ଦିନରେ ବିଧାନସଭାରେ ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ବିଲ୍ ପାରିତ ହୋଇଥିଲା । ଗତ ୯ ତାରିଖରେ ଏହି ବିଲ୍‌କୁ ପାରିତ କରାଯାଏ ବିଧାୟକମାନେ ପାଉଥିବା ଦରମାକୁ ତିନି ଗୁଣା ବୃଦ୍ଧି କରାଯାଇଥିଲା । ତେବେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ସାଧାରଣ ଲୋକ ଗ୍ରହଣ କରିପାରିନଥିଲେ । ଫଳରେ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା । ଜନସାଧାରଣଙ୍କ ଚାପରେ ହେଉ କିମ୍ବା କେନ୍ଦ୍ରୀୟ ନେତୃତ୍ୱର ତାଗିଦ୍‌ରେ ହେଉ ଆଜି ବିଜେପି ବିଧାୟକମାନେ ଦରମା ଓ ଭତ୍ତା ବୃଦ୍ଧିର



ପୁନର୍ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଅନୁରୋଧ କରିଛନ୍ତି ।

ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳର ବିଧାୟକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସବୁ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ଯୋଗ ଦେଇଥିଲେ । ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଦରମା ଓ ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକମାନେ ଲିଖିତ ଅନୁରୋଧ କରିଛନ୍ତି । ଲୋକମତକୁ ସମ୍ମାନ ଜଣାଇ ଏହା କରାଯାଇଛି । ତେବେ ଏ ପ୍ରସ୍ତାବ ଏବେ ବିଚାରାଧୀନ ରହିଛି । ତେବେ ବିଲ୍ ପାରିତ ହେବାପରେ ହଠାତ୍ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ଏହାକୁ ବିରୋଧ କରିଥିଲେ ଓ ସେ ସିଧାସଳଖ କହିଥିଲେ ଯେ ଏ ବିଲ୍‌କୁ ସେ ଗ୍ରହଣ କରିପାରିବେ ନାହିଁ । ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ରାଜ୍ୟପାଳଙ୍କ ସାକ୍ଷାତ କରାଯାଇ ବିଲ୍‌କୁ ଅନୁମୋଦନ ନ ଦେବାପାଇଁ ଅନୁରୋଧ କରାଯାଇଥିଲା । ଏହାପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେନାହିଁ ବୋଲି କହିବା ସହ ସେହି ଅର୍ଥକୁ ଜନକଲ୍ୟାଣକାରୀ ଯୋଜନାରେ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ (୯ ପୃଷ୍ଠାରେ)

## ଧାନକିଣା ଅବ୍ୟବସ୍ଥା ନେଇ ଆଜି ସମ୍ବଲପୁର ବନ୍ଦ

ସମ୍ବଲପୁର, ୧୮ ।୧୨ (ସବ୍ୟୁ): ଚଳିତ ଖରିଫ ଧାନ କିଣାବିକାରେ ଟୋକନ ସମସ୍ୟା ଦେଖାଯାଇଛି। ଏହାକୁ ବିରୋଧ କରି ଆସନ୍ତା ୧୯ରେ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ୧୨ଘଣ୍ଟିଆ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଗୁରୁବାର ଶତାଧିକ ଚାଷୀ ସରକାର ବିରୋଧି ବିଭିନ୍ନ ପ୍ଲାକାର୍ଡ ଧରି ଏକ ବାଇକ୍ ରାଲିରେ ବାହାରିଥିଲେ। ପ୍ରଥମେ ବରେଇପାଲି ମାର୍କେଟୟାର୍ଡରେ ଏକ ବୈଠକ ହୋଇଥିଲା। ସମ୍ବଲପୁର ବନ୍ଦ ପାଇଁ ରୂପରେଖ ସ୍ଥିର କରାଯାଇଥିଲା। ଏହାପରେ ରାଲି ରେମେଡ, ଅଇଁଠାପାଲି, ବୁଢାରଜା, ଚର୍ଚ୍ଚ ଛକ, ଗୋଲବଜାର, ଗୋବିନ୍ଦତୋଲା, ଧନୁପାଲି, ସାନସଡକ ଦେଇ କୁଞ୍ଜେଲପଡା, ବଡବଜାର, ସମଲେଶ୍ୱରୀ ମନ୍ଦିର, କ୍ଷେତରାଜପୁର, ରେଲୱେ ଷ୍ଟେସନ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଚାଷୀ ମାନେ ବନ୍ଦ ପାଳନ



ସଫଳ କରିବାକୁ ଜନସାଧାରଣ, ବିଭିନ୍ନ ସାମାଜିକ ସଙ୍ଗଠନ ଓ ଶ୍ରମିକ ମାନଙ୍କୁ ନିବେଦନ କରିଥିଲେ ।

ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକାରେ ଅବ୍ୟବସ୍ଥା ଦେଖାଯାଇଛି। ବାରମ୍ବାର ଦାବି ଓ ଆପତ୍ତି ପରେ କୌଣସି ସୁଫଳ ମିଳିନାହିଁ। ଏଭଳିସ୍ଥଳେ ଚାଷୀ ମାନେ ନିଜର ହକ୍ ପାଇଁ ଗତ ୧ ଓ ୧୨ ଡିସେମ୍ବରରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ତେବେ ଟୋକନ ସମସ୍ୟା ସମାଧାନ ପରିବର୍ତ୍ତେ ସେମାନଙ୍କୁ ବଳପୂର୍ବକ ପୋଲିସ ଗିରଫ କରିଥିଲା। ଟୋକନ ସମସ୍ୟା ସମାଧାନ ହୋଇନଥିବା ବେଳେ ଚାଷୀ ମାନେ ଗତ ୧୬ତାରିଖରେ ଅଭିନବ ପ୍ରତିବାଦ କରିଥିଲେ। ଏହାପରେ ମଧ୍ୟ ସମସ୍ତ ଟୋକନ ଆସିନଥିବା ବେଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବନ୍ଦ ଡାକରା ଦେଇଛି। ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପ୍ରଚାରପ୍ରସାର କରାଯାଇଛି। ସ୍କୁଲ ଓ କଲେଜ , ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ (୯ ପୃଷ୍ଠାରେ)

୧୧୫୪– କିଙ୍ଗ୍ ହେନରୀ ଦ୍ୱିତୀୟ ଇଂଲଣ୍ଡର ସମ୍ରାଟ ହେଲେ ।
୧୯୧୯– ଆମେରିକାରେ ପାଣିପାଗ ବିଭାଗର ସ୍ଥାପନା କରାଗଲା ।
୧୯୨୭– ଉତ୍ତରପ୍ରଦେଶ ଅଟୋମୋବାଇଲ ସଂଘ ସ୍ଥାପିତ ।
୧୯୨୭– ମହାନ୍ ସ୍ୱତନ୍ତ୍ରତା ସେନାନୀ ରାମପ୍ରସାଦ ବିସ୍ମିଲ୍, ଅଶଫାକ ଉଲ୍ଲା ଖାଁ ଏବଂ ରୋଶନ ସିଂହଙ୍କୁ ଇଂରେଜ ସରକାର ଫାଶିଦେଲେ ।
୧୯୩୪– ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂହ ପାଟିଲଙ୍କ ଜନ୍ମ ।
୧୯୪୧– ଜର୍ମାନର ଏକଛତ୍ରବାଦ ଶାସକ ଆଡଲ୍ଫ ହିଟଲର ସେନାର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଲେ ।
୧୯୬୧– ଗୋଆକୁ ସ୍ୱତନ୍ତ୍ରତା ମିଳିଲା । ତେଣୁ ଏହି ଦିନକୁ ମନେରଖିବା ଲାଗି ସମଗ୍ର ଦେଶରେ ଗୋଆ ମୁକ୍ତ ଦିବସ ପାଳନ କରାଯାଏ ।
୨୦୦୦– ୱେଷ୍ଟଇଣ୍ଡିଜ୍‌କୁ ହରାଇ ଅଷ୍ଟ୍ରେଲିଆ କ୍ରମାଗତ ୧୩ଥର ଟେଷ୍ଟ ମ୍ୟାଚ୍ ଜିତିଲା ।
୨୦୦୬– ଶୈଳଜା ଆଚାର୍ଯ୍ୟ ଭାରତରେ ନେପାଳର ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇଲେ ।



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ରାମ ପ୍ରସାଦ ବିସମିଲ

୧୮୯୭ ଜୁନ୍ ୧୧ରେ ଜନ୍ମିତ ରାମପ୍ରସାଦ ବିସମିଲ ଏକାଧାରାରେ ଜଣେ ଭାରତୀୟ କବି, ଲେଖକ ତଥା ସଂଗ୍ରାମୀ । ସେ ବ୍ରିଟିଶ ବିରୋଧରେ ଅନେକ ଲଢେଇରେ ସାମିଲ ହୋଇ ଦେଶକୁ ସ୍ୱାଧୀନ କରିବା ପାଇଁ ସଂଗ୍ରାମ ଜାରି ରଖିଥିଲେ । ସେ ତାଙ୍କର ସମସ୍ତ ରଚନା ଉର୍ଦ୍ଦୁ ଓ ହିନ୍ଦୀ ଭାଷାରେ କରୁଥିଲେ । ତାଙ୍କର ବିଭିନ୍ନ କ୍ଷେତ୍ରରେ ଥିବା ପାଣ୍ଡିତ୍ୟ ତାଙ୍କୁ ଭିଡ ଭିତରେ ଭିନ୍ନ କରୁଥିଲା । ସେ ଜଣେ ଅନୁବାଦକ ମଧ୍ୟ ଥିଲେ । ସେ ଆର୍ଯ୍ୟ ସମାଜ ସହିତ ଜଡିତ ହୋଇ କାର୍ଯ୍ୟ ସମ୍ପାଦନ କରୁଥିଲେ । ପିଲାଦିନୁ ତାଙ୍କର ଭାଷା ପ୍ରତି ଥିବା ଦୁର୍ବଳତା ବଡହେବାପରେ ତାଙ୍କୁ ଲେଖକ ସଜାଇଥିଲା । ସେ ଦୟାନନ୍ଦ ସରସ୍ୱତୀଙ୍କ ରଚନା ସତ୍ୟାର୍ଥ ପ୍ରକାଶରୁ ଜୀବନରେ ଖୁବ ଅନୁପ୍ରାଣିତ ହୋଇଥିଲେ । ତାଙ୍କ ସ୍ମୃତିରେ ଅମର ସହିଦ ପଣ୍ଡିତ ବିସ୍ମିଲ ଉଦ୍ୟାନ, ସଂଗ୍ରହାଳୟର ନାମକରଣ କରାଯାଇଛି । ଏହି ମହାନ ଲେଖକ ତଥା ସଂଗ୍ରାମୀଙ୍କର ଦେହାନ୍ତ ୧୯ ଡିସେମ୍ବର ୧୯୨୭ ମସିହାରେ ହୋଇଥିଲା ।



# ନୂଆ ନିୟମ

ସାଧାରଣତଃ ସୋସିଆଲ ମିଡିଆରେ କୌଣସି ଲୋକର ଫଟୋ ଦେଖିଲେ ସମସ୍ତେ ଲାଇକ କରିଥାଆନ୍ତି ହେଲେ । ତୁର୍କିରେ କୌଣସି ଅଜଣା ମହିଳାଙ୍କ ଫଟୋକୁ ଲାଇକ କରିବା ଏକ ଅପରାଧ । ଯଦି କୌଣସି ସ୍ୱାମୀ ବାରମ୍ବାର ଅଜଣା ମହିଳାଙ୍କ ଫଟୋକୁ ଲାଇକ କରୁଛନ୍ତି ତେବେ ଏହାକୁ ସ୍ତ୍ରୀଙ୍କ ପ୍ରତି ଧୋକା ବୋଲି ଗଣାଯିବ । ଏଭଳି ନିୟମକୁ ତୁର୍କିର ସବୁଠାରୁ ବଡ ଅଦାଲତ ଲାଗୁ କରିଥିବା ସୂଚନା ମିଳିଛି । ବର୍ତ୍ତମାନ ସ୍ତ୍ରୀମାନେ ବିବାହ ବିଚ୍ଛେଦ ମାମଲାର ଶୁଣାଣି ସମୟରେ ଏହି ସ୍କ୍ରିନସଟକୁ ପ୍ରମାଣ ଭଳି କୋର୍ଟରେ ବ୍ୟବହାର କରିପାରିବେ । ଥରେ କିମ୍ବା ଦୁଇଥର ଲାଇକ କରିବାକ ଭୁଲ ବୋଲି ଧରାଯିବ ହେଲେ ଏହାଠାରୁ ଅଧିକ ଥର ଲାଇକ କରିବାକୁ ଧୋକା ଭାବେ ଗଣାଯିବ । ବର୍ତ୍ତମାନର ନୂଆ ନିୟମ ଅନୁସାରେ ବିବାହ ପରେ ଅନ୍ୟ ମହିଳାଙ୍କୁ ଧ୍ୟାନଦେବା ଧୋକାର ନୂଆ ପରିଭାଷା ଭାବେ ଗଣା ହେବ ।


## ସୋସିଆଲ କୋଟ୍ସ



"ମୋତେ ବିଜନେସ୍‌ର ସ୍କିଲ୍ ଜଣାନଥିଲା । ମୁଁ ଖାଲି ଅନ୍ଧାରରେ ତୀର ମାରିବା ପରି କବାଡି ଖେଳରେ ଇନ୍‌ଭେଷ୍ଟ କରିଥିଲି । ହେଲେ ବର୍ତ୍ତମାନ ଏଥିରୁ ଭଲ ରିଟର୍ଣ୍ଣସ ମିଳୁଛି ।
ଅଭିଷେକ ବଚ୍ଚନ, ଅଭିନେତା



"ମୋତେ ଥ୍ରୀ ଇଡିଅଟ୍ସ ସେଟ୍ ବହୁତ ବୋରିଂ ଲାଗୁଥିଲା । ହେଲେ ଅମିର ମୋତେ ପରେ ବୁଝାଇଥିଲେ । ଏହା ଟିଭି ସେଟ୍ ନୁହେଁ ଏଠି କାମ ଭିନ୍ନ ଢଙ୍ଗରେ ହୋଇଥାଏ ।
ମୋନା ସିଂ, ଅଭିନେତା



"କେବେ ବି ପଇସା ପାଇଁ ଫିଲ୍ମ କରିନାହିଁ । ମୋତେ ଅସାଧୁ ଉପାୟରେ ଆସୁଥିବା ପଇସା ଦରକାର ନାହିଁ । ରାତିରେ ଶାନ୍ତିରେ ଶୋଇବାକୁ ଚାହେଁ ।
ରାଜକୁମାର ରାଓ, ଅଭିନେତା

# କଏନ୍‌ର ଦାମ ୧୫୦ କୋଟି

ନିକଟରେ ଆମେରିକୀୟ ମୁଦ୍ରା ଏକ ସେଣ୍ଟକୁ ସବୁଦିନ ପାଇଁ ବନ୍ଦ କରିଦିଆଯାଇଛି । ଯାହା ପରେ ଏହା ବର୍ତ୍ତମାନ ଇତିହାସ ପାଲଟିଛି । ହେଲେ ଏହାର ଶେଷ ମୁଦ୍ରା ସେଟ ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି, କାରଣ ଏହା କୋଟିକୋଟି ଟଙ୍କାରେ ନିଲାମ ହୋଇଛି । ଡିସେମ୍ବର ୨୫ରେ ବନ୍ଦ ହୋଇଥିବା ଏହି ମୁଦ୍ରାଟିର କିଛି ସେଟ ୧୫୦ କୋଟିରେ ନିଲାମ ହୋଇଛି । ନିକଟରେ ହୋଇଥିବା ଏକ ନିଲାମୀରେ ଏହି ସେଟ ଗୁଡିକ ଏତେ ଅଧିକ ରାଶିରେ ନିଲାମ ହୋଇଛି, ଯାହା ବର୍ତ୍ତମାନ ଏହାକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଛି । ସୂଚନା ଅନୁସାରେ ନିଲାମୀରେ ୨୩୨ ସେଟ କଏନ୍‌କୁ ସ୍ଥାନ ଦିଆଯାଇଥିଲା, ଯେଉଁଥିରେ ଗୋଟେଗୋଟେ ସେଟ ସାତ କୋଟିରେ ନିଲାମ ହୋଇଥିଲା । ପ୍ରତିଟି ସେଟର କଏନ୍ ଗୁଡିକ ସୁନାରୁ ପ୍ରସ୍ତୁତ ହୋଇଛି। ଏହାକୁ କିଣିଥିବା ଲୋକଙ୍କୁ କଏନ୍‌କୁ ପ୍ରସ୍ତୁତ କରୁଥିବା ଛାଞ୍ଚ ମଧ୍ୟ ସାଙ୍ଗରେ ପ୍ରଦାନ କରାଯାଇଛି ।






# ମଟନ୍ କଟଲେଟ୍



**ସାମଗ୍ରୀ –** ୨୦୦ ଗ୍ରାମ ଗ୍ରେଟ୍ ମଟନ୍, ଛୋଟ କଟାହୋଇଥିବା ପିଆଜ ଏକଟା, ସିଝା ଆଳୁ ୨ଟି, ଏକ କପ୍ କର୍ଣ୍ଣଫ୍ଲୋର, ଏକ ଚାମଚ ଭିନେଗାର, ୨ଟି କଞ୍ଚାଲଙ୍କା କଟାହୋଇଥିବା, ଏକ ଚାମଚ ଅଦା ରସୁଣ ପେଷ୍ଟ, ଅଧା ଚାମଚ ଗରମ ମସଲା, ଅଧା ଚାମଚ ଲଙ୍କା ଗୁଣ୍ଡ, କଟା ହୋଇଥିବା ଧନିଆ ପତ୍ର, ଅଧା ଚାମଚ ଚାଟ ମସଲା ।

**ପ୍ରଣାଳୀ –** ମିଡିଅମ୍ ଆଞ୍ଚରେ ପ୍ୟାନ୍ ବସାଇ ତେଲ ପକାଇ ପିଆଜ ଭାଜନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଗ୍ରେଟ୍ ହୋଇଥିବା ମଟନ ପକାନ୍ତୁ । କିଛି ସମୟ ଭାଜିବା ପରେ ଏଥିରେ ଅଦା ରସୁଣ ପେଷ୍ଟ ଓ କଞ୍ଚାଲଙ୍କା ପକାଇ ଭାଜନ୍ତୁ । ଏହାପରେ ଏଥିରେ ଲଙ୍କାଗୁଣ୍ଡ, ଚାଟ ମସଲା, ଲୁଣ ଓ ଗରମ ମସଲା ପକାଇ ଖୁବ୍ କମ ଆଞ୍ଚରେ ରାନ୍ଧନ୍ତୁ । ପରେ ଧନିଆ ଓ ଅଧା କପ୍ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ରାନ୍ଧନ୍ତୁ । ଏହି ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡନ୍ତୁ । ସିଝା ଆଳୁ ସହ ଏହି ମିଶ୍ରଣକୁ ମିଶାଇ କିମା ପ୍ରସ୍ତୁତ କରନ୍ତୁ । ପ୍ରସ୍ତୁତ କିମାକୁ କର୍ଣ୍ଣଫ୍ଲୋର ଓ ଅଳ୍ପ ଲୁଣ ଓ ପାଣି ପକାଇ ଅଟା ଭଳି ଚକଟି ନିଅନ୍ତୁ । ତାପରେ ଏହାକୁ ଛୋଟଛୋଟ ଖଣ୍ଡରେ କାଟି କଟଲେଟ୍ ଆକାର ଦିଅନ୍ତୁ । ଏହାକୁ ଛାଣି ନିଅନ୍ତୁ, ଏବେ ପ୍ରସ୍ତୁତ ହୋଇଗଲା ମଟନ କଟଲେଟ୍ ।

# ନୂଆପ୍ରୋଜେକ୍ଟକୁ ନେଇ ଉତ୍ସାହିତ

ଅଭିନେତ୍ରୀ ମୃଣାଳ ନିଜର ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଉତ୍ସାହିତ ଅଛନ୍ତି । ତାଙ୍କର ଆଗକୁ ରିଲିଜ ହେବାକୁ ଯାଉଛି ଫିଲ୍ମ ଡାଇକୋଟା । ଫିଲ୍ମଟି ଏକ ଆକସନ ଥ୍ରିଲର । ଏହାସହିତ ଏଥିରେ ରୋମାଣ୍ଟିକ ଛୁଙ୍କ ମଧ୍ୟ ଦର୍ଶକ ପାଇବେ । ଫିଲ୍ମଟି ସମ୍ପର୍କରେ ଘୋଷଣା ହେବା ଦିନଠାରୁ ଦର୍ଶକ ଖୁବ ଉତ୍ସାହିତ ଅଛନ୍ତି । ଏଥିରେ ମୃଣାଳଙ୍କ ସହିତ ଆଦିବି ଶେଷଙ୍କୁ ଦର୍ଶକ ଲିଡ ରୋଲରେ ଦେଖିବେ । ଏହା ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଏହାର ଦମଦାର କାହାଣୀ ଦର୍ଶକଙ୍କୁ ହଲକୁ ଆଣିବାରେ ସକ୍ଷମ ହେବ ବୋଲି ମେକର୍ସ ମତ ଦେଇଛନ୍ତି । ସେହିଭଳି ମୃଣାଳ ଓ ଆଦିବି ଶେଷଙ୍କ କେମେଷ୍ଟ୍ରୀ ଦେଖିବାକୁ ଉଭୟଙ୍କ ଫ୍ୟାନ ଅପେକ୍ଷା କରି ରହିଛନ୍ତି । ଫିଲ୍ମଟି ମାର୍ଚ୍ଚ ୧୬ରେ ପରଦାକୁ ଆସିବା ନେଇ ଯୋଜନା ରହିଛି । ସେହିଭଳି ଏଭଳି ଏକ ସ୍ୱତନ୍ତ୍ର ଫିଲ୍ମରେ ଅଭିନୟ କରି ଅଭିନେତ୍ରୀ ମୃଣାଳ ମଧ୍ୟ ଖୁବ ଖୁସି ଅଛନ୍ତି । ଏହା ତାଙ୍କ କ୍ୟାରିୟରର ଏକ ଟର୍ଣ୍ଣିଂ ପଏଣ୍ଟ ହେବ ବୋଲି ସେ ଆଶା ରଖିଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



# ଆଜିର ପଞ୍ଜିକା

ପୌଷମାସ କୃଷ୍ଣପକ୍ଷ ଅମାବାସ୍ୟା
ତା–୧୯–୧୨–୨୦୨୫ ଶୁକ୍ରବାର

**ମେଷ–** ଯାନବାହନରେ ସତର୍କ, ଶରୀର ସୁସ୍ଥ, ନୂତନ ବ୍ୟବସାୟରେ ମାନ୍ଦାବସ୍ଥା, ଶତ୍ରୁ ରହିବେ, ପରିବାରରେ ମତଭେଦ, ବନ୍ଧୁ ସାହାଯ୍ୟ, ମାଲିମୋକଦ୍ଦମାରେ ପଡ଼ିପାରନ୍ତି, ପଡ଼ୋଶୀ କଳହ, ତୀର୍ଥାଟନ, କର୍ମକ୍ଷେତ୍ରେ ସାବଧାନ, ରୋହିଣୀ ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ନାଲି, ସଂଖ୍ୟା–୫, ଆରାଧନା– ଶ୍ରୀବିଷ୍ଣୁ ।

**ବୃଷ–** ପ୍ରୀତିଲାଭ, ବନ୍ଧୁସହଯୋଗ, ବ୍ୟବସାୟରେ ଉନ୍ନତି, ସନ୍ତାନଖୁସି, ତୀର୍ଥାଟନ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା, ପୁରାତନ ସମସ୍ୟା ସମାଧାନ, ଶତ୍ରୁ ପରାଜିତ, କିଛି କାର୍ଯ୍ୟରେ ବିବାଦ, ପାରିବାରିକ ଖୁସି, ରୋହିଣୀ ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ଧଳା, ସଂଖ୍ୟା–୪, ଆରାଧନା– ଶ୍ରୀଜଗନ୍ନାଥ ।

**ମିଥୁନ–** ଧନଲାଭ, ଦ୍ରବ୍ୟ ନଷ୍ଟ, ଅତିଥିଆଗମନ, ମନ ଚଞ୍ଚଳ ରହିବ, ଉଚ୍ଚଆଶାରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବନ୍ଧୁଦର୍ଶନ, ଆମୋଦ ପ୍ରମୋଦ, ହଠାତ୍ ଦୂରଯାତ୍ରା, ଶରୀର ଅସୁସ୍ଥ, ସମ୍ମାନିତ, ଆଦ୍ରା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– କଫି, ସଂଖ୍ୟା–୧୧, ଆରାଧନା– ପ୍ରଭୁ ହନୁମାନ ।

**କର୍କଟ–** ବନ୍ଧୁଦ୍ୱାରା ସାହାଯ୍ୟ, ବ୍ୟବସାୟରେ ମାନ୍ଦାବସ୍ଥା, ପୁରାତନ ରୋଗରେ ଆକ୍ରାନ୍ତ, ମାନସିକ କଷ୍ଟ, ଗୃହଶତ୍ରୁ, ବିଦେଶ ଗସ୍ତ, ଅଯଥା ଅଶାନ୍ତି, ଯାନବାହନରେ ସତର୍କ, ଲୋକସମ୍ପର୍କ ଓ ଅର୍ଥକୁ ନେଇ ଖୁସି ରହିବେ, ପୁଷ୍ୟା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ସିଲଭର, ସଂଖ୍ୟା–୨, ଆରାଧନା– ମା ବଗଳାମୁଖି ।

**ସିଂହ–** ଗୃହେ ଅଶାନ୍ତି, ଦୂରସ୍ଥାନକୁ ଯାତ୍ରା, ସ୍ୱାଦିଷ୍ଟ ଭୋଜନ, ନୂଆ କାର୍ଯ୍ୟ କରିବେ, ଶତ୍ରୁ ପରାଭବ, ଦ୍ରବ୍ୟପ୍ରାପ୍ତି, କର୍ମକ୍ଷେତ୍ରେ ଲାଭ, ମାଲିମୋକଦ୍ଦମାରେ ଆକ୍ରାନ୍ତ, ନୂତନ ବ୍ୟବସାୟ, ବନ୍ଧୁ ଦର୍ଶନ, ଅର୍ଥସମସ୍ୟା ରହିବ, ଶରୀର ପିଡ଼ା, ମଘା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ଧଳା, ସଂଖ୍ୟା–୧, ଆରାଧନା– ଗ୍ରାମଦେବତୀ ।

**କନ୍ୟା–** ଶୁଭକାର୍ଯ୍ୟେ ଅର୍ଥବ୍ୟୟ, ବ୍ୟବସାୟରେ ଉନ୍ନତି, କାର୍ଯ୍ୟ ସଫଳ, ବିଦେଶ ଭ୍ରମଣ, ତୀର୍ଥାଟନ, ଅନୁଷ୍ଠାନରୁ ସମ୍ମାନ ପ୍ରାପ୍ତି, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା, ନୂଆକାର୍ଯ୍ୟେ ବିପଦ, ଶରୀର ଅସୁସ୍ଥ, ଦାମ୍ପତ୍ୟ ସୁଖ, ଶତ୍ରୁକଷ୍ଟ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ବାଇଗଣି, ସଂଖ୍ୟା–୯, ଆରାଧନା– ମା ଲକ୍ଷ୍ମୀ ।

**ତୁଳା–** ସ୍ୱାସ୍ଥ୍ୟରେ ଉନ୍ନତି, ଧନଖର୍ଚ୍ଚ, ଶତ୍ରୁ ରହିବେ, ଉଚ୍ଚଆଶାରେ ବିଳମ୍ବ, ପାରିବାରିକ ଖୁସି, ନୂତନ ନିଯୁକ୍ତି, ବ୍ୟବସାୟରେ ଅଳ୍ପ ଲାଭ, ଭାତୃ ଭଗ୍ନୀଙ୍କ ଶ୍ରଦ୍ଧା ମିଳିବ, ବନ୍ଧୁମିଳନ, ସ୍ୱାଦିଷ୍ଟ ଭୋଜନ, କର୍ମକ୍ଷେତ୍ରେ ଅସନ୍ତୋଷ, ଅନୁରାଧା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ଗୋଲାପି, ସଂଖ୍ୟା–୭, ଆରାଧନା– ଭଗବାନ ଶଙ୍କର ।

**ବିଛା–** ଘାତବାର ହେତୁ ଅଯଥା ବ୍ୟୟ, ଶୁଭକାର୍ଯ୍ୟେ ଖୁସି, ଦ୍ରବ୍ୟହାନି, ବନ୍ଧୁଗୃହକୁ ଯାତ୍ରା, ମାନସମ୍ମାନ ପ୍ରାପ୍ତି, ନୂତନ ନିଯୁକ୍ତି, ବିଦ୍ୟାରେ ସଫଳତା, ସୁଭ ଖବର, କର୍ମପ୍ରତି ଏକାଗ୍ରତା, ବ୍ୟବସାୟରେ ସଫଳତା, ଧାର୍ମିକ କାର୍ଯ୍ୟରେ ଲିପ୍ତ, ମୂଳା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ଧଳା ସଂଖ୍ୟା–୩, ଆରାଧନା– ଶ୍ରୀଜଗନ୍ନାଥ ।

**ଧନୁ–** ଶରୀର ଅସୁସ୍ଥ, ବନ୍ଧୁ ସାହାଯ୍ୟ, କର୍ମରେ ବାଧା, ଉଚ୍ଚଆଶାରେ ଦୁଃଖ, ଧାର୍ମିକ କାର୍ଯ୍ୟ, ସ୍ୱଳ୍ପ ଅର୍ଥ ପ୍ରାପ୍ତି, ଶତ୍ରୁ ରହିବେ, ମୂଲ୍ୟବାନ ଧାତୁ କ୍ରୟ, ବ୍ୟବସାୟରେ ସତର୍କ, ସନ୍ତାନସୁଖ, ଦାମ୍ପତ୍ୟ ଖୁସି, ବାକିଥିବା ଅର୍ଥ ପ୍ରାପ୍ତି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ହଳଦୀ, ସଂଖ୍ୟା–୨, ଆରାଧନା– ସୂର୍ଯ୍ୟନାରାୟଣ ।

**ମକର–** ବ୍ୟବସାୟରେ ଲାଭ, ଶୁଭକାଯର୍ଯ୍ୟ ତୀର୍ଥାଟନ, ବନ୍ଧୁ ସହଯୋଗ, ଶରୀର ସୁସ୍ଥ, ସମ୍ମାନପ୍ରାପ୍ତି, ବସ୍ତ୍ରଭୂଷଣ ପ୍ରାପ୍ତି, ପାରିବାରିକ ଖୁସି, ସନ୍ଥ ଦର୍ଶନ, ସ୍ୱାଦିଷ୍ଟ ଭୋଜନ, ଅର୍ଥାଗମ, ନୂତନ ନିଯୁକ୍ତି, ଶ୍ରବଣା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ–କଳା, ସଂଖ୍ୟା–୧, ଆରାଧନା– କୁବେର ଭଗବାନ ।

**କୁମ୍ଭ–** ଅର୍ଥଲାଭ, ବାଣିଜ୍ୟେ ଲାଭ, ଅତିଥିଆଗମନ, ଆର୍ଥିକ ସହଯୋଗ, ପାରିବାରିକ ଖୁସି, ବିଦ୍ୟାରେ ଲାଭ, ଶରୀର ସୁସ୍ଥ, ଉଚ୍ଚଆଶାରେ ବିଳମ୍ବ, ସମ୍ମାନ ମିଳିବ, ବାହାରକୁ ଯାତ୍ରା, ନୂତନ କାର୍ଯ୍ୟେ ଖୁସି, ଅଯଥା ବିବାଦ, ଶତଭିଷା ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ନୀଳ, ସଂଖ୍ୟା–୬, ଆରାଧନା– ମା ବିମଳା ।

**ମୀନ–** ପ୍ରୀତି ବୃଦ୍ଧି, ମାନସମ୍ମାନ ପ୍ରାପ୍ତି, ଦୂରଯାତ୍ରା, ବ୍ୟବସାୟରେ ଲାଭ, କର୍ମକ୍ଷେତ୍ରେ ପ୍ରଶଂସା, ଉଚ୍ଚପଦବୀରେ ଲାଭ, ଅର୍ଥସମସ୍ୟା ସମାଧାନ, ଭାତ୍ରୁ ଭଗ୍ନିଙ୍କ ସ୍ନେହ, ବିଦ୍ୟାରେ ଉନ୍ନତି, ଲୋକସମ୍ପର୍କ ରହିବ, ରୋହିଣୀ ନକ୍ଷତ୍ର ସତର୍କରହିବେ, ଶୁଭରଙ୍ଗ– ଚକଲେଟ କଲର, ସଂଖ୍ୟା–୧୦, ଆରାଧନା– ଶ୍ରୀ ମହାଲକ୍ଷ୍ମୀ ।



ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଶ୍ରୀମନ୍ଦିର ପ୍ରଶାସନର ନୂତନ ବର୍ଷ କ୍ୟାଲେଣ୍ଡର ଲୋକାର୍ପିତ

ଭୁବନେଶ୍ୱର, ୧୮ ।୧୨ (ସବ୍ୟୁ) : ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ଥାଇ ସୁଦୃଶ୍ୟ କ୍ୟାଲେଣ୍ଡର (ଉଭୟ ୱାଲ୍ ଏବଂ ଡେସ୍କ୍) ପ୍ରକାଶ ପାଇଛି ।



କ୍ୟାଲେଣ୍ଡର ଗୁଡିକର ପ୍ରଥମ କପିକୁ ଧନୁ ସଂକ୍ରାନ୍ତୀ ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି । ଏହି ଦେବାର୍ପଣ ପରେ ଆଜି ଉଭୟ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ଉନ୍ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉଭୟ କ୍ୟାଲେଣ୍ଡରରେ ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଏବଂ ପାରମ୍ପରିକ ପଥର ଖୋଦେଇ ଚିତ୍ର ମାଧମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ର ଗୁଡିକ ଉପସ୍ଥାପିତ କରାଯାଇଛି । ଆଗାମୀ ଦୁଇ ତିନି ଦନ ପରେ ପୁରୀ ଓ ଭୁବନେଶ୍ୱର ସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଗୁଡିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କୁ ବିକ୍ରୟ ନିମନ୍ତେ ଉପଲବ୍ଧ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ୍ୟ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଦେବବ୍ରତ ସାହୁ ଏବଂ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ପଦକୁ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ପଦୋନ୍ନତି

# ଅନ୍ୟ ଚାରିଜଣ ବିଚାରପତିଙ୍କୁ ମଧ ମୁଖ୍ୟ ବିଚାରପତି ପଦକୁ ପଦୋନ୍ନତି

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କର ବିହାର ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ପଦକୁ ପଦୋନ୍ନତି ହୋଇଛି। ଆଜି ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ୍ କରାଯାଇଛି । କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଜଷ୍ଟିସ୍ ସାହୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଅଲଙ୍କୃତ କରିବେ ।କଟକରେ ଜନ୍ମିତ ଜଷ୍ଟିସ୍ ସଙ୍ଗମ କୁମାର ସାହୁ ବିଏସ୍‌ସି ପାସ୍ କରିବା ପରେ କଟକ ଲ' କଲେଜ୍‌ରୁ ଏଲ୍‌ଏଲ୍‌ବି ପାସ୍ କରିଥିଲେ । ରାଜ୍ୟ ଆଇନଜୀବୀ ପରିଷଦରେ ନିଜ ନାମ ପଞ୍ଜିକରଣ କରିବା ପରେ ବାପା ତଥା ବିଶିଷ୍ଟ ଫୌଜଦାରୀ ଆଇନଜୀବୀ ଶରତ ଚନ୍ଦ୍ର ସାହୁ ଏବଂ ଅନ୍ୟତମ ଆଇନଜୀବୀ ଡ. ମନୋରଞ୍ଜନ ପଣ୍ଡାଙ୍କ ନିକଟରେ ସେ ପ୍ରାକ୍ଟିସ୍ କରିଥିଲେ। ୨୦୧୪ ମସିହା ଜୁଲାଇ ୨ ତାରିଖରେ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ତ୍ୱରିତ ମାମଲାର ବିଚାର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରକାଶ କରି ସେ ହାଇକୋର୍ଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଜଷ୍ଟିସ୍ ସାହୁଙ୍କ ବାଦ୍ ଅନ୍ୟ ଚାରିଜଣ ବିଚାରପତିଙ୍କୁ ମଧ୍ଯ କଲେଜିୟମ୍ ପକ୍ଷରୁ ପଦୋନ୍ନତି ଦିଆଯାଇଛି। ଆହ୍ଲାବାଦ୍ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମନୋଜ କୁମାର ଗୁପ୍ତାଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ପଦକୁ ପଦୋନ୍ନତି ଦିଆଯାଇଥିଲାବେଳେ ବମ୍ବେ ହାଇକୋର୍ଟର ଶ୍ରୀମତୀ ରେବତୀ ପି. ମୋହତୀ ଦୀରେଙ୍କୁ ମେଘାଳୟ ମୁଖ୍ୟ ବିଚାରପତି, ବମ୍ବେ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ସୋନିକଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି, କେରଳ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏ. ମହମ୍ମଦ ମୁସ୍ତାକଙ୍କୁ ସିକ୍କିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ପଦକୁ ପଦୋନ୍ନତି ଦିଆଯାଇଛି ।

# ନବବର୍ଷ ଉପଲକ୍ଷେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଏସପି

ପୁରୀ: (ସବ୍ୟୁ): ଆସନ୍ତା ନବବର୍ଷ ୨୦୨୬ ଉପଲକ୍ଷେ ଶ୍ରୀଜଗନ୍ନାଥ ମନ୍ଦିରକୁ ଆଗମନ କରିବେ ଲକ୍ଷାଧିକ ଶ୍ରଦ୍ଧାଳୁ। ଭକ୍ତଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ନିମନ୍ତେ ଗୁରୁବାର ସନ୍ଧ୍ୟାରେ ଏସ୍ପି ପ୍ରତୀକ୍ ସିଂହଙ୍କ ନେତୃତ୍ୱରେ ଏକ ସମୀକ୍ଷା ଦଳ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ। ଏହି ସମୀକ୍ଷା ସମୟରେ ଶ୍ରୀମନ୍ଦିରର ଚାରୋଟି ଦ୍ୱାର ସିଂହଦ୍ୱାର, ଅଶ୍ୱଦ୍ୱାର, ବ୍ୟାଘ୍ରଦ୍ୱାର ଓ ହସ୍ତିଦ୍ୱାର ସହିତ ସମ୍ପୃକ୍ତ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା, ବାରିକେଡିଂ, ଭିଡ଼ ନିୟନ୍ତ୍ରଣ, ସିସିଟିଭି କ୍ୟାମେରା, ଆଲୋକ ବ୍ୟବସ୍ଥା ଓ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କର ଖୁବ ଭଲଭାବେ ଅନୁଧ୍ୟାନ କରାଯାଇଥିଲା। ନବବର୍ଷ ଅବସରରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବାର ସମ୍ଭାବନା ଥିବାରୁ, ଭିଡ଼ ପରିଚାଳନାକୁ ସୁଚାରୁ ଓ ସୁରକ୍ଷିତ କରିବା ପାଇଁ ଅଧିକ ପୋଲିସ ବ୍ୟବସ୍ଥା, ପଦଚାଳିତ ଓ କ୍ୱିକ୍ ରିସ୍ପୋନ୍ସ ଟିମ୍ ନିଯୁକ୍ତି,



ସଠିକ୍ ରୁଟ୍ ପ୍ଲାନ୍, ପାବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଘୋଷଣା, ଏବଂ ଆପାତକାଳୀନ ସ୍ଥିତି ପାଇଁ ପ୍ରସ୍ତୁତି ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମ୍ପୃକ୍ତ ଥାନା ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ପୁରୀ ପୋଲିସ ପକ୍ଷରୁ ନବବର୍ଷ ୨୦୨୬ ଅବସରରେ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ସହଯୋଗ କରିବା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ସୁଚାରୁ ଦର୍ଶନ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଉଛି।

# ନବବଧୂଙ୍କୁ ହତ୍ୟା ଉଦ୍ୟମ

କଣାସ,(ସବ୍ୟୁ): :ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ତଇଲା ଗ୍ରାମରେ ନବବଧୂଙ୍କୁ ଯୌତୁକ ପାଇଁ ପେଟ୍ରୋଲ ପକାଇ ହତ୍ୟା ଉଦ୍ୟମ ଅଭିଯୋଗ ।ଖବର ନେବାରେ ଜଣାପଡିଛି କଳାପଦର ଗ୍ରାମର ଅଛବ ସାହୁଙ୍କ ମଧ୍ୟମା କନ୍ୟା ସୁଜାତା ସାହୁଙ୍କ ଗତ ୧୯/୦୬/୨୦୨୫ ରିଖରେ ଗଡିଶାଗୋଦା ଥାନା ଅନ୍ତର୍ଗତ ତଇଲା ଗ୍ରାମର ଅନନ୍ତ ମାଝୀଙ୍କ କନିଷ୍ଠ ପୁତ୍ର ସୁଜିତ ମାଝିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବାହାଘର ପରଠାରୁ ଶାଶୁ,ଶ୍ୱଶୁର ଓ ସ୍ୱାଇଁ ଏକ ଲକ୍ଷ ଟଙ୍କା ଦାବି କରି ବିଭିନ୍ନ ସମୟରେ ଝିଅକୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି ।ଝିଅର ଫୋନ ପାଇ ପିତା ଓ ଅନ୍ୟମାନେ ପୁଅ ଘରେ ପହଞ୍ଚି ବୁଝା ସୁଝା କରି ସମାଧାନ କରିଆସନ୍ତି ।ହେଲେ ଗତ ବୁଧବାର ବିଳମ୍ବିତ ରାତ୍ରରେ ଝିଅ ସୋଇଥିବା ସମୟରେ ପରିବାର ଲୋକ ପେଟ୍ରୋଲ ଢାଳି ଝିଅ ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ଝିଅର ପରିବାର ଲୋକ ଜାଣିବାକୁ ପାଇଥିଲେ ।ଘଟଣା ସ୍ଥଳରେ ପହଞ୍ଚିବା ପରେ ପୁଅଘର ଲୋକେ ଝିଅକୁ ମେଡିକାଲ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଏବେ କଟକ ଏସିବି ମେଡିକାଲରେ ଚିକିତ୍ସା ହେଉଥିବା ଜଣାପଡିଛି । ଏନେଇ ଝିଅର ବୋଉ କମଳିନୀ ସାହୁ ଆଜି ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ସେପଟେ ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ କହିଛନ୍ତି ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି ।ନବବଧୂଙ୍କର ଶରୀର ୮୦ ଭାଗ ପୋଡି ଯାଇଛି ।ଘଟଣା ସ୍ଥଳରେ ନିଜେ ଥାନା ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।ଅଭିଯୋଗକୁ ଭିତ୍ତିକରି ୨୦୨/୨୦୨୫ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି ।

# ସୁଶାସନ ଦିବସ ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ସୁଶାସନ ଦିବସ ଓ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ଚଳିତ ମାସ ୨୫ ତାରିଖରେ ପାଳିତ ହେବ। ଏହି ଦିବସ କୁ ସୁଚାରୁ ରୁପେ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଆଜି ଅପରାହ୍ନ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା ।ଗତ ବର୍ଷ ଠାରୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇ ଆସୁଛି ।ଚଳିତ ବର୍ଷ ଏହାକୁ ପୂର୍ବାପେକ୍ଷା ଅଧିକ ସୁନ୍ଦର ଭାବେ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତ ଙ୍କୁ ପରାମର୍ଶ ଦେଇଥିଲେ ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ନିଷ୍ଠାର ସହ ଉପଯୁକ୍ତ ସମୟ ସୀମା ମଧ୍ୟରେ ତାହାକୁ ପୂର୍ଣ୍ଣାଙ୍ଗ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।ନିଷ୍ପତ୍ତି ଅନୁସାରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଡିସେମ୍ବର ୨୫ ତାରିଖ ପୂର୍ବାହ୍ନ ସମୟରେ ସୁଶାସନ ଦିବସ ଓ ବାଜପେୟୀଙ୍କ ଜୟନ୍ତୀ ପାଳିତ ହେବ ।ମହାପ୍ରଭୁଙ୍କ ଫଟୋ ଚିତ୍ର ଓ ବାଜପେୟୀଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ ।ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ।ବିଦ୍ୟୁତ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ,ୱାଟକୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୌର ପାଳିକା ପକ୍ଷରୁ ପରିଷ୍କାର ପରିଛନ୍ନତା, ଅଗ୍ନି ଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ,ପୋଲିସ ବିଭାଗ ପକ୍ଷରୁ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଗଲା ।ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ ।ସରକାର ଙ୍କ ମାର୍ଗଦର୍ଶିକା ଆଧାର ରେ ଏହା ଆୟୋଜନ କରାଯିବ ଓ ଏହାକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ ପାଇଁ ସେ ଅନୁରୋଧ କରିଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

### ଏୟାରପୋର୍ଟ ଥାନା ସାମ୍ନା ରଣକ୍ଷେତ୍ର ମାମଲା

# ଶହ ଶହ ଅଟୋଚାଳକଙ୍କ ବିକ୍ଷୋଭ ପରେ ମୁଖ୍ୟ ଅଭିଯୁକ୍ତକୁ କୋର୍ଟଚାଲାଣ

ଭୁବନେଶ୍ୱର, (ସବ୍ୟୁ) : ଗାଡି ସାଇଟ୍ ମାରିବାକୁ ନେଇ ଏୟାରପୋର୍ଟ ଥାନା ସାମ୍ନାରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ତୀବ୍ରତର ହୋଇଥିଲା । ଏପରିକି ବାଇକ୍ ଆରୋହୀ ସମର୍ଥକମାନେ ମାରଣାସ୍ତ୍ର ଧରି ଅନ୍‌ଲାଇନ୍ ଅଟୋଚାଳକକୁ ଆକ୍ରମଣ କରିଥିଲେ । କେବଳ ତାଙ୍କୁ ନୁହେଁ ଏୟାରପୋର୍ସ ଛକରେ ଏଭଳି ପରିସ୍ଥିତି ଉପୁଜାଇଲେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଗଲା । ବୁଧବାର ଅପରାହ@ ରେ ଥାନା ସାମ୍ନା ରଣକ୍ଷେତ୍ରରେ ପରିଣତ ହେଲା । ଗୁରୁବାର ଶହ ଶହ ଅଟୋଚାଳକ ଏୟାରପୋର୍ଟ ଥାନା ସାମ୍ନାରେ ପହଞ୍ଚି ବିକ୍ଷୋଭ କରି ଅଭିଯୁକ୍ତକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଦାବି କରିଥିଲେ । ବୁଧବାର ସେମାନେ ଦୁଇଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ତାଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବାରୁ ତାଙ୍କ ନାମ ପ୍ରକାଶ କରାଯାଉନାହିଁ । ମୁଖ୍ୟ ଅଭିଯୁକ୍ତ ବିଶ୍ୱାନାଥ ଭୋଇ (୨୨)କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିଥିବା କହିଛି । ବିକାଶ ସାହୁଙ୍କ ଏତଲା ଆଧାରରେ ଏୟାରପୋର୍ଟ ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତ ସମେତ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି । ବୁଧବାର ଅଭିଯୋଗକାରୀ ଏୟାରପୋର୍ଟ ଟ୍ରାଫିକ୍ ପାଖରୁ ଟ୍ୟାକ୍ସି ଚଳାଇ ଆସୁଥିବା ବେଳେ ଜଣେ ମୋଟରସାଇକେଲ ଆରୋହୀ ବିପରୀତ ଦିଗରୁ ଆସି ତାଙ୍କ କାର୍‌କୁ ଧକ୍କା ଦେଇଥିଲା । ଏହାପରେ ଅଭିଯୋଗକାରୀ ବାଇକ୍ ଆରୋହୀକୁ ପଚରାଉଚୁରା କରିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ ମାରିଥିଲା । ଏହାପରେ ବାଇକ୍ ଆରୋହୀ ୧୦/୧୨ଜଣ ସହଯୋଗୀକୁ ଘଟଣାସ୍ଥଳକୁ ଡାକିଥିଲା । ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକ ଦେଖାଇ ଅଭିଯୋଗକାରୀଙ୍କୁ ହତ୍ୟା କରିବାକୁ ଧମକାଇଥିଲା । ସମସ୍ତେ ମିଶି ତାଙ୍କୁ ନିର୍ମମ ଭାବରେ ଆକ୍ରମଣ କଲେ ।

ଅଭିଯୋଗକାରୀଙ୍କ ମୁଣ୍ଡରେ ଆଘାତ ହେବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଅନେକ ଆଘାତ ଲାଗିଥିଲା । ବାଇକ୍ ଆରୋହୀ ସମର୍ଥକମାନେ ଏୟାରପୋର୍ଟ ଛକରେ ଆତଙ୍କ ସୃଷ୍ଟି କରିଥିଲେ । ସେ ଭୟଭୀତ ହୋଇ ତାଙ୍କ ଡ୍ରାଇଭର ବନ୍ଧୁମାନଙ୍କୁ ଡାକିଥିଲେ । ଅନ୍ୟମାନଙ୍କ ସହଯୋଗରେ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଧରି ପିସିଆର୍ ଜିମା ଦେଇଥିଲେ । ଗିରଫ ହୋଇଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ନାବାଳକ ବୋଲି ପୋଲିସ କହିଛି । ବିଶ୍ୱନାଥ ବିରୋଧରେ ପୋଲିସ ସଠିକ୍ ପ୍ରମାଣ ପାଇବା ପରେ ଗୁରୁବାର ତାକୁ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ରାଜ୍ୟରେ ଧାନ କିଣା ପ୍ରକ୍ରିୟା ତ୍ୱରାନ୍ୱିତ

# ଏବେ ସୁଦ୍ଧା ୨.୨୪ ଲକ୍ଷ ଟନ ଧାନ ସଂଗ୍ରହ

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି । ପର୍ଯ୍ୟାୟକ୍ରମେ ସ୍ଥାନୀୟ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ କରାଯିବ । ବର୍ତ୍ତମାନ ସୁଦ୍ଧା ଏହି ଜିଲ୍ଲା ଗୁଡ଼ିକରୁ ୪୯,୦୫୧ ଜଣ ଚାଷୀଙ୍କଠାରୁ ଦୁଇ ଲକ୍ଷ ୨୪ ହଜାର ୭୦୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି ।

ଗତବର୍ଷ ତୁଳନାରେ ଏବର୍ଷ ବର୍ତ୍ତମାନ ସୁଦ୍ଧା ସମ୍ବଲପୁରରେ ଅଧିକ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଛି । ମୋଟ ୧୮ ହଜାର ୮୯୧ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିବା ବେଳେ ଗତବର୍ଷ ଏହିଦିନ ସୁଦ୍ଧା ୧୪ ହଜାର ୮୯୬ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିଲା ।



ଗତବର୍ଷ ନଭେମ୍ବରରେ ୨୫ରେ ସମ୍ବଲପୁରରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ଡିସେମ୍ବର ୨ ତାରିଖରେ ଜିଲ୍ଲାରେ ଧାନସଂଗ୍ରହ ହୋଇଛି । ଚଳିତ ଖରିଫ ଋତୁରେ ସମସ୍ତ ଚାଷୀମାନଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ପଞ୍ଜିକରଣ ଅବଧି ବୃଦ୍ଧି ସହ ଅଧିକ ଚାଷ ଜମି ଅଞ୍ଚଳକୁ ସର୍ଭେ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତ ଜିଲ୍ଲାରେ ସାଟେଲାଇଟ ମାଧ୍ୟମରେ ସଠିକ ଚାଷ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ଏତଦବ୍ୟତୀତ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ରାଶି ମଧ୍ୟ ସରକାରୀ ସ୍ତରରେ ଧାନ ବିକିବା ପାଇଁ ପ୍ରୋତ୍ସାହିତ କରିଥିବା ଲକ୍ଷ୍ୟ କରାଯାଇଛି ।

ପ୍ରତ୍ୟେକ ଯୋଗ୍ୟ ଚାଷୀମାନଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ଟୋକନ୍ ପ୍ରଦାନ କରାଯାଇ ଧାନ ସଂଗ୍ରହ କରାଯାଉଛି । ଯଦି କୌଣସି ଅଭିଯୋଗ ଥାଏ ତେବେ ଚାଷୀମାନେ ସଂପୃକ୍ତ ମଣ୍ଡିରେ କିମ୍ବା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିପାରିବେ । ଏଥିସହ ଟୋଲ୍ ଫ୍ରି ନମ୍ବର -୧୯୬୭

- ୯ ଜିଲ୍ଲାର ୪୯,୦୫୧ ଚାଷୀ ବିକିଲେ ଧାନ
- ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାରେ ହେବ ଧାନ କିଣା

ମାଧ୍ୟମରେ ମଧ ନିଜର ଅଭିଯୋଗ ଦାଖଲ କରିପାରିବେ । ସେମାନଙ୍କ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧାନ ସଂଗ୍ରହ ନେଇ ଅନ୍ୟ କୌଣସି ବ୍ୟକ୍ତିବିଶେଷ କିମ୍ବା ଗୁଜବକାରୀଙ୍କ କଥା ନ ଶୁଣିବା ପାଇଁ ଯୋଗ୍ୟ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । ଧାନ ବିକ୍ରୟ କରିବାର ୪୮ ଘଣ୍ଟା ମଧ୍ୟରେ ସଂପୃକ୍ତ ଚାଷୀଙ୍କ ଆକାଉଣ୍ଟକୁ ଏହି ଅର୍ଥରାଶି ପ୍ରଦାନ କରାଯାଉଛି । ଏଥିପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବା ସହ ଚାଷୀମାନଙ୍କୁ ଆଧାର ସଂଯୁକ୍ତ ଇ-କେଓ୍ୱାଇସି ଭିତ୍ତିକ ଦେୟ ପ୍ରଦାନର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟମିତ ସୁଧ ଫେରସ୍ତ ସରକାରଙ୍କ ପ୍ରତିବଦ୍ଧତା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିୟମିତ ସୁଧ ଫେରସ୍ତ ସରକାରଙ୍କ ପ୍ରତିବଦ୍ଧତା ଓ ଏହା



ସଦସ୍ୟାମାନଙ୍କ ଅର୍ଥନୈତିକ ଭାଗିଦାରୀକୁ ଆହୁରି ସଶକ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି। ମିଶନ ଶକ୍ତି ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ କରକମଳରେ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ୧ଲକ୍ଷ ୫୫ହଜାର ୮୫୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୦ କୋଟି ୨୦ ଲକ୍ଷ ୫୨ହଜାର ୬୨୧ ଟଙ୍କା ବ୍ୟାଙ୍କ ଋଣ ସୁଧ ଫେରସ୍ତ ଆକାରରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରିଶ ଏସ. ଏନ., ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ଅତିରିକ୍ତ ସଚିବବୃନ୍ଦ ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିବୃନ୍ଦ ସହିତ ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମ୍ପୃକ୍ତ ବ୍ୟାଙ୍କ ପ୍ରତିନିଧିମାନଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବ୍ୟାଙ୍କ ଋଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିତ୍ତୀୟ ପରିଚାଳନା ବିଷୟରେ ସଚେତନ କରିବା ପାଇଁ ସେ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଗିରିଶ ଏସ. ଏନ. ନିଜ ସ୍ୱାଗତ ଭାଷଣରେ ଉପସ୍ଥାପନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୩୧୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି ।

# ରାତି ଅଧରେ ୯ବାଲି ଗାଡି ଜବତ

ବାରଙ୍ଗ , (ସବ୍ୟୁ): ବାଲି ଓ ମୋରମର ଚୋରା ଚାଲାଣର ପେଣ୍ଠସ୍ଥଳ ଏବେ ପାଲଟିଛି ବାରଙ୍ଗ ଅଞ୍ଚଳ ।ରାତି ହେବା ମାତ୍ରେ ମାଫିଆ ମାନେ ସକ୍ରିୟ ହୋଇଉଠୁଛନ୍ତି ।ସ୍ଥାନୀୟ କୁଜିନେତାମାନଙ୍କୁ ହାତରେ ରଖି ବେଶ ଲାଭବାନ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ହେବାରେ ଲାଗିଛି ।ସବୁଠାରୁ ବଡକଥା ହେଲା ଖଣି ବିଭାଗ ଏସବୁର ଟେର ପାଉନଥିବା ବେଳେ ପୋଲିସ ବାଲି ମାଫିଆଙ୍କୁ ସାବାଡ କରିବାରେ ଲାଗିଛି ।ବୁଧବାର ବିଳମ୍ବିତ ରାତିରେ ୯ଟି ବାଲି ବୋଝେଇ ଗାଡ଼ିକୁ ଜବତ କରିଛି ବାରଙ୍ଗ ଥାନା ପୋଲିସ । ବୁଧବାର ବିଳମ୍ବିତ ରାତିରେ ବାରଙ୍ଗଥାନା ପୋଲିସ ସିଆଇଏସଏଫ ଛକ ନିକଟରେ ରାସ୍ତା ବ୍ଲକି କରି ଚେକିଂ କରୁଥିଲେ ।ଏହି ସମୟରେ ଦୃତ ଗତିରେ ଆସୁଥିବା ବାଲି ବୋଝେଇ ହାଇଓ୍ୱାଗୁଡ଼ିକୁ ରୋକିଥିଲେ ।ଗାଡିର କାଗଜପତ୍ର ଯାଞ୍ଚ କରିବା ବେଳେ ଓଡି ୦୫ବିଟି ୪୩୭୭ ଓ ଓଡି ୦୨ବିଏଲ ୨୧୩୩ ନମଓ୍ୱର ଦୁଇଟି ଗାଡିର ଚାଳକ ବାଲି ଚାଲାଣର କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ୭୦୫/୨୫ ଏବଂ ୭୦୬/୨୫ କେସନମଓ୍ୱରରେ ପୋଲିସ ଦୁଇଟି ମକଦ୍ଦମା ରୁଜୁ କରି ଗାଡ଼ି୨ଟିକୁ ଜବତ କରିଛି ।

# ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କ କୋଣାର୍କ ମନ୍ଦିର ପରିଦର୍ଶନ

ପୁରୀ, (ସବ୍ୟୁ) : ଗୁରୁବାର ପୂର୍ବାହ୍ନରେ ୯ ଟି ରାଷ୍ଟ୍ର ର ୧୮ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନସର ଓ ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର କୋଣାର୍କ ମନ୍ଦିର ପରିଦର୍ଶନ କରିଛନ୍ତି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱରରୁ ଆସିଥିଲେ ।ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ବିନାୟକ ମିଶ୍ର ଓ ସୂର୍ଯ୍ୟ ପ୍ରକାଶ ଜଟି ତାଙ୍କୁ ସହଯୋଗ କରିଥିଲେ ।କୋଣାର୍କ ରେ ସେମାନେ ପହଞ୍ଚିବା ପରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ତାଙ୍କୁ ସ୍ୱାଗତ କରିଥିଲେ ।ପରେ ଗାଇଡ ଅନିମେଶ ଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନଫ୍ଲୁଏନସର ମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ ।ମନ୍ଦିର କୁ ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ।ଏହି ଟିମ ରେ ମିଁୟାମାର ରୁ ଥାନ୍ ଟିଣ୍ଟ, ୟା ମିନ ଥେନ୍ ,ଇଣ୍ଡୋନେସିଆ ରୁ ମାଲେସିଆ ରୁ ମହମ୍ମଦ ଆଫିଗ ବିନ ଆବାଦ ରହିମ,ନୁରୁଲା ଅତିଗ ବିନ୍ତି ରସିଦ,ସାଉଥ କୋରିଆ ରୁ ମିଁୟୁଁଘାନ ପାର୍କ,ସାଘ୍ନାନ



ପାନ୍ଥୁ ୱାସକିଆ,ରଫି ଫଦିଲାହା ରିଜକୁଲ୍ଲା, ଜାପାନ ରୁ ତାକୁରା କାକେଫୁଦା,ସାରି ଟିସୁକା,ୟୋକୋ ନୋଗାମୀ, ମାଙ୍ଗୋଲିଆ ରୁ ଏନଖବୁଲଗାନ ଏନଖାବତର,ଖାନକୁ ଜରଗଲବାୟାର, ସିଙ୍ଗାପୁର ରୁ ମେଲଭିନ ଟିସେଙ୍ଗ, ହୁକେଲନାଥାନିଏଲ ଅବଦୁଲ୍ଲା, ଟୋ,ଶ୍ରୀଲଙ୍କା ରୁ ୱବାଇ ଦିନେଶ ଆସିରି ପାଥୁମ ପେୟିରିସ, ୱିଜିକୋନ ମୁଦିଆନ ସେଲଜ ଶ୍ରୀଆନ୍ଥା ଇଣ୍ଡୁଲି ୱାଇଜେକୋନ ଓ ଥାଇଲାଣ୍ଡ ରୁ ପାଟାମୋନ କାନଜନପୁନ ସାମିଲ ହୋଇଥିଲେ ।ପରେ ସେମାନେ ଭୁବନେଶ୍ୱର ଫେରି ଫେରି ଯାଇଥିଲେ।

## ସରଗି ଫୁଲ୍ ମହୋତ୍ସବ ୨୦୨୫ର ଶୁଭାରମ୍ଭ କଲେ ମନ୍ତ୍ରୀ

# ୩୦ ଜିଲ୍ଲାରୁ ୧୧୬୦ ଅଂଶଗ୍ରହଣକାରୀ ସାମିଲ୍

ଭୁବନେଶ୍ୱର, (ସବ୍ୟୁ): ଆରମ୍ଭ ହୋଇଯାଇଛି ବହୁ ପ୍ରତିକ୍ଷିତ ସରଗି ଫୁଲ୍ ମହୋତ୍ସବ ୨୦୨୫ । ତିନିଦିନବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବର ଶୁଭାରମ୍ଭ କରିଛନ୍ତି ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧିନରେ ଥିବା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଆନୁକୁଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରିଛନ୍ତି । ଅନ୍ୟାନ୍ୟ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି.ପରମେଶ୍ୱରନ୍, , ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀଣା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ସୁଧାକର ଶବର ପ୍ରମୁଖ ଉପସ୍ଥିତ ଥିଲେ ।



ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି କହିଛନ୍ତି, ପିଲାମାନଙ୍କ ମଧ୍ୟରେ ଅଫୁରନ୍ତ ଆଶା ଓ ଆନନ୍ଦ ଆଣିଦେବାରେ ସହାୟକ ହୁଏ ସରଗି ଫୁଲ୍ ମହୋତ୍ସବ । ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି କ୍ଷମତା ବହନ କରୁଛନ୍ତି । ବିଶେଷ କରି ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଅଧିକ ବିକଶିତ କରିବା ନିମନ୍ତେ ଏହି ମହୋତ୍ସବ ଏକ ଅଭିନବ ମାଧ୍ୟମ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖି ସର୍ଗିଫୁଲର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଉଦଘାଟନୀ ଅବସରରେ ୨୦୨୫ ଦଶମ ବୋର୍ଡ଼ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୧୦ ଜଣ ଏସସି/ ଏସଟି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ ସହ ସ୍ମାରକି ଏବଂ ପୁସ୍ତକ ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବିଭାଗୀୟ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୧୧୬୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି ।

ଚଳିତ ବର୍ଷ ତିନିଦିନବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି । ୪୦ ଟି ଷ୍ଟଲରେ ୮୦ ଜଣ ଛାତ୍ରଛାତ୍ରୀ ଓ ୪୦ ଟି ଗାଇଡ୍ ଶିକ୍ଷକ ସାମିଲ୍ ଅଛନ୍ତି । ସେହିପରି ୧୧୨ ଜଣ ଅଂଶଗ୍ରହଣକାରୀଙ୍କୁ ନେଇ ତପୋବନ ଉଚ୍ଚ ବିଦ୍ୟାଳୟରେ ଭଲି ବଲ୍ ପ୍ରତିଯୋଗିତା ଆୟୋଜିତ କରାଯିବ । ଏଥିସହ ୧୬ ଟି ପାଭିଲିୟନ୍ ରେ ୨୨ ଟି ପ୍ରତିଯୋଗିତା ଆୟୋଜିତ ହେବ । ଯେଉଁଥିରେ କି ଚିତ୍ରାଙ୍କନ, ସଙ୍ଗୀତ, ଡିବେଟ୍, କୁଇଜ୍, ନୃତ୍ୟ, ସ୍ଲୋଗାନ୍ ଆଦି ପ୍ରତିଯୋଗିତା କରାଯିବ । ଏଥିସହ ୨୭ ଟି କର୍ମଶାଳା ମଧ୍ୟ ଆୟୋଜନ କରାଯିବ । ଯେଉଁଥିରେ କି ଶିଶୁ ସାମ୍ବାଦିକତା, ଗଣିତ ଖେଳ, ମୁରାଲ୍ ଆର୍ଟ, କଣ୍ଢେଇ ଖେଳ, ଷ୍ଟୋରିଟେଲିଂ, ଗ୍ଲାସ୍ ପେଣ୍ଟିଂ, ଛଉ, ପୋଷ୍ଟର ମେକିଂ, ଚିତ୍ରାଙ୍କନ ଆଦି ଆୟୋଜିତ ହେବ ।

## ବର୍ଦ୍ଧିତ ଭତ୍ତା ନେବେନି ପ୍ରସାଦ

# ପାରିତ ବିଧେୟକକୁ ସ୍ୱୀକୃତି ନଦେବା ପାଇଁ ରାଜ୍ୟପାଳଙ୍କୁ ଲେଖିଲେ ଚିଠି

ଭୁବନେଶ୍ୱର(ସବ୍ୟୁ) ବର୍ଦ୍ଧିତ ଭତ୍ତା ନେବେ ନାହିଁ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ । ଏହା ସହିତ ପାରିତ ବିଧେୟକକୁ ସ୍ୱୀକୃତି ନଦେବା ପାଇଁ ରାଜ୍ୟପାଳଙ୍କୁ ସେ ଚିଠି ଲେଖିଛନ୍ତି । ନିକଟରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ବିଧାନସଭାରେ ବିଧେୟକ ପାରିତ ହୋଇଛି । ହେଲେ ପୂର୍ବତନ ବିଧାୟକଙ୍କ ଭତ୍ତା ବାବଦକୁ ବଢ଼ିଥିବା ରାଶି ଗ୍ରହଣ କରିବେ ନାହିଁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଶ୍ରୀ ହରିଚନ୍ଦନ । ସେ କହିଛନ୍ତି ଯେ, ସାମ୍ବିଧାନିକ ବିଧିବିଧାନ ଅନୁଯାୟୀ ବିଧାୟକଙ୍କ ଦରମା ବୃଦ୍ଧି ନେଇ ଗୃହରେ ନିଷ୍ପତ୍ତି ହୁଏ । ଏଭଳି ସାମ୍ବିଧାନିକ ଅଧିକାରକୁ ଅତି ସଞ୍ଜମତା ଓ ସତର୍କତାର ସହ ପାଳନ କରାଯିବା ଉଚିତ୍ । ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଦରମା ଓ ଭତ୍ତା ତିନି ଗୁଣ ବଢ଼ାଯାଇଛି । ମାତ୍ର ଏହି ବୃଦ୍ଧି ସାଧାରଣ ଲୋକଙ୍କର ହଜମ ହେଉନାହିଁ । ଏହାକୁ ମୁଁ ମଧ୍ୟ ନାପସନ୍ଦ କରୁଛି । ଭତ୍ତା କ୍ଷେତ୍ରରେ ଆଇନ୍‌ରେ ଅନ୍ୟଏକ ବ୍ୟବସ୍ଥା ଅଛି । ଯାହାକି ଅନୁପାଳନ ହେଉନାହିଁ । ଏହି ନିୟମ ଅନୁଯାୟୀ ଦରମାପ୍ରାପ୍ତ ସଦସ୍ୟମାନଙ୍କର ଦରମାରୁ ଭତ୍ତାକୁ ବାଦ୍ ଦିଆଯାଇ ଦେୟ ପ୍ରଦାନ କରାଯାଏ । ଏହା ସହିତ ଜଣେ ସଦସ୍ୟ ଏକାଧିକ ଭତ୍ତା ନେଇପାରିବେ ନାହିଁ । କିନ୍ତୁ ବର୍ତ୍ତମାନ ରାଜ୍ୟରେ ତିନି ଶ୍ରେଣୀର ଭତ୍ତାଧାରି ପୂର୍ବତନ ସାଂସଦ ଓ ପୂର୍ବତନ ବିଧାନସଭା ସଦସ୍ୟ ଅଛନ୍ତି । ସରକାରୀ ଚାକିରୀଆ ଅବସର ପରେ ଭତ୍ତା ପାଉଛନ୍ତି । ଏହା ସହ ସେମାନେ ସାଂସଦ କିମ୍ବା ବିଧାୟକ ହେଲେ ମଧ୍ୟ ଭତ୍ତା ନେଉଛନ୍ତି । ଅନ୍ୟଶ୍ରେଣୀରେ ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବରେ ଦୁଇଟି ଭତ୍ତା ନେଉଛନ୍ତି । ସେ କହିଛନ୍ତି ବିଧାୟକ ଓ ସାଂସଦମାନେ ନିଜ ନିଜ ନିଷ୍ପତ୍ତି ନିଜେ ନେଉଛନ୍ତି । ଏଭଳି ନିଷ୍ପତ୍ତି ନେବା କଥା ନୁହେଁ । ରାସ୍ତା ଉପରେ ତୃତୀୟ, ଚତୁର୍ଥ ଶ୍ରେଣୀର ତଳିଆ କର୍ମଚାରୀ, ଠିକା କର୍ମଚାରୀ, ଆଶା, ଅଙ୍ଗନୱାଡି, ପାଚିକା ଆଦି କର୍ମଚାରୀ ଗୁହାରି କରି ଆସୁଥିଲେ ମଧ୍ୟ ରାଜ୍ୟର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଏହା ସମ୍ଭବ ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଏ ଦିଗରେ ନଜର ଦେଉନାହାଁନ୍ତି । ସେମାନଙ୍କର ହକ୍ ପ୍ରାପ୍ୟ ପ୍ରଦାନ ପାଇଁ ଶ୍ରୀ ହରିଚନ୍ଦନ ସରକାରଙ୍କୁ ଅନୁରୋଧ କରିଛନ୍ତି । ସେମାନଙ୍କର ବଢୁନି ତେଣୁ ଆମର କାହିଁକି ଦରମା ବଢ଼ିବ ବୋଲି ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଏହି ବିଲ୍ ରହିଛି । ରାଜ୍ୟପାଳ ବିଲ୍‌ର ପୁନର୍ବିଚାର ପାଇଁ ଗୃହକୁ ଫେରାଇ ଦେଇପାରିବେ । ଏହା ହେଲେ ସରକାରଙ୍କ ଚେତା ପଶିବ ଓ ସରକାର ବିଚାର କରିବେ ବୋଲି ଶ୍ରୀ ହରିଚନ୍ଦନ ଆଶପ୍ରକାଶ କରିଛନ୍ତି ।

# ବାସୁଦେବ ଜୟସିଂହ ସଦର ଥାନାର ନୂତନ ଥାନା ଅଧିକାରୀ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ସଦର ଥାନାର ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ବାସୁଦେବ ଜୟସିଂହ ଯୋଗଦେଇଛନ୍ତି । ଶ୍ରୀ ଜୟସିଂହ ପୂର୍ବରୁ ଶିଳ୍ପାଂଚଳ ଥାନାରେ ବେଶ୍ ଦକ୍ଷତା ସହିତ କାର୍ଯ୍ୟ କରିଛନ୍ତି । ତାଙ୍କ ସମୟରେ ନିଶା କାରବାର, ଗୋରୁ ଚାଲାଣ ଶିଳ୍ପାଂଚଳ ଥାନା ଅଂଚଳରେ ଏକ ପ୍ରକାର କମିଥିବାବେଳେ ଖଣି ମାଫିଆ ଭୟରେ ରହିଥିଲେ । ତେବେ ଶ୍ରୀ ଜୟସିଂ ଙ୍କ ଯୋଗଦାନ ପରେ ଆଜି ସଦର ଥାନା ରେ ଏକ ପୂଜା କରାଯାଇଥିଲା । ଥାନାର କର୍ମଚାରୀ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ସଦର ଥାନା ଗ୍ରାମାଂଚଳ ହୋଇଥିବାରୁ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଦର ଥାନା ସଦାସର୍ବଦା କାର୍ଯ୍ୟ କରିବ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ଜୟସିଂହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବିଶେଷ ଭାବରେ ପୁଲିସ ଜନ ସାଧାରଣ ନିକଟତର ହୋଇ ସେବା ଯୋଗାଇ ଦେବା ପ୍ରାଥମିକ କାର୍ଯ୍ୟ ବୋଲି କହିଛନ୍ତି । ଏଥିସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରି ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି । ପ୍ରକାଶ ଥାଉକି, ୨୦୧୭ ବ୍ୟାଚ ସବ୍ ଇନ୍ସପେକ୍ଟର ଭାବରେ ପୁଲିସ ସେବରେ ଯୋଗଦାନ କରି ଇନିସ୍ପେକ୍ଟର ଭାବରେ ପଦୋନ୍ନତି ପାଇବା ପରେ ସଦରଥାନା ରେ ଯୋଗଦାନ କରିଛନ୍ତି ।




# ଇମ୍ଫା ପକ୍ଷରୁ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ




କଟକ, (ସବ୍ୟୁ): ଇମ୍ଫା ଶିଳ୍ପ ଗୋଷ୍ଠୀ ଚୌଦ୍ୱାର ଦ୍ୱାରା ଆପାତକାଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଅଛି । କାରଖାନା ଭିତରେ ଦୈନନ୍ଦିନ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଯଦି କୌଣସି ପ୍ରକାର ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତାହାର ସୁପରିଚାଳନା କରି ପୂର୍ବ ସ୍ଥିତିକୁ ଫେରାଇ ଆଣିବା ପାଇଁ କେଉଁ ବିଭାଗ କଣ କାର୍ଯ୍ୟ କରିବେ ତାହାର ଏକ ସାମୂହିକ ଅଭ୍ୟାସ (ମକ ଡ୍ରିଲ) ପ୍ରଦର୍ଶନ କରଯାଇଥିଲା ଏବଂ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଶିଳ୍ପଗୋଷ୍ଠୀରୁ ପାରସ୍ପରିକ ସହାୟତା ସାଥି ଭାବରେ ଆରତୀ ଷ୍ଟିଲ, ଜେକେ ଲକ୍ଷ୍ମୀ ସିମେଣ୍ଟ, ସତ୍ୟମ କାଷ୍ଟିଂ ଏବଂ ଡାଲମିଆ ଭାରତ ସିମେଣ୍ଟ ପକ୍ଷରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ମତାମତ ଏହି ଆପାତକାଳୀନ ଅଭ୍ୟାସ ବିଷୟରେ ଦେବା ସହ ଇମ୍ଫା ଦ୍ୱାରା ଆୟୋଜିତ ଏହି ପୂର୍ଣ୍ଣ ଆପାତକାଳୀନ ଅଭ୍ୟାସକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ କଟକ ଶାଖାର ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଚୌଦ୍ୱାର ଅଗ୍ନିଶମ କାର୍ଯ୍ୟାଳୟର ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ଏନ.ଡି. ଆର.ଏଫର ଅଧିକାରୀ ରାଜୀବ ଲୋଚନ ଆଚାର୍ଯ୍ୟ, ରାଜ୍ୟ ବୀମା ଚିକିତ୍ସାଳୟ ଚୌଦ୍ୱାରରୁ ଡାକ୍ତର ବରୁଣ ଅଗ୍ରୱାଲା, ଇମ୍ଫା ଚୌଦ୍ୱାରର ଉପସଭାପତି ବିନୟ ଅଗ୍ରୱାଲା ପ୍ରମୁଖ ଯୋଗ ଦେଇ ତାଙ୍କର ମତାମତ ଦେବା ସହ ଶିଳ୍ପ କାରଖାନାରେ ସୁରକ୍ଷା ପ୍ରତି ଗୁରୁରୋପ କରିବା ସହ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସର୍ବ ଶେଷରେ ଇମ୍ଫାର ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଦେବା ସହ କାର୍ଯ୍ୟକ୍ରମକୁ ପରିସମାପ୍ତି କରିଥିଲେ ।

# କାନ୍ଥ କଣା କରି ଦୋକାନରୁ ମୋବାଇଲ ଚୋରି

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ବାଜାରରେ ଥିବା ନୂଆ ଜଗନ୍ନାଥ ସଡକରେ ଭଗବତୀ କମ୍ୟୁନିକେସନ ମୋବାଇଲ ଦୋକାନର ପଶ୍ଚିମପଟ କାନ୍ଥ କାଟି ବୁଧବାର ରାତିରେ ଲୁଟେରା ମାନେ କଳ ।କନା ବୁଲାଇଦେଇଛନ୍ତି ।ଭଗବତୀ କମୁନିକେସନର ଓନର ବୁଧବାର ଦିନ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ ।ଗୁରୁବାର ଦିନ ଭୋର ସମୟରେ ସ୍ଥାନୀୟ ଲୋକମାନେ ମୋବାଇଲ ଦୋକାନର ପଶ୍ଚିମ ପଟ କାନ୍ଥ ଖୋଲା ହୋଇଥିବା ଦେଖି ମୋବାଇଲ ଦୋକାନର ମାଲିକଙ୍କୁ ଖବର ଦେଇଥିଲେ । ଦୋକାନ ଭିତରେ କୌଣସି ଲୁଟେରା ରହିଯାଇଥିବା ସନ୍ଦେହ କରି ମୋବାଇଲ ଦୋକାନୀ ଦୂର୍ଯ୍ୟଧନ ଶ୍ରୀଚନ୍ଦନ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇବା ପରେ ଜଙ୍କିଆ ପୋଲିସର ଉପସ୍ଥିତିରେ ଦୋକାନ ସଟର ଖୋଲାଯାଇଥିଲା । ପ୍ରାୟ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରୀ ହେବା ସହ ଦୋକାନର ସୋକେସ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା ଜଙ୍କିଆ ପୋଲିସ ପ୍ରାଥମିକ ତଦନ୍ତ କରିବା ସହ ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଅନୁସନ୍ଧାନ ଜାରି ରଖିଛି ।

# ନିଶାଶକ୍ତ ଯୁବକଙ୍କ ଦୁର୍ବ୍ୟବହାର ପାଇଁ ରକ୍ତାକ୍ତ ସଂଘର୍ଷ, ଦୁଇ ଆହତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିଶାଶକ୍ତ ଯୁବକଙ୍କ ଦୁର୍ବ୍ୟବହାର ପାଇଁ ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ସହ ରକ୍ତାକ୍ତ ସଂଘର୍ଷ ହୋଇଥିଲେ । ଉଭୟ ପକ୍ଷଙ୍କ ଏତଲାକୁ ପୋଲିସ ଗ୍ରହଣ କରି ଦୁଇଜଣଙ୍କୁ ଗିରଫ କରିଛି । ଦୁଇଗୋଷ୍ଠୀ ମୁହାଁମୁହିଁ ହେବାରୁ ହନୁମାନ ମନ୍ଦିର ନିକଟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉଭୟ ପକ୍ଷଙ୍କ ଅଭିଯୋଗକୁ ନେଇ ଏତଲା ଦାଏର କରି ପୋଲିସ ତଦନ୍ତ କରିବା ପରେ ସେମାନଙ୍କ ଅଭିଯୋଗର ସତ୍ୟତା ଜାଣିବାକୁ ପାଇଥିଲା । ଧନୁ ସଂକ୍ରାନ୍ତି ପୂର୍ବଦିନ ହନୁମାନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥାଏ । ଅଭିଯୁକ୍ତ ସଞ୍ଜୟ ରାଉତରାୟ ଓରଫ ନନ୍ଦୁ ମଦ ପିଇ ମନ୍ଦିର ପରିସର ପାଖରେ ଭକ୍ତ ଓ ପଥଚାରୀଙ୍କୁ ଦୁର୍ବ୍ୟବହାର କରିଥିଲା । ବେଣୁଧର ଜେନା ଓରଫ ସାଦିଆଙ୍କ ସମେତ ମନ୍ଦିର କମିଟିର ସଦସ୍ୟମାନେ ସ୍ଥାନୀୟ ଲୋକଙ୍କ ସହ ମିଶି ସଞ୍ଜୟକୁ ବିରୋଧ କରିବାରୁ ଉଭୟପକ୍ଷ ମୁହାଁମୁହିଁ ହୋଇଥିଲେ । ୧୬ ତାରିଖ ସକାଳ ସାଢେ ୮ଟା ବେଳେ ଏହି ବିବାଦ ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା । ଘଟଣା ସମୟରେ ଅଭିଯୁକ୍ତ ସଞ୍ଜୟ ରାଉତରାୟ ତା'ସ୍କୁଟଣ ଡିକିରୁ ଏକ କଟୁରୀ ବାହାର କରି ବେଣୁଧର ଜେନାକୁ ଆକ୍ରମଣ କରିଥିଲା । ଯାହା ଫଳରେ ସେ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ । ବେଣୁଧର ତାଙ୍କ ସହଯୋଗୀମାନେ ସଞ୍ଜୟକୁ କଟୁରୀରେ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଆହତ ଦୁଇଜଣଙ୍କୁ ଚିକିତ୍ସା ପାଇଁ ଏମ୍ସକୁ ପଠାଯାଇଥିଲା । ହନୁମାନ ମନ୍ଦିର ନିକଟ ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ପୋଲିସ ଉଭୟଙ୍କ ଅଭିଯୋଗର ସତ୍ୟାସତ୍ୟ ପାଇବା ପରେ ସଞ୍ଜୟ ଓ ବେଣୁଧରକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବନ୍ଧୁ ପାଇଁ ଦିନଟିଏ



ଭୁବନେଶ୍ୱର(ସବ୍ୟୁ): ଦକ୍ଷିଣ-ପୂର୍ବ ରେଳବାଇ ମିଶ୍ରିତ ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରେ ଅବସ୍ଥାପିତ ଥିବା ପୁରାତନ ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ତଥା ଭାରତୀୟ ରଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରିଶ ମୁର୍ମୁ, ଏସିଇ କମର୍ସିଆଲ ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ଅକ୍ଷୟ କୁମାର ସୂତାର, ଟଙ୍କଧର ମହାପାତ୍ର ପ୍ରମୁଖ ବନ୍ଧୁମିଳନ ଉତ୍ସବକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ସୂତାର, ବିନୟ ପାତ୍ର, ପ୍ରକାଶ ମହାନ୍ତି, ଶରତ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# ଗଣଦୁଷ୍କର୍ମ ଯୋଗୁଁ ରାଜ୍ୟରେ ଆଇନ୍‌ଶୃଙ୍ଖଳା ସଙ୍ଗୀନ : ମହିଳା କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ରାଜ୍ୟରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରାବାସରେ ନାବାଳିକା ଗର୍ଭଧାରଣ ଓ ବିଭିନ୍ନ ଅତ୍ୟାଚାର ହୁ ହୁ ହୋଇ ବଢୁଛି । ପରିସ୍ଥିତି ଅଣାୟତ୍ତ ଅବସ୍ଥାକୁ ଆସିଗଲାଣି । ସରକାର, ପୋଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନଥିବା ଜଣାପଡୁଛ । ଏହି ପରିପ୍ରେକ୍ଷିରେ ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି କହିଲେ ଯେ, ଏଭଳି ସମୟରେ ଏକ ଘଟଣା ଆମକୁ ବ୍ୟଥିତ କରିଛି । ଗତ ଡିସେମ୍ବର ୧୦ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ବେଳେ ଜଣେ ନାବାଳିକା ଝିଅ ଏବଂ ତାଙ୍କର ପୁରୁଷ ସାଙ୍ଗ ଧଉଳିରୁ ଫେରୁଥିବାବେଳେ ଲିଙ୍ଗିପୁର କେନାଲ ରୋଡ୍ ନିକଟରେ କିଛି ଦୁର୍ବୃତ୍ତ ତାଙ୍କର ସୁନା ଚେନ୍ ଛଡ଼ାଇ ନେବା ସହ ସେମାନଙ୍କୁ ଅଟକାଇଥିଲେ । ତିନିରୁ ଚାରିଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ଏକ ନିର୍ଜନ ଅଞ୍ଚଳରେ ତାଙ୍କର ପୁରୁଷ ସାଙ୍ଗକୁ (ଯିଏ ମଧ୍ୟ ୧୭ ବର୍ଷର) ଗଛରେ ବାନ୍ଧିବା ପରେ ନାବାଳିକାକୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଜଣେ ଅଭିଯୁକ୍ତଙ୍କର ହତ୍ୟା ଉଦ୍ୟମ ଏବଂ ଆକ୍ରମଣ ଭଳି ଅପରାଧିକ ଇତିହାସ ରହିଛି ଏବଂ ସେ ନିକଟରେ ଜାମିନରେ ମୁକୁଳିଥିଲେ ।

ଓଡ଼ିଶାରେ ବିଜେପି ସରକାରର ୧୮ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର ଓ ହିଂସାର ଅଭୂତପୂର୍ବ ବୃଦ୍ଧି ସତ୍ତ୍ୱେ ସରକାର ଓ ପ୍ରଶାସନ ପୂରାପୁରି ନିର୍ବାକ ଓ ନିଷ୍କ୍ରିୟ ରହିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ୍ କଡ଼ା ଭାବରେ ନିନ୍ଦା କରୁଛି ବୋଲି ଶ୍ରୀମତୀ ବାହିନିପତି କହିଥିଲେ । ପୁରୀ, କେଉଁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି ସପ୍ତାହରେ ପ୍ରାୟ ମହିଳା ନିର୍ଯ୍ୟାନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ । ମାଆକୁ ସମ୍ମାନ ମିଥ୍ୟା ସ୍ଲୋଗାନ ଦେଇଥିବା ପୂର୍ବ ସରକାରର ନିତି ବର୍ତ୍ତମାନ ମଧ୍ୟ ବିଜେପି ସରକାରରେ ସେହି ସ୍ଲୋଗାନରେ ହିଁ ରହିଯାଇଛି । ରାଜରାସ୍ତାରୁ ବିଧାନସଭା ଯାଏଁ ମହିଳା ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ଲଢେଇ ହେବ ବୋଲି କଂଗ୍ରେସ ପକ୍ଷରୁ ସରକାରଙ୍କୁ ଚେତାବନୀ ଦେଇଛି ଶ୍ରୀମତୀ ବାହିନିପତି ।ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ଉପସଭାନେତ୍ରୀ ପ୍ରଣତୀ ମିଶ୍ର ଓ ଜୟଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ ।




# ମୋରାଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଗହଣରେ ବାବା ସତ୍ୟାନନ୍ଦ

କଟକ, (ସବ୍ୟୁ): ବିଶିଷ୍ଟ ପ୍ରବଚକ, ବିଶ୍ୱରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାନଦୀବିହାରସ୍ଥିତ କ୍ରିଷ୍ଣା କନସିଅସ୍‌ନେସ୍ ମୋରାଲ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଗଳ୍ପ ଛଳରେ ନୈତିକ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କ ସହିତ କିଛି ସମୟ ବିତାଇଥିଲେ । ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ଅଭିଭାବକମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲ ପକ୍ଷରୁ ବାବା ସତ୍ୟାନନ୍ଦ ଦାସଙ୍କୁ ଅନ୍ନପୂର୍ଣ୍ଣା ଦାସ, ରାଜକିଶୋର ମହାନ୍ତି, ପ୍ରିନସିପାଲ ରିତା ନାୟକ, ନିବେଦିତା ମହାନ୍ତି ଓ ଡକ୍ଟର ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଟାଟା ପାୱାରର ଅତିରିକ୍ତ ସୁରକ୍ଷା ଜମା ଓ ସ୍ମାର୍ଟ ମିଟର ଲଗାଇବା

# ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳର ବିଶାଳ ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଠାରେ ପାୱାର ହାଉସ ଛକ ସ୍ଥିତ ଟାଟା ପାୱାର ଅଫିସ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଟିପିସିଓଡିଏଲ୍ (ଟାଟା ପାୱାର) ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ପାଇଁ ଯେଉଁ ନୋଟିସ୍ ଜାରି କରିଛନ୍ତି, ତାହା ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦା ଯାଉଛି । ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ ଦାବି ଉପସ୍ଥାପନ କରାଯିବା ସହିତ ରାଜରାସ୍ତାରେ ସ୍ମାର୍ଟ ମିଟର ଭାଙ୍ଗି ପ୍ରତିବାଦ କରିଥିଲେ ।

ରାଜ୍ୟର କୋଟିଏ ଉପଭୋକ୍ତାଙ୍କ ଠାରୁ ଜାତୀୟ ହାର ଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହିତ ଉପଭୋକ୍ତାଙ୍କୁ ଫେରାଇବା ପାଇଁ ବିଜେଡି ଦାବି କରିଛି । ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ସେହିଭଳି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପଦକ୍ଷେପ ନେବାକୁ ମଧ୍ୟ ବିଜେଡି ଜୋର ଦେଇଛି । ସରବରାହ ଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ଅତିରିକ୍ତ ଶୁଳ୍କ ବହନ କରିବାକୁ ପଡୁଛି । ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହ ଜନିତ କ୍ଷତି ଜାତୀୟ ହାର ଠାରୁ ମଧ୍ୟ ଅଧିକ ରହିଛି । ବହୁ ଉପଭୋକ୍ତଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା, ଏହାକୁ ଟାଟା ପାୱାର ପକ୍ଷରୁ ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି, ଯାହା ଠିକ୍ ନୁହେଁ । ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତା ମାନଙ୍କୁ ଅଧିକ ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି । ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏହି ଆର୍ଥିକ ଶୋଷଣ ବନ୍ଦ ନହେଲେ ବିଜେଡି ଟାଟା ପାୱାର ବିରୋଧରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ନାରାୟଣ ଜେନା, ତୁମ୍ବନାଥ ପଣ୍ଡା ପ୍ରମୁଖ ଶତାଧିକ ନେତା ଓ କର୍ମୀ ସାମିଲ ଥିଲେ ।



## ପେନସନର୍ସ ବିରୋଧୀ ବିଲ୍ ପ୍ରତ୍ୟାହାର ଦାବି

# ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ମାଧ୍ୟମରେ ସ୍ମାରକପତ୍ର

ଛତ୍ରପୁର, (ସବ୍ୟୁ) : ପାର୍ଲିଆମେଣ୍ଟରେ ପେନସେନର୍ସ ବିରୋଧୀ ୨୦୨୫ ଭ୍ୟାଲିଡ଼ସନ ବିଲ ପାସ କରାଇ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ ପାଇଁ ଯେଉଁ ଅଗଣତାନ୍ତ୍ରିକ ଓ କୋଠର ନିଷ୍ପତି ଗ୍ରହଣ କରିଛନ୍ତି ତାହାଦ୍ୱାରା ପେନସେନେର୍ସ ମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ପ୍ରତି କୁଠାରଘାତ ହୋଇଛି ।



୧୯୮୨ ଡିସମ୍ବର ୧୭ ରେ ମାନ୍ୟବର ସୁପ୍ରିମ କୋର୍ଟ ପେନସନ ଏକ ଅଧିକାର, କାହାର ବାଦାନ୍ୟତା ନୁହେଁ ବୋଲି ଏକ ରାୟରେ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଅଷ୍ଟମ ବେତନ କମିଶନ ଗଠନ କରି ପେନସେନେର୍ସ ମାନଙ୍କୁ ସେଥିରୁ ବଞ୍ଚିତ କରାଇବା ପାଇଁ ଏକ କଠୋର ନିଷ୍ପତି ଦ୍ୱାରା ବିଲ ପାସ୍ କରାଇଛନ୍ତି । ଏହା ବିରୁଦ୍ଧରେ ଭାରତର ସମସ୍ତ ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ସର୍ବ ଭାରତୀୟ ପେନସେନର୍ସ ଫେଡେରେସନ ନିର୍ଦ୍ଦେଶ ପ୍ରକାରେ ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ତରଫରୁ ବ୍ରହ୍ମପୁର ଏନ.ଜି.ଓ କାର୍ଯ୍ୟାଳୟ ଠାରୁ ଏକ ବାଇକ ରାଲି ବାହାରି ଛତ୍ରପୁର ଠାରେ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଅବସରପ୍ରାପ୍ତ କର୍ମଚାରୀ ମାନେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘ ଅଧକ୍ଷ କାମରାଜୁ ମହାରଣା, ଜିଲ୍ଲା ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଅଶୋକ କୁମାର ଦଳେଇ, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, ସୋମନାଥ ସାହୁ, ବିଜୟ ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରି ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଅନୁରୋଧ କରିଛନ୍ତି ।

ଉକ୍ତ ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ଆଗାମୀ ଦିନରେ କେନ୍ଦ୍ର ରାଜଧାନୀ ନୂଆଦିଲ୍ଲୀଠାରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି ।

# ନ୍ୟାସନାଲ ହେରାଲ୍ଡ ମାମଲାକୁ ନେଇ କଂଗ୍ରେସର ବିକ୍ଷୋଭ

ଆସିକା, (ସବ୍ୟୁ): ନ୍ୟାସନାଲ ହେରାଲଡ ମିଛ ମାମଲାରେ କଂଗ୍ରେସର ନେତୃତ୍ୱକୁ ଛନ୍ଦିବା ନେଇ କେନ୍ଦ୍ର ସରକାର ହୀନ ଉଦ୍ୟମକୁ କଂଗ୍ରେସ ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏହାର ପ୍ରତିବାଦରେ ଦଳ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଛି । ସଂପ୍ରତି ଅଦାଲତ ଆଦେଶ କଂଗ୍ରେସ ଦଳର ନୈତିକ ବିଜୟ ଓ ଏହି ପରିପ୍ରେକ୍ଷୀରେ ଗଂଜାମ ଜିଲ୍ଲା (ପଶ୍ଚିମ) ପକ୍ଷରୁ ବିରାଟ ଶୋଭାଯାତ୍ରା ଆସିକା ସହର ପରିକ୍ରମା କରିଥିଲା ।




ସଭାପତି ରମେଶ ଜେନାଙ୍କ ଆହ୍ୱାନରେ ଦେବକାନ୍ତ ଶର୍ମା ସମେତ ବହୁ ନେତୃବୃନ୍ଦ, ଛାମୁଆ ସଂଗଠନର କର୍ମକର୍ତ୍ତା ଏବଂ ସମସ୍ତ କଂଗ୍ରେସ ପ୍ରେମୀମାନେ ଏକତ୍ରିତ ହୋଇ ଖମ୍ବେଶ୍ୱରୀ ପାଟଣା ସ୍ଥିତ ଦଳର ଜିଲ୍ଲା କାର୍ଯ୍ୟାଳୟରୁ ବାହାରିଥିଲେ । ସେଠାରୁ ସମସ୍ତ କଂଗ୍ରେସ କର୍ମୀଙ୍କ ବିଶାଳ ଶୋଭାଯାତ୍ରା ହାଟ ପଦା ନିକଟସ୍ଥ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ କରି ଆସିକା ସହର ପରିକ୍ରମା କରି ଆସିକା ବସଷ୍ଟାଣ୍ଡଠାରେ ସାଧାରଣ ସଭା କରିଥିଲେ । ଶ୍ରୀ ଶର୍ମା, ପ୍ରିୟାଂଶୁ ପରିଡ଼ାଙ୍କ ସମେତ ବହୁ ଦଳୀୟ ନେତା ନିଜ ନିଜ ବକ୍ତବ୍ୟରେ ବିଜେପି ସରକାର ଇ.ଡିର ଅପବ୍ୟବହାର କରି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ମିଛ ମାମଲାରେ ଫସାଇବାକୁ ହୀନ ଉଦ୍ୟମ କରୁଥିବା ଅଭଯୋଗ କରିଥିଲେ ।

# ମୟୂରଭଞ୍ଜ ବିଜେପିର ନିର୍ବାଚନ ସଂସ୍କାର ସମ୍ପର୍କିତ ଆଲୋଚନାଚକ୍ର

ବାରିପଦା, (ସବ୍ୟୁ) : ଭାରତୀୟ ଜନତା ପାର୍ଟି ମୟୂରଭଞ୍ଜ (ପୂର୍ବ) ଶାଖା ପକ୍ଷରୁ ଏଠାରେ ଭାରତବର୍ଷରେ ନିର୍ବାଚନ ସଂସ୍କାର ତଥା ମତଦାତା ତାଲିକାର "ବିଶେଷ ଗହନ ପୁନଃନିରୀକ୍ଷଣ (ଏସ.ଆଇ.ଆର.)ର ଆବଶ୍ୟକତା ଓ ଔଚିତ୍ୟ ସମ୍ପର୍କିତ ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜିତ ହୋଇଯାଇଛି । ଦଳର ଜିଲ୍ଲା ସଭାପତି ନିହାର ମୋଦୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ଏହି କାର୍ଯ୍ୟକ୍ରମ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଥିବାବେଳେ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀଙ୍କ ସମାରୋପ ଉଦବୋଧନ ସହ ଏହା ଉଦଯାପିତ ହୋଇଯାଇଛି ।

ବୁଧବାର ଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପରେ ପରେ କାର୍ଯ୍ୟକ୍ରମ ସ୍ଥଳରେ ନିର୍ବାଚନ ସୁଧାର ସଂସ୍କାର ସମ୍ବନ୍ଧରେ ସଂସଦରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ଅଭିଭାଷଣଟି ଏଲଇଡି ମାଧ୍ୟମରେ ସର୍ବ ସମକ୍ଷରେ ପ୍ରଦର୍ଶିତ ହୋଇଥିଲା ଏବଂ ଏହାକୁ ଶତାଧିକ ବିଜେପି କର୍ମକର୍ତ୍ତା ଓ ଶୁଭେଚ୍ଛୁ ଉପଭୋଗ କରିଥିଲେ ।

ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାହ୍ନା ସୋରେନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ, ଉଦଳା ଏନ.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ଆଦିବାସୀ ନେତା ସୁଗଦା ମୁର୍ମୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି ବିଷୟଟି ଉପରେ ମତାମତ ରଖିଥିଲେ ।



ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାନେତ୍ରୀ ଶୋଭାବତୀ ଓତା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର, ବାରିପଦା ନଗର ମଣ୍ଡଳର ଦୁଇ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ତଥା ସୁମନ ସିଂହ, ମମତା ମଣ୍ଡଳ, ଫାଗୁ ହାଁସଦା, ଦୋଳଗୋବିନ୍ଦ ବେହେରା, ବିଜୟ କୁମାର ଦାସ ଓ ଦୁର୍ଗାମଣି ଆଚାର୍ଯ୍ୟ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ ।

# ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର

ବାରିପଦା, (ସବ୍ୟୁ) : ସ୍ଥାନୀୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ଏକ ଶ୍ରୀମଦ୍ ଭଗବଦ୍ ଗୀତା କୁଇଜ ପ୍ରତିଯୋଗିତା ଓ ଆଲୋଚନା ଚକ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ଗୀତା ପ୍ରଚାରକ ଭାଗବତ ପଣ୍ଡା ଛାତ୍ରଛାତ୍ରୀ ମାନଙ୍କୁ ସଫଳ ଓ ସାର୍ଥକ ମଣିଷ ହେବା ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀକୁ ଆଧାର କରି ସତ୍ୟବାଦିତା, ନିର୍ଭିକତା ଓ ଏକାଗ୍ରତା ଭଳି ଗୁଣର ଅଧିକାରୀ ହେବାକୁ ପରାମର୍ଶ ଦେବା ସହିତ ତ୍ୟାଗ ହିଁ ଗୀତାର ସାରମର୍ମ ବୋଲି କହିଥିଲେ ।

ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡାଃ ପାର୍ଥସାରଥୀ ଜେନା ଜୀବନରେ ଦେଖାଯାଉଥିବା ସମସ୍ତ ସମସ୍ୟାର ସମାଧାନର ପନ୍ଥା ଶ୍ରୀମଦ୍ ଭଗବଦ୍ ଗୀତାରେ ନିହିତ ବୋଲି ଉଲ୍ଲେଖ କରିବା ସହ ଜୀବନକୁ ସୁଧାରିବା ପାଇଁ ଗୀତାକୁ ଆଶ୍ରୟ କରିବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତା ଅନ୍ୟତମ ବକ୍ତାଭାବେ ଛାତ୍ରଛାତ୍ରୀ ମାନଙ୍କର ଶୃଙ୍ଖଳିତ ଜୀବନ ପାଇଁ ଗୀତାର ବାଣୀକୁ ସମସ୍ତେ ଆଚରଣରେ ପ୍ରକାଶ କରିବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗୀତାରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ନୈତିକ ଦାସ ଓ ନବଜିତ୍ ସାସମଲ ତଥା ଅଷ୍ଟମ ଶ୍ରେଣୀ ଛାତ୍ର ଅଙ୍କିତ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରି ବେଦଜ୍ଞ ନିତ୍ୟାନନ୍ଦ ପଣ୍ଡା ସ୍ମୃତି ପୁରସ୍କାର ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀ ଆକ୍ରମଣରେ ଗାଈ ମୃତ

ଭଞ୍ଜନଗର, (ସବ୍ୟୁ): ହାତୀ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ବେଳେ ତିନଟି ଗାଈ ଆହତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର କେନ୍ଦ୍ରୀୟ ବନାଞ୍ଚଳ ଅଧୀନ କାଳିଆମ ସେକ୍ସସନର ପୁରୁଣା ପାଣି ଗାଁ ରେ ଦନ୍ତା ହାତୀ ଆକ୍ରମଣ ରେ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ବେଳେ ତିନିଟି ଗାଈ ଆହତ ହୋଇଛନ୍ତି । ଖବର ନେବାରେ କାଳିଆମ୍ବ ପୁରୁଣାପାଣିର ବଞ୍ଜର ମାଳରେ ଥିବା ଡମ୍ବ ପାତ୍ରଙ୍କ ଗାଈ କୁହାଁରରେ ଗତ ରାତିରେ ଏକ ଦନ୍ତା ହାତୀ ପଶି ଗାଈକୁ ଦଳିଦେଇ ଥିବା ବେଳେ କାଳିଆମ୍ବାର ପୂର୍ଣ୍ଣ ନାୟକଙ୍କ ଗୋଟେ ଗାଈର ଅନ୍ତବୁଜୁଳା ବାହାର କରିଦେଇଛି ।

ସେହିପରି ହାତୀ ଆକ୍ରମଣ ରେ ପୁରୁଣାପାଣି ଗ୍ରାମର ନୀଳକଣ୍ଠ ପରିଡା ଓ ରଞ୍ଜନ ପରିଡାଙ୍କ ଗୋଟିଏ ଲେଖାଏଁ ଗାଈ ଆହାତ ହୋଇଥିବା ବେଳେ ଉପର ମଳାସପଦରର ଗଙ୍ଗା ନାୟକଙ୍କ ଏକ ଗାଈ ମଧ୍ୟ ଗୁରୁତର ହୋଇଛି । ମୋଟ ଗୋଟିଏ ଗାଈର ମୃତ୍ୟୁ ହେଇଥିବା ବେଳେ ତିନିଟି ଆହତ ହେଇଥିଲେ । ବନାଞ୍ଚଳ ଅଧୀକାରୀ ପୃଥୀରାଜ ପଧାନ ସୁଚନା ଦେଇଛନ୍ତି ତେବେ ଉତ୍ତର ଘୁମୁସର ବନଖଣ୍ଡ ରେ ହାତୀଙ୍କ ଚଳପ୍ରଚଳ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଥିବା ବେଳେ କେତେବେଳେ କାହାର ଫସଲ ନଷ୍ଟ କରିଥିବା ବେଳେ କେତେବେଳେ ଘର ଭାଙ୍ଗିଛନ୍ତି । ହାତୀପଲ ଗତକାଲି ବିଳମ୍ବିତ ରାତିରେ ୪ ଗାଈକୁ ଆକ୍ରମଣ କରିଛି । ଘଟଣା ସ୍ଥଳରେ ବନବିଭାଗ ପହଞ୍ଚି ତଦନ୍ତ କରୁଥିବା ବେଳେ ପଶୁ ଚିକିତ୍ସାଳୟର ଡାକ୍ତର ପହଂଚି ଆହତ ଚାରି ଗାଈଙ୍କ ଚିକିତ୍ସା କରିଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ପଧାନ କହିଛନ୍ତି ।

# ସେବାନିବୃତ୍ତ ବିକାଶ ମଞ୍ଚ ପକ୍ଷରୁ ପେନସନର୍ସ ଦିବସ

ବ୍ରହ୍ମପୁର, (ସବ୍ୟୁ) : ସର୍ବଭାରତୀୟ ରାଜ୍ୟ ପେନସେନର୍ସ ଫେଡେରେସନ ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ତରଫରୁ ସ୍ଥାନୀୟ ଗେଟ ବଜାର ସ୍ଥିତ ଏନ.ଜି.ଓ ହଲ ଠାରେ ପେନସେନର୍ସ ଦିବସ ପାଳନ କରାଯାଇଛି ।

ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦ୍ୱାରା ସମସ୍ତ ସେବାନିବୃତ୍ତ କର୍ମଚାରୀଙ୍କୁ ସେମାନଙ୍କ ସାମାଜିକ-ଅର୍ଥନୈତିକ ଆବଶ୍ୟତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେନସନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱର୍ଗତ ଡି. ଏସ.ନାକରାଙ୍କ ଉଦ୍ୟମରେ ପରିଚାଳିତ ଏଇ ମକଦ୍ଦମାର ରାୟର ସ୍ମୃତି ଚାରଣ ପାଇଁ ଡିସମ୍ବର ୧୭କୁ ପ୍ରତି ବର୍ଷ ପେନସେନର୍ସ ଦିବସ ପାଳନ କରାଯାଇଥାଏ ।

ଗଞ୍ଜାମ ସେବାନିବୃତ୍ତ ବିକାଶ ମଞ୍ଚର ସଭାପତି ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ରାଜ୍ୟ ଅଧ୍ୟକ୍ଷ କାମରାଜୁ ମହାରଣା, ଜିଲ୍ଲା ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ପ୍ରଫୁଲ୍ଲ କୁମାର ରଥ, ଶୁଳପାଣି ଶତପଥି, ବିଭୁତି ଭୂଷଣ ଜେନା, ଉପେନ୍ଦ୍ର ନାୟକ, ମିହିର କୁମାର ଆଚାର୍ଯ୍ୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ୨୦୨୫ ଭ୍ୟାଲିଡେସନ ବିଲକୁ ବିରୋଧ କରିଥିଲେ । ସମସ୍ତ ବର୍ଗର କର୍ମଜୀବୀମାନଙ୍କୁ ପେନସେନ ଦେବାପାଇଁ ଦାବି କରାଯାଇଥିଲା । ସମ୍ପାଦକ ଅଶୋକ କୁମାର ଦଳେଇ ବିବରଣୀ ପ୍ରଦାନ କରିଥିଲେ ।

ଆସନ୍ତା ୨୧ତାରଖରେ ଆନ୍ଧ୍ର ପ୍ରଦେଶର ବିଜୟୱାଡା ଠାରେ ସର୍ବ ଭାରତୀୟ ପେନସେନର୍ସ ଫେଡେରେସନ କାର୍ଯ୍ୟକାରୀ କମିଟି ବୈଠକରେ ଓଡିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ନିଷ୍ପତି ହୋଇଥିଲା ।

## ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁଙ୍କ ପରଲୋକ

କଟକ, (ସ୍ୱପ୍ର): ଚାଉଳିଆଗଞ୍ଜ ବାସିନ୍ଦା ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁ (୭୬)ଙ୍କର ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ନୂଆବଜାର ସରସ୍ୱତୀ ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ଭାବେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିଲେ । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଦିଆନ ପାଟଣାରେ ତାଙ୍କର ଜନ୍ମ । ଆଦିକବି ଶାରଳା ଦାସ ମହାବିଦ୍ୟାଳୟରେ ପ୍ରଥମେ ଅଧ୍ୟାପନା ଅର୍ଥ ଶାସ୍ତ୍ରରେ ଆରମ୍ଭ କରି ପରେ ସାହାସପୁର କଲେଜରେ କିଛିଦିନ ଅଧ୍ୟାପନା କରିଥିଲେ । ପରବର୍ତ୍ତୀ ସମୟରେ ଜଗତସିଂହପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ମେମୋରିଆଲ କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ଏହାଛଡା ଭାରତୀୟ ଅର୍ଥନୀତିରେ ବିଶେଷ ଭାବେ ସେ ଛାତ୍ରମାନଙ୍କୁ ପୁଙ୍ଖାନୁପୁଙ୍ଖ ଶିକ୍ଷା ପ୍ରଦାନ କରି ପ୍ରିୟଭାଜନ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି ।



## ମଣ୍ଡିରେ ଧାନ ଦେବାକୁ ପରାମର୍ଶ ଦେଲେ ମନ୍ତ୍ରୀ

ବୁଗୁଡ଼ା, (ସବ୍ୟୁ) : ସରକାରୀ ସ୍ତରରେ ଚଳିତ ମାସ ୨୩ ତାରିଖ ଠାରୁ ଖରିଫ ଋତୁ ଧାନ ସଂଗ୍ରହ କରିଯିବାକୁ ସ୍ଥିର ହୋଇଥିବାବେଳେ ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏନେଇ ବାରମ୍ବାର ବୈଠକ ବସିବା ସହ ଚାଷୀ, ମିଲର, ସମବାୟ ବିଭାଗ ଓ ଯୋଗାଣ ବିଭାଗକୁ ନେଇ ଆଲୋଚନା ଚାଲିଛି । ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସରକାରଙ୍କ ନୀତି ନିୟମ ଅନୁଯାୟୀ ଚାଷୀମାନେ କେବଳ ମଣ୍ଡିରେ ଧାନ ଦେଇ ଏହାର ସଠିକ ମୂଲ୍ୟ ବାବଦକୁ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କା ପାଇବା ସହ ସମ୍ପୂର୍ଣ୍ଣ ଭାବେ କଟନି ଛଟନି ପ୍ରଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ତହସିଲଦାର ତାପସ ରାଉତ, ବିଡ଼ିଓ ଦ୍ୟୁତିକୃଷ୍ଣ ପାତ୍ର, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ବିବେକାନନ୍ଦ ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବାବେଳେ କୃଷି ସମବାୟ ସମିତି ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଷୋୟୀ, ମିଲର୍ସ, କୃଷି ସମବାୟ ସମିତି ସମ୍ପାଦକ, ଚାଷୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମହାନଗର ନିଗମ ବୈଠକରେ ଗିରି ମାର୍କେଟ ନିର୍ମାଣ ନେଇ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରର ଗିରି ମାର୍କେଟର ପରିଚୟ ରହିଥିଲା । ଗିରି ମାର୍କେଟର କୋଠା ପରିସରରେ ଦୋକାନ ବଜାର କରି ପରିବାର ପ୍ରତି ପୋଷଣ କରୁଥିଲେ । ଏହି ଗିରି ମାର୍କେଟ ଉପରେ ବାଣିଜ୍ୟ ବ୍ୟବସାୟ କରି ନିର୍ଭର କରୁଥିବା ବେଳେ ଏହି କୋଠା ପୁରାଣ ହୋଇଯାଇଥିଲା । ତାକୁ ମହାନଗର ନିଗମ ପକ୍ଷରୁ ଖାଲି କରି ଭଙ୍ଗା ଯାଇଥିଲା । ଏହି ଭଙ୍ଗା ଯାଇଥିବା କୋଠା ଦୀର୍ଘ ପ୍ରାୟ ୪ ବର୍ଷ ହୋଇଥିବା ବେଳେ ଏହି ମାର୍କେଟ ବିଲିଡିଙ୍ଗ କରିବା ନିମନ୍ତେ ଏବେ ପିଡିଆର ପ୍ରସ୍ତୁତ ନିମନ୍ତେ ଆଜି ସ୍ଥାନୀୟ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଏକ ବୈଠକ ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା , ଆଶିଷ୍ଟାଣ୍ଟ କମିଶନର ରୋନିତ କୁମାର, ସିଟି ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ମତବ୍ୟକ୍ତ କରିଥିଲେ । ଖୁବଶୀଘ୍ର ଏହି କୋଠା ନିର୍ମାଣ ନିମନ୍ତେ ବ୍ୟାଙ୍କ ରୁଣ କରି ନିର୍ମାଣ କାର୍ଯ୍ୟ କରିବାକୁ ଏବେ ଚିଠି କରି ତାଉପରେ ଆପ୍ରୁଭାଲ କରାଯିବ । ଏହା ନିର୍ମିତ ହେବାକୁ ପ୍ରାୟ ୫୦ କୋଟି ଟଙ୍କା ରୁଣ ଅଣାଯାଇ କାର୍ଯ୍ୟ ଆରମ୍ଭ ହେବା ଉପରେ ଆଲୋଚନା କରିଥିଲେ । ପିପିପି ମୋଡରେ ନକରି ମହାନଗର ସ୍ୱାଧୀନରେ କାର୍ଯ୍ୟ କରିବା ଉପରେ ବହୁ କର୍ପୋରେଟର ମତବ୍ୟକ୍ତ କରିଥିଲେ । ସହରରେ ବାର୍ଦ୍ଧକ୍ୟ ଭତ୍ତା ପ୍ରତି ପ୍ରଦାନ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳ, ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳ କୃଷ୍ଣ ସାମନ୍ତରାୟ, ଗୋପାଳପୁର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଶିବ ଶଙ୍କର ନାୟକ, ରାଜ୍ୟ ଆଇନ ପରିଷଦ ସଦସ୍ୟ ତଥା କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ନିଳକଣ୍ଠ ସାହୁ, ପ୍ରଦୀପ କୁମାର ଶତପଥୀ, ଦୁର୍ଗା ଲାଇକ, ସୁରେନ୍ଦ୍ର ମହାରଣା, ଧିରେଶ ସାବତ, ସବିତା ସାହୁ, ସନ୍ଧ୍ୟା ରାଣୀ ଶୁକ୍ଳା, ସୋନାଲି ଗନ୍ତାୟତଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ ।



## ଜାତୀୟ ରାଜପଥରୁ ନାହିଁ ମା' ଓଲାଶୁଣୀ ମନ୍ଦିରକୁ ରାସ୍ତା

## ତୁରନ୍ତ ପଦକ୍ଷେପ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି

ବାଲିଚନ୍ଦ୍ରପୁର, (ସବ୍ୟୁ): ଚଣ୍ଡୀଖୋଲ-ପାରାଦ୍ୱୀପ ୫୩ନଂ ଜାତୀୟ ରାଜପଥର ଦୋହରିକରଣ କାର୍ଯ୍ୟ ଚାଲିଛି । ଯାଜପୁର ଜିଲ୍ଲାର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନ କ୍ଷେତ୍ର ମା ଓଲାଶୁଣୀଙ୍କ ବିଜେସ୍ଥଳୀ ପୀଠ ଏହି ଜାତୀୟ ରାଜପଥ ପାଶ୍ୱର୍ରେ ରହିଛି । ବର୍ଷତମାମ ଶହଶହ ପର୍ଯ୍ୟଟକ, ତୀର୍ଥଯାତ୍ରୀ, ସାଧୁସନ୍ଥ ଓ ସାଧାରଣ ଲୋକ ମା'ଙ୍କ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି । କିନ୍ତୁ ଏହି ପ୍ରସିଦ୍ଧ ପୀଠକୁ ଚଣ୍ଡୀଖୋଲ ପଟରୁ ଆସୁଥିବା ସାଧାରଣ ଲୋକଙ୍କ ପାଇଁ କୌଣସି ସଂଯୋଗ ପଥ ରଖାଯାଇ ନାହିଁ ।

ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ପ୍ରାୟ ଗୋଟିଏ କିଲୋମିଟର ଦୂରତାରେ ଥିବା ପାରିପଲେଇ-ପଞ୍ଚୁପାଣ୍ଡବ ଛକକୁ ଯାଇ ବୁଲାଣି ରାସ୍ତାରେ ପୁଣି ଫେରି ଓଲାଶୁଣୀ ମନ୍ଦିରକୁ ଆସିବା ପାଇଁ ବାଟ ରଖାଯାଇଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚଣ୍ଡୀଖୋଲ ଛକଠାରୁ ମା ଓଲାଶୁଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ କୋଡ଼ିଏ କିଲୋମିଟର ରାସ୍ତା ଭିତରେ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଅଂଚଳବାସୀଙ୍କ ସୁବିଧା ଯାତାୟାତ ପାଇଁ ବିଭିନ୍ନ ସ୍ଥାନରେ ଗଳିପୋଲ ନିର୍ମାଣ କରାଯାଇଛି । ଏପରିକି ବାଲିଚନ୍ଦ୍ରପୁର ଠାରୁ ନଳୀପୁର, ଚାରିନଙ୍ଗଳ, କଟିକଟା, ବନ୍ଦରେଶ୍ୱର ଏବଂ ଓଲାଶୁଣୀ-ରନିଗିରି ରୋଡ୍‌ଠାରେ ଗଳିପୋଲ ନିର୍ମାଣ ହୋଇଥିଲାବେଳେ ବି ରାଜ୍ୟର ଏକ ପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନକ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଥିବା ବହୁ ପୁରାତନ ମା ଓଲାଶୁଣୀଙ୍କ ମନ୍ଦିର ନିକଟକୁ ଆସିବା ପାଇଁ କୌଣସି ରାସ୍ତା ରଖାଯାଇ ନାହିଁ । ଓଲାଶୁଣୀ ପାହାଡ଼ର ପାଦଦେଶରେ କାହିଁ କେତେ ଶହବର୍ଷ ତଳୁ ପାହାଡ଼ ଖୋଲରେ ପ୍ରାଚୀନ ମା ଓଲାଶୁଣୀଙ୍କ ବିଗ୍ରହ ପୂଜା ପାଉଛନ୍ତି ଏବଂ ପାହାଡ଼ ଶୀର୍ଷରେ ରହିଛି ମହାପୁରୁଷ ଅରକ୍ଷିତଙ୍କ ପବିତ୍ର ସମାଧି ମନ୍ଦିର । ଆସନ୍ତା ଜାନୁୟାରୀ ୧୪ ତାରିଖ ମକରସଂକ୍ରାନ୍ତି ଠାରୁ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାଯାତ୍ରା । ସପ୍ତାହବ୍ୟାପୀ ଏହି ମେଳାରେ ପ୍ରତ୍ୟହ ଲକ୍ଷାଧିକ ଲୋକଙ୍କର ଜନସମାଗମ ହେବ । କିନ୍ତୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାର ଆଠ ଲେନ୍ ନିର୍ମାଣ କାର୍ଯ୍ୟ କରୁଥିଲା ବେଳେ ଓଲାଶୁଣୀ ମନ୍ଦିରକୁ ଯାଇଥିବା ସଂଯୋଗ ପଥ ରଖିନଥିବାରୁ ସ୍ଥାନୀୟ ଅଂଚଳବାସୀଙ୍କ ଭିତରେ ଉଦ୍‌ବେଗ ପ୍ରକାଶ ପାଇଛି ।

ନିକଟରେ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ମା ଓଲାଶୁଣୀଙ୍କ ପୀଠରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀ ଓ ଅଂଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ବଡ଼ଚଣା ବିଧାୟକ, ଯାଜପୁର ଜିଲ୍ଲାପାଳ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ପ୍ରଫେସର ରବୀନ୍ଦ୍ରନାଥ ସାମଲ, ବିପିନ ବିହାରୀ ଜେନା, ପୂର୍ବତନ ସରପଂଚ ଉମେଶ ଚନ୍ଦ୍ର ସାମଲ, ପୂର୍ବତନ ସରପଂଚ ସରସ୍ୱତୀ ବେହେରା, ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

ବାରିପଦା, (ସବ୍ୟୁ) : ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ (ଜୁବିଲୀ ଲାଇବ୍ରେରୀ) ପରିସରରେ ମୟୂରଭଞ୍ଜର ପୁଣ୍ୟ ଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଅଛି । ପ୍ରାରମ୍ଭରେ ଲାଇବ୍ରେରୀ ପରିସରରେ ବହୁ ଆକାଂକ୍ଷିତ ରୂପାନ୍ତରିତ ପାର୍କକୁ ଗୃହ ଓ ନଗର ଉନ୍ନୟ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମରେ ମହାରାଜା ରାଜର୍ଷି ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବ ଲାଇବ୍ରେରୀ ସଭାଗୃହରେ ଯଥାରୀତି ସମ୍ପନ୍ନ ହୋଇଥିଲା । ମହାରାଜାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହିତ ସମୂହ ଗାନ "ବନ୍ଦେ ଉତ୍କଳ ଜନନୀ ବୋଲା ଯାଇଥିଲା ।



ମହାରାଜାଙ୍କ ବିଦେଶ ଗସ୍ତ ଉପଲକ୍ଷେ ଉକିଳମଣି ଗୋପବନ୍ଧୁ ଦାସଙ୍କ ରଚିତ ଗୀତିକାକୁ ଆବୃତି କରିଥିଲେ ଦୀପକ ଭଞ୍ଜ । ସଭା ମଞ୍ଚ କୁ ସମୃଦ୍ଧ କରିଥିଲେ ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ, ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ (ଜାତୀୟ ଚଳଚ୍ଚିତ୍ର ପୁରସ୍କାର -୨୦୨୦ ପ୍ରାପ୍ତ), ମୁଖ୍ୟବକ୍ତା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସହକାରୀ ପ୍ରାଧ୍ୟାପକ ଡଃ ଶିଶିର ବେହେରା । ଏତଦ୍‌ବ୍ୟତୀତ ମଞ୍ଚାସୀନ ଥିଲେ ନଗରପାଳ, ବାରିପଦା ମ୍ୟୁନିସିପାଲିଟି କୃଷ୍ଣାନନ୍ଦ ମହାନ୍ତି, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଦେବୀ ପ୍ରମୁଖ । ଲାଇବ୍ରେରୀର ସମ୍ପାଦକ ସଭାର ପରିଚାଳନା ଦାୟିତ୍ୱ ବହନ କରିଥିଲେ । ସଭିଙ୍କ ବକ୍ତବ୍ୟରେ ରହିଥିଲା ଚିର ନମସ୍ୟ ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତିଚାରଣ, ଅକ୍ଷୟ କୀର୍ତି, ମହାନୁଭବତାର ଆଦର୍ଶକୁ ଆଗକୁ ବଢ଼ାଇବାର ଆହ୍ୱାନ । ଲାଇବ୍ରେରୀ ନିମନ୍ତେ ସହୃଦୟ ସହଯୋଗର ପ୍ରତିଶ୍ରୁତି ଓ ଦୃଢ଼ ପ୍ରତିବଦ୍ଧତା ଜ୍ଞାପନ କରିଥିଲେ ମନ୍ତ୍ରୀ ।

ମହାରାଜା ଓ ମୟୂରଭଞ୍ଜ ବିଷୟରେ ଯୁବପୀଢ଼ିଙ୍କୁ ଜାଗରୁକ ଓ ସଚେତନ କରାଇବା ନିମନ୍ତେ ଲାଇବ୍ରେରୀ ଆୟୋଜିତ ଓ ସ୍ଥପତି ମନୋଜ କୁଅଁରଙ୍କ ଦ୍ୱାରା ପ୍ରାୟୋଜିତ ଆନ୍ତଃ ମହାବିଦ୍ୟାଳୟ କୁଇଜ ପ୍ରତିଯୋଗିତାର କୃତି ଛାତ୍ର ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ଉତ୍ସବ ଅବକାଶରେ ବାରିପଦା ବର୍ଷିଆନ ଶିକ୍ଷାବିତ, ପ୍ରାବନ୍ଧିକ ଏବଂ ସର୍ବୋପରି ଲାଇବ୍ରେରୀର ଶୁଭାକାଂକ୍ଷୀ ଡ଼. ମୋହିତ ଷଡଙ୍ଗୀଙ୍କୁ ମାନପତ୍ର ଓ ଶାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନାନୁଭୂତି ଆଧାରିତ ପୁସ୍ତକ 'ସ୍ମୃତି ଅର୍ଘ୍ୟ' ମଧ୍ୟ ଉନ୍ମୋଚିତ ହୋଇଯାଇଛି ।

ଆଜିର ଅନ୍ୟ ଏକ ଆକର୍ଷଣ ଥିଲା ପ୍ରଦୀପ କୁମାର ଲେଙ୍କାଙ୍କ ପୁରାତନ ମୁଦ୍ରା ଓ ଡାକ ଟିକଟ ର ଏକକ ପ୍ରଦର୍ଶନୀ । ପ୍ରତିଷ୍ଠିତ ମାସିକ ପତ୍ରିକା 'ସମଦୃଷ୍ଟି' ଓ 'ପଞ୍ଚକୋଷ'ର ମିଳିତ ପ୍ରୟାସରେ ସମ୍ପାଦିତ ଡିସେମ୍ବରର ୨୦୨୫ ବିଶେଷ ସଂଖ୍ୟା "ସ୍ମୃତି ଓ ଅନୁଭୂତି'ରେ ମୟୂରଭଞ୍ଜ ରାଇଜ ମଧ୍ୟ ଉନ୍ମୋଚିତ ହୋଇଛି ।

## ଦୁର୍ଘଟଣାରେ ଧର୍ମଶାଳା ପ୍ରେସ କ୍ଲବର ବରିଷ୍ଠ ସାମ୍ବାଦିକ ଆହତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ବରିଷ୍ଠ ଉପଦେଷ୍ଟା ବଟକୃଷ୍ଣ ପରିଡା ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି । ସେ କାରକାରୁ କାମସାରି ଘରେ ପହଁଚି ନିଜର ବାଇକ ରଖୁଥିବା ସମୟରେ ଭାରସାମ୍ୟ ହରାଇବାରୁ ଗାଡିଟି ତାଙ୍କ ବାମ ଗୋଡ ଉପରେ ପଡିଯାଇଥିଲା । ଫଳରେ ତାଙ୍କ ଗୋଡରେ ଗଭିର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ମେଡିକାଲକୁ ନେଇ ଏକ୍ସରେ କରିବା ପରେ ବାମ ଗୋଡ ଫ୍ରାକ୍ଚର ହୋଇଥିବା ଜଣାପଡିଥିଲା । ପରେ ତାଙ୍କର ଗୋଡକୁ ପ୍ଲାଷ୍ଟର କରାଯାଇଥିଲା ବେଳେ ଏକ ମାସ ପାଇଁ ଘରେ ରହି ବିଶ୍ରାମ ନେବା ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି । ପ୍ରେସ କ୍ଲବର ସମସ୍ତ ସଦସ୍ୟ ଓ ତାଙ୍କର ଶୁଭେଚ୍ଛୁମାନେ ତାଙ୍କର ଆଶୁ ଅରୋଗ୍ୟ କାମନା କରିଛନ୍ତି ।

## ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ : ଛାତ୍ରାଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

କୁଆଁପାଳ,(ସବ୍ୟୁ) : ମଧ୍ୟାହ୍ନ ଭୋଜନରେ ମିଳୁଛି ପୋକରା ଚାଉଳ । ପୋକ ସାଲୁବାଲୁ ହେଉଥିବା ଚାଉଳର ଭାତ ଖାଇ ଅସୁସ୍ଥ ହେଉଛନ୍ତି ଛାତ୍ରଛାତ୍ରୀ । ଏହାକୁ ନେଇ ଛାତ୍ର ଓ ଅଭିଭାବକ ମହଲରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ଖବରରୁ ପ୍ରକାଶ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଦୁଆଦ ଅଂଚଳ ସ୍ଥିତ ବାସୁଦେବପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏପରି ଘଟଣା । ଚାଉଳ ଯୋଗାଉଥିବା ଯୋଗାଣକାରୀ ଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ । ଉଲ୍ଲେଖ ଯୋଗ୍ୟ , ଯୋଗାଣକାରୀଙ୍କ ଉପରୁ ଏହି ବ୍ଲକର ବିଦ୍ୟାଳୟ ଗୁଡିକୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ପ୍ୟାକେଟରେ ଓଜନ କମ ରହୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲେ ମଧ



ସ୍ଥାନୀୟ ପ୍ରଶାସନ ଓ ଶିକ୍ଷାବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଫଳରେ ଯୋଗାଣକାରୀ ଅତି ଦାୟିତ୍ୱହୀନ ଭାବେ କୋମଳମତୀ ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳ ଖେଳିବାକୁ ପଛାଉ ନ ଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏପରିକି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଚାଉଳର ମାନ ପରଖିବା ପାଇଁ ବିଭାଗୀୟ ଅଧିକାରୀ ବିଦ୍ୟାଳୟ ଗୁଡିକୁ ସରଜମିନ ଅନୁସନ୍ଧାନରେ ଯାଉନଥିବା ଗ୍ରାମବାସୀ କହିଛନ୍ତି । ଏହା ପୂର୍ବରୁ ପାଙ୍ଗୋଟା ଯାଉଥିବା ପୋକରା ଚାଉଳକୁ ଖାଇ ଛାତ୍ରଛାତ୍ରୀମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରି ଥିବାର ମଧ ଗ୍ରାମବାସୀ ଗଣମାଧ୍ୟମଙ୍କୁ କହିଛନ୍ତି । ତୁରନ୍ତ ପ୍ରଶାସନ ଛାତ୍ରଛାତ୍ରୀଙ୍କ ସମୁହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉନ୍ନତ ମାନଯୁକ୍ତ ମଧ୍ୟାହ୍ନଭୋଜନ ଚାଉଳ ସଂପୃକ୍ତ ବିଦ୍ୟାଳୟକୁ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି । ଏ ସଂପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମୋନାଲିସା ସରକାରଙ୍କୁ ପଚାରିବାରୁ ସେ ରିପୋର୍ଟ ମଗାଇଛନ୍ତି , ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ମଧ୍ୟାହ୍ନ ଭୋଜନ ଯୋଗାଣକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

## ଅସଦାଚରଣ ମାମଲାରେ ଦୋଷୀଙ୍କୁ ୪ବର୍ଷ କାରାଦଣ୍ଡାଦେଶ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଙ୍କ ଏକ ଫୌଜଦାରୀ ମାମଲାର ବିଚାର କରି ଘଟଣାରେ ସମ୍ପୃକ୍ତ ମୁଦାଲାକୁ ଚାରି ବର୍ଷ ସଶ୍ରମ କାରା ଦଣ୍ଡାଦେଶ ସହିତ ପାଞ୍ଚହଜାର ଟଙ୍କାର ଜୋରିମାନା ଆଦେଶ ଶୁଣାଇଛନ୍ତି । ସୂଚନା ମୁତାବକ ୨୦୨୦ ମସିହା ନଭେମ୍ବର ମାସରେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ଯେ ଗତ ୨୦୨୦ ମସିହା ନଭେମ୍ବର ମାସ ୧ ତାରିଖରେ ତାଙ୍କ ପଡୋଶୀ ଶଙ୍କର ସାହୁ ତାଙ୍କୁ ପଛ ପଟରୁ ଯାଇ କୁଣ୍ଢାଇ ଧରି ଅସଦାଚରଣ ଚରଣ କରିବା ସହ ଧର୍ଷଣ ଉଦ୍ୟମ କରିଥିଲେ । ତା କବଳରୁ ଖସି ଆସି ପିଡିତା ଲକ୍ଷ୍ମୀପୂଜା ସ୍ଥଳକୁ ଯାଇ ତାଙ୍କ ପୁଅ ଓ ଭଦ୍ର ଲୋକଙ୍କୁ ଏ କଥା ଜଣାଇବାକୁ ବାହାରିବା ବେଳେ ମୁଦାଲା ତାଙ୍କ ବେକରେ ପିନ୍ଧା ଲୁଗା କାନିକୁ ଗୁଡାଇ ମାରିଦେବାକୁ ଉଦ୍ୟମ କରିଥିଲା । ପିଡ଼ିତା ଏଥିନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଥାନା କେଶ ନଂ ୩୦୩/୨୦ ରେ ମାମଲା ରୁଜୁକରି ଚାର୍ଜସିଟ ଦାଖଲ କରିଥିଲା । ପରେ ଏହି ମାମଲା ଚଣ୍ଡିଖୋଲ କୋର୍ଟରେ ସି.ଟି କେଶ ନମ୍ବର ୫୫/୨୪ରେ ମାମଲା ବିଚାରାଧିନ ଥିଲା । ଏ ସମ୍ପର୍କରେ ୧୦ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ ଉକ୍ତ ମାମଲାର ଶେଷ ଶୁଣାଣି କରି ମୁଦାଲା ଶଙ୍କର ସାହୁଙ୍କୁ ଭାରତୀୟ ପିଙ୍ଗଳ କୋଡ଼ଦଫା ୩୫୪ ଓ ୩୦୩ ଦଫାରେ ଦୋଷୀ ସାବ୍ୟସ୍ତ କରି ଚାରି ବର୍ଷର ସଶ୍ରମ କାରାଦଣ୍ଡ ସହିତ ପାଞ୍ଚହଜାର ଟଙ୍କାର ଜୋରିମାନା ଏବଂ ଜୋରିମାନା ଅନାଦେୟ ଆଉ ଛଅ ମାସର ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ଆଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପି. ପି, ଦେବରାଜ ବେହେରା ପରିଚାଳନା କରିଥିଲେ।

## ବାଲି ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

ଯାଜପୁରସଦର,(ସବ୍ୟୁ) : ଜିଲାରେ ଅବୈଧ ବାଲି ଚୋରା ଚାଲାଣ, ଅବୈଧ ବାଲି ଉତୋଳନ ସମ୍ବନ୍ଧୀୟ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ଗ୍ରହଣ କରୁଛି । ବିଶେଷ କରି ବାଲି ଭର୍ତି ଚାଲାଣକୁ ଜିଲ୍ଲା ବାହାରକୁ ଓ ରାଜ୍ୟ ବାହାରକୁ ପଠା ଯାଉଥିବା ଅଭିଯୋଗକୁ ଗୁରୁତର ସହିତ ଗୁରୁତର ଅପରାଧ ଭାବେ ଦେଖାଯାଇଛି । ଏହି ପ୍ରକାର ଅବୈଧ କାର୍ଯ୍ୟକଳାପ ଓଡିଶା ଖଣିଜ ଉନ୍ନୟନ ନିୟମର ପ୍ରତିଷେଧ ଆଇନ୍ ଓ ନିୟମାବଳୀର ସ୍ୱଷ୍ଟ ଉଲ୍ଲଙ୍ଘନ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି । ଏହା ଦ୍ୱାରା ସରକାରୀ ରାଜସ୍ୱର ହାନୀ ସହିତ ପରିବେଷୀୟ ସ୍ଁଳନ ଉପରେ ମଧ୍ୟ କୁପ୍ରଭାବ ପଡୁଛି । ଏହି ପରିପ୍ରେକ୍ଷିରେ ଜିଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର ବ୍ୟାସନଗର,ବ୍ୟାସନଗର ପୌରପାଳିକା,ବିଞ୍ଝାରପୁର କନିଷ୍ଠ ଖଣି ଅଧିକାରୀଙ୍କୁ ତହସିଲ ସ୍ତରୀୟ ଟାସ୍କଫୋର୍ସ କୁ ନେଇ ଏକ ବୈଠକ ଡାକି ନିୟମିତ ଯାଂଚ,ଚଢାଉ ଓ କଠୋର ନିୟମ ହିସାବରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନଧିକୃତ ବାଲି ଚାଲାଣରେ ସଲଗ୍ନ ଗାଡି ଯନ୍ତ୍ରପାତି ଓ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସତର୍କ କରାଯାଇଛି ।

## ବାଲିସାହି ସାଇ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ବୈଠକ

ନାଉଗାଁ ,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ନାଉଗାଁ ଗ୍ରାମ ପଞ୍ଚାୟତ ସ୍ଥିତ ତିହୁଡା ବାଲିସାହି ଗ୍ରାମରେ ଭବ୍ୟ ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମନ୍ଦିରଟି ବଦାନ୍ୟ ବ୍ୟକ୍ତି ତଥା ସମାଜସେବୀ ନଗେନ୍ଦ୍ର ପ୍ରସାଦ ଦାସଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ବେଳେ,ଏହି ମନ୍ଦିରଟି ସବୁ ଜାତି ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ ଏବଂ ସାଇ ଭକ୍ତ ଓ ସାଇ ପ୍ରେମୀ ମାନଙ୍କ ପାଇଁ ଖୋଲା ରହିବ । ମନ୍ଦିରଟି ଶିରିଡି ସାଇ ବାବା ମନ୍ଦିର ପରି ସମାନ ଭାବରେ ନୀତିକାନ୍ତି ଅନୁଷ୍ଠିତ ହେବି । ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତା ଡିସେମ୍ବର ମାସ ୨୩,୨୪ ଏବଂ ୨୫ ତାରିଖ ତିନି ଦିନ ବ୍ୟାପି ରୀତିନୀତିରେ ଅନୁଷ୍ଠିତ ହେବି । ୨୪ ତାରିଖ ଦିନ ଭଜନ ସନ୍ଧ୍ୟା ଏବଂ ୨୫ତାରିଖ ଦିନ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବି । ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରତିଷ୍ଠାତା ନଗେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ,ବୃନ୍ଦାବନ ଲେଙ୍କା,କୈଳାସ ଚନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ବେହୁରା,ପ୍ରଭୁ ଚରଣ ଦାସ, ସୁରେନ୍ଦ୍ର ଦାସ,ଅଶୋକ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କୁ ଯୋଗ ଦେବା ନିମନ୍ତେ ନିବେଦନ କରିଥିଲେ।

## ରାଜନେତା ମତଲୁବ ଅଲ୍ଲୀଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା,(ସବ୍ୟୁ) : ଚଳିତମାସ ୧୬ତାରିଖ ମଙ୍ଗଳବାର ଦିନ ରାଣିଗୋଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶିଷ୍ଟ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମତଲୁବ ଅଲ୍ଲୀଙ୍କ ୮୪ତମ ଜୟନ୍ତୀ ଶରତକର ଓ ଅନିମା କର ଫାଉଣ୍ଡେସନ୍ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାକ୍ତନ ଆୟକର କମିଶନର ତଥା ବିଶିଷ୍ଟ ସମାଜସେବୀ ଶୋଭନ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ଦିବଂଗତ ମତଲୁବ ଅଲ୍ଲୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ମତଲୁବବାବୁ ମାହାଙ୍ଗାର ବିକାଶ ଦିଗରେ ବହୁ ଜନହିତକର କାର୍ଯ୍ୟକରି ସାଧାରଣ




ଜନତାଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ମାହାଙ୍ଗା ମୈତ୍ରୀମଞ୍ଚର ସାଧାରଣ ସଂପାଦକ ତଥା ନିର୍ଭୀକ ପତ୍ରିକାର ସଂପାଦକ ଅବନି ଚନ୍ଦ୍ର ଦାସ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ମତଲୁବ ଅଲ୍ଲୀଙ୍କ ସ୍ମୃତିଚାରଣ କରି କହିଥିଲେ ସେ କେବଳ ରାଜନେତା ନଥିଲେ ବରଂ ସାହିତ୍ୟ,ସଂସ୍କୃତି ଓ ପରମ୍ପରା ଅନନ୍ୟ ଉପାସକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଲେଙ୍କା, ଯୁବସଂଗଠକ ଶୁଭେନ୍ଦୁ ସାମଲ ପ୍ରମୁଖ ମତଲୁବ ଅଲ୍ଲୀଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ। ଶରତକର ଓ ଅନିମାକର ଫାଉଣ୍ଡେସନ୍ର କର୍ମକର୍ତ୍ତା ସଦସ୍ୟଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବୟୋଜ୍ୟେଷ୍ଠ ମୁରବୀ,ଯୁବକ,ବିଦ୍ୟାଳୟର ଶିକ୍ଷକଓ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦିବଂଗତ ନେତା ମତଲୁବବାବୁଙ୍କ ସ୍ମୃତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ରାସ୍ତା ଉପରକୁ ମାଡି ଅସ୍ଥାୟୀ ଦୋକାନ : ଯାତାୟତରେ ସମସ୍ୟା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ରାଜ୍ୟରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାରଠାରେ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ବ୍ୟବସାୟୀ ଅସ୍ଥାୟୀ ଭାବେ ବିଭିନ୍ନ ଜିନିଷପତ୍ର ରଖି ବ୍ୟବସାୟ କରୁଛନ୍ତି । ଯାହାଫଳରେ ଏହି ରାସ୍ତାରେ ଯାନବାହାନ ଯିବା ଆସିବାରେ ବହୁ ଅସୁବିଧା ହେବା ସହିତ ସମୟ ସମୟରେ ଭିଡ ହେତୁ ଛୋଟବଡ ଦୁର୍ଘଟଣାମାନ ଘଟୁଛି । ବଜାର ପାଖ ୮ ନଂ କେନାଲ ବନ୍ଧ କଡରେ ସରକାରୀ ସ୍ୱୀକୃତୀପ୍ରାପ୍ତ ଦେଶୀ ମଦ ଦୋକାନ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦଦୋକାନ ରହିଛି । ଏହି ମଦ ଦୋକାନକୁ ଦୈନନ୍ଦିନ ବହୁ ଲୋକ ଯାଆସ କରିଥାଆନ୍ତି ଏବଂ ଏହି କେନାଲ ବନ୍ଧ ଦେଇ ବିଭିନ୍ନ ପ୍ରକାର ଛୋଟବଡ ଯାନ ଯାଆସ କରିବା ସହିତ ଟ୍ରାକ୍ଟର ଓ ହାଇୱାରେ ବାଲି ବୁହା ହୋଇଥାଏ । କଟକ-ଚାନ୍ଦବାଲି ରାସ୍ତାର ଦକ୍ଷିଣ ପାର୍ଶ୍ୱରୁ ଏହି କେନାଲବନ୍ଧର ପ୍ରବେଶ ପଥର ଗୋଟିଏ ପାର୍ଶ୍ୱରେ ବିଭିନ୍ନ ପ୍ରକାର ପରିବା ଯଥା ମୂଳା,କୋବି ଇତ୍ୟାଦି ରାସ୍ତାକଡରେ ପାଦଚଲା ରାସ୍ତାକୁ ମଡାଇ ବ୍ୟବସାୟ କରାଯାଉଥିବା ବେଳେ ଅନ୍ୟ ପାର୍ଶ୍ୱରେ ଏକ ଫଳ ଦୋକାନ ରାସ୍ତାକଡକୁ ମଡାଇ ଖୋଲାଯାଇ ବ୍ୟବସାୟ କରାଯାଉଛି । ଫଳରେ ଉକ୍ତକେନାଲ ବନ୍ଧରେ ଯିବା ଆସିବା କଷ୍ଟସାଧ ହେଉଛି । ବିଗତ ଦିନରେ ନିଶ୍ଚିନ୍ତକୋଇଲି ଥାନା ପୋଲିସପକ୍ଷରୁ ରାସ୍ତା ଉପରକୁ ମଡାଇ ଅସ୍ଥାୟୀ ବ୍ୟବସାୟ କରୁଥିବା ଚାଷୀ ଓ ବ୍ୟବସାୟୀମାନଙ୍କୁ ସେଥିରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ପୋଲିସର କଥାକୁ ସେମାନେ ମାନୁନଥିବା ଦେଖିବାକୁ ମିଳିଛି । ନିଶ୍ଚିନ୍ତକୋଇଲି ତହସିଲଦାର ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବୃତ୍ତି ପାଇଥିବା ଛାତଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତଗ୍ରତ ମୁଗୁପାଳ ପଂଚାୟତ ଖଇରଝବାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇ ପ୍ରତିଭା ଚଳିତ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ବୃତ୍ତି ଲାଭ କରିଥିବାରୁ ସ୍କୁଲ ପରିସରରେ ସେ ଛାତ୍ରୀ ଦ୍ୱୟ ଙ୍କୁ





ସମ୍ବର୍ଦ୍ଧନା ଦିଆଯାଇଛି । ପଞ୍ଚମ ଶ୍ରେଣୀ ଛାତ୍ରୀ ଶୁଭସ୍ମିତା ମିଶ୍ର, ଅନନ୍ୟା ସାହୁ, ରସୁଲପୁର ବ୍ଲକ ର ପଞ୍ଚମ ଶ୍ରେଣୀ ପାଇଁ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟହୋଇ ବୃତ୍ତି ଲାଭ କରିଥିବାରୁ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ସହକାରୀ ଶିକ୍ଷକ ଉତ୍ତମ କୁମାର ନାୟକ ଛାତ୍ରୀ ଦ୍ୱୟ ଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ଉତ୍ତରୋତ୍ତର ଉର୍ନତି କାମନା କରିଛନ୍ତି । ଖଇରାବାଦସ୍କୁଲର ଛାତ୍ରୀ ଦ୍ୱୟ ପ୍ରଥମ ଶ୍ରେଣୀରୁ କୃତକାର୍ଯ୍ୟ ହୋଇ ଆସୁଛନ୍ତି ।

## ଓଲାଭର ହାଇସ୍କୁଲ ୧୯୭୭ ବ୍ୟାଚ ବନ୍ଧୁମିଳନ

ରାଜକନିକା,(ସବ୍ୟୁ) : ଦୁନିଆର ସବୁଠାରୁ ମହନୀୟ ସମ୍ପର୍କ ବନ୍ଧୁତା, ଏହି ବନ୍ଧୁତା କୁ କେବେ ହେଲେ ବିଚ୍ଛିନ୍ନ କରିବା ଉଚିତ ନୁହେଁ, ବିପଦ ସମୟ ରେ ପ୍ରକୃତ ସାଥିଟିଏ ହିଁ କେବଳ ପାଖରେ ଛିଡା ହୋଇ ସାହସ ଓ ଆଶା -ଆଶ୍ୱାସନା ଦେଇଥାଏ ବୋଲି ବୁଧବାର ନହୁଣୀ ଗାୟତ୍ରୀ ମଣ୍ଡପ ଠାରେ ଓଲା ଭର ହାଇସ୍କୁଲ ୧୯୭୭ ବ୍ୟାଚ ୫ ମ ବନ୍ଧୁ ମିଳନ ଉତ୍ସବ ରେ ସହପାଠୀ ମାନେ ଏକତ୍ରିତ ହୋଇ ଏହା ପ୍ରକାଶ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମ ରେ ୧୯୭୭ ମାଟ୍ରିକ ବ୍ୟାଚ ର ସହପାଠୀ ଏକତ୍ରିତ ହୋଇ ଅତୀତର ସ୍ମୃତି ରୋମନ୍ଥନ କରିବା ସହିତ ପରସ୍ପର ଭାବ ବିନିମୟ କରିଥିଲେ । ଏହି ଅବସରରେ ସହପାଠୀମାନେ ତାଙ୍କର ଏକ ଗରିବ ସାଥୀକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ୧୯୭୭ ବ୍ୟାଚ ପୁରାତନ ଛାତ୍ର ସଂଗଠନ ସଭାପତି ଉତ୍ସବ ଆନନ୍ଦ ବିଶ୍ୱାଳ, ଉପସଭାପତି ଅଜୟ ନାଥ ସମ୍ପାଦକ ବିଜୟ କୁମାର ମହାକୁଡ଼, ସହ ସମ୍ପାଦକ ସନାତନ ସାହୁ ଓ ପ୍ରମୋଦ ପୃଷ୍ଟି ଅର୍ଥ ସମ୍ପାଦକ ପଞ୍ଚାନନ ଦାସ, ପ୍ରବନ୍ଧକ ମାନଗୋବିନ୍ଦ ମଲ୍ଲିକ,ମିଡ଼ିଆ ସମ୍ପାଦକ ନବକିଶୋର ବେହେରା, ଉପଦେଷ୍ଟା ଦିଲୀପ ବାରିକ,ଓ କବିରାଜ ବାରିକ, ଅଜୟ ମହଲା, ନେତ୍ରାନନ୍ଦ ସାହୁ,ଅରବିନ୍ଦ ବାରିକ ପ୍ରଦୀପ ପରିଡା, ଶ୍ରୀବତ୍ସ ବିଶ୍ୱାଳ,ପାର୍ଥବୀ ରାଉତ ସୁକାନ୍ତି ଦାସ ଙ୍କ ସମେତ ଅନାନ୍ୟ ସହପାଠୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଆନ୍ତଃ କଲେଜ କ୍ରିକେଟ :ମାର୍ଶାଘାଇ ଓ ବିଆରଏମ କଲେଜ ବିଜୟୀ

ବ୍ୟାସନଗର, (ଜିପ୍ର) : ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଚାଲୁଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିନ ଖେଳର ପ୍ରଥମ ମ୍ୟାଚ ସୁକିନ୍ଦା କଲେଜ ଓ ମାର୍ଶାଘାଇ କଲେଜ. କେନ୍ଦ୍ରାପଡ଼ା ମାଧ୍ୟରେ ହୋଇଥିଲା। ଟସରେ ବିଜୟୀ ହୋଇ ମାର୍ଶାଘାଇ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲେ। ନିର୍ଧାରିତ ୧୫ ଓଭର ରେ ୭ଉଇକେଟ ହରାଇ ୧୩୬ ରନ କରିଥିଲେ। ଦଳ ତରଫରୁ ଆୟୁଷ ସାମଲ ୪୪ ରନ କରିଥିଲେ। ଏହାର ଜବାବରେ ସୁକିନ୍ଦା କଲେଜ ୧୫ଓଭର ରେ ୯ଟି ଉଇକେଟ ହରାଇ ୧୦୯ ରନ କରିଥିଲେ। ୨୭ ରନ ରେ ମାର୍ଶାଘାଇ କଲେଜ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ବି. ଆର. ଏମ. ଭୁବନ ଓ ବି. ବି. କଲେଜ. ଚଣ୍ଡିଖୋଲ ସହିତ ହୋଇଥିଲା। ଟସ ରେ ବିଜୟୀ ହୋଇ ବି. ବି. କାଜେଜ ପ୍ରଥମେ ବ୍ୟାଟିଙ୍ଗ କରିବାକୁ ନିଷ୍ପତି ନେଇଥିଲେ। ନିର୍ଧାରିତ ୧୫ ଓଭର ରେ ସମସ୍ତ ଉଇକେଟ ହରାଇ ୧୨୫ ରନ କରିଥିଲେ। ଏହାର ଜବାବ ରେ ବି. ଆର. ଏମ. ଭୁବନ ୧୫ଓଭର ରେ ୮ ଉଇକେଟ ହରାଇ ୧୨୭ ରନ କରିଥିଲେ। ଦଳ ତରଫରୁ ଲଗେନ ବେହେରା ୩୮ ରନ କରିଥିଲେ। ପ୍ରଥମ ମ୍ୟାଚର ମାର୍ଶାଘାଇ ର ଆୟୁଷ ସାମଲ ଓ ଦ୍ୱତୀୟ ମ୍ୟାଚ ର ବି. ଆର. ଏମ. କଲେଜର ଲଗେନ ବେହେରା ଙ୍କୁ ତେଜ ହୋଣ୍ଡା ତରଫରୁ ପୁରସ୍କାର ଦିଆଯାଇଥିଲା। ଆଜିର ଖେଳକୁ ପବିତ୍ର ମଲ୍ଲିକ. ପ୍ରଦୀପ ମଲ୍ଲିକ. ଶୁଭମ ବିଶ୍ୱାଳ ଓ ବି. ମୋହିନେସ ପରିଚାଳନା କରିଥିଲେ।

## ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାହକମାରଣ ନୀତି ବିରୋଧରେ ବିକ୍ଷୋଭ

ସାଲେପୁର, (ସବ୍ୟୁ) :- ସାଲେପୁର ଡିଭିଜନ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାଲେପୁର ଉପଭୋକ୍ତା ସଂଘର ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ।ଟିପିସିଓଡ଼ିଏଲ ଗ୍ରାହକ ଶୋଷଣ ନୀତି ଓ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଗ୍ରାହକମାନଙ୍କୁ ଅତିରିକ୍ତ ସିକ୍ୟୁରିଟି ଦେୟର ବୋଝ ଲଦିଦେଲା ପରେ ଗ୍ରାହକମାନେ ଆଜି ବିକ୍ଷୋଭ କରିବା ସହ ପ୍ରତିବାଦ ସଭା କରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ମୁଖ୍ୟ ଶାସନସଚିବ ଓ ରାଜ୍ୟ ଉପଭୋକ୍ତା ସଂଘ ସଭାପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସାଲେପୁର ଡିଭିଜନ ବିଦ୍ୟୁତ ଉପଭୋକ୍ତା ସଂଘର ସମ୍ପାଦକ ଗଗନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ରାଜ୍ୟ ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ପଞ୍ଚାନନ କାନୁନଗୋ, ସଂଘ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ସାଲେପୁର ସଂଘ ସଭାପତି ନନ୍ଦ କିଶୋର ଭୂୟାଁ,ଦିଲ୍ଲୀପ ଦାଶ, ଜ୍ୟୋତି ସ୍ୱାଇଁ,ସୁରେନ୍ଦ୍ର ମହାରଣା, ବିରଞ୍ଚି ନାରାୟଣ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନବ କିଶୋର କର, ହରିବନ୍ଧୁ ଶତପଥୀ, ଗୌତମ ମହାରଣା,ବିଶ୍ୱମୋହିତ କର, ବେଣୁଧର ପ୍ରଧାନ,ଅଜିତ ପଣ୍ଡା, ଜୟଦେବ ଶତପଥୀ ପ୍ରମୁଖ ଟିପିସିଓଡ଼ିଏଲ ଗ୍ରାହକ ମରଣା ନୀତିକୁ ତୀବ୍ର ବିରୋଧ କରିବା ସହ ଆଗାମୀ ଦିନରେ ଆଠ ଦଫା ସମ୍ବଳିତ ଦାବିକୁ ଯଦି ଉଚ୍ଚ କର୍ତୃପକ୍ଷ ବିଚାର କରି ସମାଧାନ ନକରନ୍ତି ତେବେ ସଂଘ ରାଜ ରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ଭାବରେ ବିକ୍ଷୋଭ ପଦର୍ଶନ କରିବାକୁ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରୁ ବିଦ୍ୟୁତ ଉପଭୋକ୍ତା ମାନେ ଯୋଗଦେଇଥିଲେ ।

## ଜମିବାଡିକୁ କେନ୍ଦ୍ର କରି ନାତିର ଗାଡି ଧକ୍କାରେ ଜେଜ ମା' ମୃତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଖାନ୍ଦରାପୁର ସିଂଗଡା ଗ୍ରାମରେ ନାତିର ଗାଡି ଧକ୍କାରେ ଜେଜେମାର ମୃତ୍ୟୁ ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଯାହାକୁ ନେଇ ସମଗ୍ର ଅଂଚଳରେ ଏହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏ ଘଟଣାରେ ପୁଲିସ ଅଭିଯୁକ୍ତର ବାପା ଓ ସାନଭାଇକୁ ଥାନାକୁ ଆଣି ତଦନ୍ତ ଚଳାଇଛି । ପ୍ରକାଶଯେ ସିଂଗଡା ଗ୍ରାମର ଦ୍ଧ ଫୋଇନ ସାହୁ ଓ ତାଙ୍କ ସ୍ତ୍ରୀ କୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା । ନାରାୟଣ ତାଙ୍କ ବାପ ଓ ମାଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ । ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ । ଫୋଇନର ମୃତ୍ୟୁ ପରେ କୁଳି ଅଧିକ ନିର୍ଯ୍ୟାତନାର ଶିକାର ହୋଇ ଝିଅ ଘରେ ଯାଇ ରହୁଥିଲେ। ଏହି ମାମଲାକୁ କେନ୍ଦ୍ର କରି ଥାନାରେ ମାମଲା ହୋଇଥିଲା । ଯେଉଁଥି ପାଇ ମା ଓ ଝିଅ ଆଜି ଗାଁକୁ ଆସିଥିଲେ । ଆଜି ଅପରାହ୍ନ ୪ଟା ୨୦ ମିନିଟ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତିକ ଏକ ପିକଅପ (ଓଡି ୦୪ଇ୮୫୪୭) ନେଇ କୁଳିକୁ ଧକ୍କା ଦେଇଥିବା ବେଳେ ଅନିତା ହେଇଁ ପଡି ଅଳ୍ପକେ ବର୍ତ୍ତି ଯାଇଥିଲା । ଫଳରେ ଘଟଣାସ୍ଥଳରେ କୁଳିର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା । ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଂଚି ରାଜପଥ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଅପରପକ୍ଷେ ପୁଲିସ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବା ସହ ଦୁର୍ଘଟଣା ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରିଛି । ବାପ ପୁଅ ମିଶି ସମ୍ପତ୍ତି ଲୋଭରେ ମାକୁ ଷଡଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ କରିଛନ୍ତି ଅନିତା । ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଷକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି । ସମ୍ପତ୍ତି ପାଇଁ ପରିବାର ଲୋକ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ସ୍ଥାନୀୟ ଅଂଚଳରେ ଆଲୋଚନାର ବିଷୟ ପାଲଟିଛି ।

## ସାହାସପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଶୈକ୍ଷିକ ପରିଭ୍ରମଣ

ବାଲିଚନ୍ଦ୍ରପୁର ,(ସବ୍ୟୁ) : ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଓଡ଼ିଆ ବିଭାଗର ମୁଖ୍ୟ ଅଧାପିକା ମିନତି ମଞ୍ଜରୀ ନାୟକ, ଅଧାପିକା ଆଦ୍ୟାମୌସୁମୀ ମହାନ୍ତି, ଅଧାପକ ଅଶୋକ କୁମାର ମଲ୍ଲିକ ଓ ଅଧାପକ ଦିପୁନ୍ ପୁହାଣଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କପାଇଁ ଏହି ଏକ ଦିବସୀୟ ଶୈକ୍ଷିକ ପରିଭ୍ରମଣର ଆୟୋଜନ କରାଯାଇଥିଲା । ଏହି ପରିଭ୍ରମଣର ଉଦ୍ଦେଶ୍ୟ ଥିଲା ପ୍ରାଚୀ ସଭ୍ୟତା, ସାହିତ୍ୟ ଓ ସଂସ୍କୃତିର ଅନୁଶୀଳନଛ ଓଡ଼ିଶାର ଇତିହାସ ଓ ପୁରାଣ ପ୍ରସିଦ୍ଧ ପ୍ରାଚୀ ନଦୀ ଅବବାହିକାରେ ସ୍ଥିତ କବି ଶ୍ରୀ ଜୟଦେବଙ୍କ ଜନ୍ମପୀଠ ପରିଦର୍ଶନ ସହିତ ଗୀତଗୋବିନ୍ଦର ସାହିତ୍ୟିକ ଓ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ପିଲାମାନଙ୍କୁ ଅବଗତ କରାଯାଇଥିଲା । ଏହାପରେ ନିଆଳିସ୍ଥିତ ମାଧବ ମନ୍ଦିର ପରିଦର୍ଶନ କରି ଓଡ଼ିଶାରେ ମାଧବ ଉପାସନାର ଇତିହାସ ଓ ବୈଷ୍ଣବ ଧର୍ମର ମହତ୍ତ୍ୱ ତଥା କଳିଙ୍ଗ ଶୈଳୀରେ ନିର୍ମିତ ମନ୍ଦିରର କାରୁକାର୍ଯ୍ୟ ବିଷୟରେ ପିଲାଙ୍କୁ ଅବଗତ କରାଯାଇଥିଲା । ଏହା ପରେ ପ୍ରାଚୀ ଅବବାହିକାରେ ସ୍ଥିତ ମାଆ ମଙ୍ଗଳା ମନ୍ଦିର ଦର୍ଶନ କରି ଓଡ଼ିଶାରେ ଶାକ୍ତ ପରମ୍ପରା ବିଷୟରେ ପିଲାଙ୍କୁ ଧାରଣା ଦିଆଯାଇଥିଲା । ପରିଶେଷରେ ଓଡ଼ିଆ କଳା, ଭାସ୍କର୍ଯ୍ୟ ଓ ସାହିତ୍ୟର ଅନନ୍ୟ କେନ୍ଦ୍ରବିନ୍ଦୁ କୋଣାର୍କ ମନ୍ଦିରର ଦର୍ଶନ କରିବା ସହିତ ମନ୍ଦିର ସହିତ ଜଡ଼ିତ ଇତିହାସ, କିମ୍ବଦନ୍ତୀ ଓ ସାହିତ୍ୟର ଆଲୋଚନା କରାଯାଇ ପରିଭ୍ରମଣର ସମାପ୍ତି ଘଟିଥିଲା । ଏହି ଶୈକ୍ଷିକ ପରିଭ୍ରମଣ ଦ୍ୱାରା ପିଲାଙ୍କ ମଧ୍ୟରେ ସାହିତ୍ୟ, ସଂସ୍କୃତି ଓ ଉତ୍କଳର କଳା କାରିଗରୀ ପ୍ରତି ବିଶେଷ ଧାରଣା ତିଆରି ହୋଇପାରିଥିବ ବୋଲି ବିଭାଗର ଅଧାପକ ଅଧାପିକାମାନେ ଆଶା ପୋଷଣ କରିଛନ୍ତି ।

## ସାଲେପୁର କଲେଜ ୧୯୮୧ ବ୍ୟାଚ ବନ୍ଧୁମିଳନ



ସାଲେପୁର, (ସବ୍ୟୁ) : ସାଲେପୁର ମହାବିଦ୍ୟାଳୟର ୧୯୮୧ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ବି.କେ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଙ୍ଗତ ବନ୍ଧୁମାନଙ୍କର ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବାପରେ ପ୍ରାକ୍ତନ ଛାତ୍ର ଅନିଲ କୁମାର ସ୍ୱାଇଁ ବନ୍ଧୁମିଳନ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ନିକୁଞ୍ଜ ବିହାରୀ ପୃଷ୍ଟି ଓ ଆରତୀ କରଙ୍କ ଦ୍ୱାରା ପରିବେଶିତ ଜଗନ୍ନାଥ ଭଜନ ଓ ସ୍ୱରଚିତ କବିତା ଉପସ୍ଥିତ ବନ୍ଧୁମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଉତ୍ସବ କାର୍ଯ୍ୟକୁ ଆଗେଇ ନେବାରେ ପ୍ରେରଣା ପ୍ରଦାନ କରିଥିଲେ ରାଜକିଶୋର ଶାସ୍ତ୍ରୀ ଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ପରିବେଶିତ ହିନ୍ଦୀ ଓ ଓଡିଆ ହାସ୍ୟରସାତ୍ମକ ସଂଗୀତ ଉପସ୍ଥିତ ବନ୍ଧୁମାନଙ୍କ ମନରେ ଆନନ୍ଦ ଲହରୀ ଖେଳାଇ ଦେଇଥିଲା। ବିକାଶ ଚନ୍ଦ୍ର ଦାସ ତାଙ୍କ ପୋଲିସ ଚାକିରି ଜୀବନର ଅଭିଜ୍ଞତା ସମ୍ପର୍କରେ ସାମ୍ୟକ ସୂଚନା ଦେବା ସହିତ ସମାଜରେ କିଭଳି ଭଲ ମଣିଷ ତିଆରି ହୋଇ ପାରିବ ସେଥିପାଇଁ ସମସ୍ତେ ଉଦ୍ୟମ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ସର୍ବଶ୍ରୀ ବିଜୟ କୁମାର ଜେନା, ଅଶୋକ କୁମାର ବିଶ୍ୱାଳ, ରବିନ୍ଦ୍ର ଦାସ, ଶଶୀ ଭୂଷଣ ଷଡଙ୍ଗୀ,ହିମାଂଶୁ ଶେଖର ଦାସ, ନିରୋଦ କୁମାର ଚାନ୍ଦ, ଭାଗବତ ଖଟୋଇ, ରବିନାରାୟଣ ସାହୁ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ବେହେରା, ଲତା ମଞ୍ଜରୀ ଶତପଥି, ଅଞ୍ଜନା ମହାପାତ୍ର,ସୁଷମା ପଣ୍ଡା, ସ୍ନେହଲତା ନନ୍ଦ, ପ୍ରଣତୀ ମିଶ୍ର ପ୍ରମୁଖ ଏପରି ଏକ ନିଆରା ପରମ୍ପରାର ଭୂୟସୀ ପ୍ରଶଂସା କରିବା ସହ ସମାଜର ଅବହେଳିତ ଓ ଅସହାୟମାନଙ୍କ ସେବାରେ କିଛି ସମୟ କଟାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବକୁ ସର୍ବଶ୍ରୀ ବିଶ୍ୱ ମୋହିତ କର, ଅଶୋକ କୁମାର ସ୍ୱାଇଁ, ବିଜୟ କୁମାର ଜେନା, ଭାଗବତ ଖଟୋଇ, ଯୁଗଳ କିଶୋର ଜେନା, ଜ୍ଞାନେନ୍ଦ୍ର କୁମାର ଦାସ, ମନୋଜ କୁମାର ସ୍ୱାଇଁ, ପ୍ରଭାକର ବେହେରା, ସିତାନାଥ ବେହେରା, ଲକ୍ଷ୍ମୀଧର ସାହୁ, ଚିତ୍ତରଞ୍ଜନ ନାୟକ, ଶରତ କୁମାର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ଉତ୍ସବରେ ଉପସ୍ଥିତ ରହିଥିବା ସମସ୍ତ ବନ୍ଧୁ ଏବଂ ସର୍ବୋପରି ଉତ୍ସବଟିର ସୁପରିଚାଳନା ପାଇଁ ଖଗେଶ୍ୱର ବାଗ ଧନ୍ୟବାଦ ପ୍ରଦାନ କରିଥିଲେ।

## ମାଇକ୍ରୋ ୱେଭ ଅଫିସ ହତା ମଧ୍ୟରେ ଗୁହାଳ : ଆଡ୍ଡା ଜମାଉଛନ୍ତି ନିଶାଡି ଓ ଅପରାଧୀ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଜଇପୁରା (ଖଡିଅଙ୍ଗ) ଗ୍ରାମରେ ଥିବା ମାଇକ୍ରୋ ୱେଭ ଅଫିସ ଏବେ ଗୁହାଳ ଘର, ନିଶାଡି ଓ ଅପରାଧୀଙ୍କ ଆଡ୍ଡାସ୍ଥଳ ପାଲଟିଛି । ୧୯୯୮ ମସିହାରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୱାକଫ ସମ୍ପତିରେ ତିଆରି ହୋଇଥିବା ଏହି ଅଫିସଟି କାଳକ୍ରମେ ବନ୍ଦ ହୋଇଯିବା ପରେ ଏହାର ଉଭୟ ପାର୍ଶ୍ୱରେ ୯୦ ଫୁଟ ଉଚ୍ଚର ଉଚ୍ଚ ସମ୍ପନ୍ନ ଟେଲିଫୋନ ଟାୱାର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା । ଫଳରେ ଟେଲିଫୋନ (ଲ୍ୟାଣ୍ଡ ଫୋନ) ଯୋଗାଯୋଗରେ ସୁବିଧା ହୋଇଥାନ୍ତା। କିନ୍ତୁ ଏହା କାର୍ଯ୍ୟକାରୀ ନହେବାରୁ ବିଭାଗ ଏହାକୁ ଟେଲିଫୋନ ବିଭାଗକୁ ହସ୍ତାନ୍ତର କରି ଦେଇଛି । ଦୀର୍ଘ ୨୦ ବର୍ଷ ହେବ ଟେଲିଫୋନ ବିଭାଗ ଏଥିପ୍ରତି ଦୃଷ୍ଟି ନଦେବାରୁ ଏହା ଭିତରେ ଥିବା ମୂଲ୍ୟବାନ ସାମଗ୍ରୀକୁ ଅପରାଧୀ ମାନେ ଲୁଟି ନେଇଥିବା ବେଳେ ଝରକା କବାଟ ସବୁ ଭାଙ୍ଗି ଅଫିସ ଭିତରେ ମହୁଆ ଓ ଗଡିଆ ନିଶାଡି ଅପରାଧୀ ମାନେ ମାନଙ୍କ ଆଡ୍ଡା ପାଲଟିଛି । ଏହା ପାଖରେ ଥିବା କାର୍ଯ୍ୟାଳୟ ଘର ମଧ୍ୟରେ ଗୁହାଳ କରି ସ୍ଥାନୀୟ ଲୋକ ଗାଈ, ଛେଳି, ମେଣ୍ଢା ଆଦି ବାନ୍ଧୁଛନ୍ତି । ବଡ ବଡ ଅପରାଧ ଘଟାଇ ଅପରାଧୀ ମାନେ ଏହା ଭିତରେ ରାତିରେ



ଆଶ୍ରୟ ନେଉଥିବା ବେଳେ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ଏହି ବାଟ ଦେଇ ଯିବା ଆସିବା କରୁଥିବା ଗ୍ରାମବାସୀ ଏମାନଙ୍କର ଆକ୍ରୋଶର ମଧ ଶିକାର ହେଉଛନ୍ତି । ତୁରନ୍ତ ଏହି ପରିତ୍ୟକ୍ତ ମାଇକ୍ରୋ ୱେଭ ଅଫିସକୁ କାର୍ଯ୍ୟରେ ଲଗାଇବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ହାଇସ୍କୁଲ ଛାତ୍ରୀଙ୍କୁ ଶହେ ସାଇକେଲ ସହିତ ହେଲମେଟ ବଣ୍ଟନ



ବାଙ୍କୀ , (ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ସାଧବ ସମାଜ ବିଦ୍ୟାନିକେତନ ପରିସରରେ ସାଧବ ସମାଜ ବିଦ୍ୟାମିକେତନ ଓ ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କୁ କାନାରା ରୋବେକ ଫଣ୍ଡ ପକ୍ଷରୁ ଶହେ ଦୁଇ ଜଣ ଛାତ୍ରୀଙ୍କୁ ମାଗଣାରେ ଦାମୀ ସାଇକେଲ ସହିତ ହେଲମେଟ ପ୍ରଦାନ କରା ଯାଇଛି । ଏକ ବର୍ଣ୍ଣାଢ୍ୟ ଉତ୍ସବରେ କାନାରା ରୋବେକୋର ମୁଖ୍ୟ ଶାନ୍ତି ସ୍ୱରୂପ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ଥିବା ବେଳେ ବିଦ୍ୟାନିକେତନର ପ୍ରଧାନ ଶିକ୍ଷକ ରବି ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଆଞ୍ଚଳିକ ମ୍ୟାନେଜର ପ୍ରଦୀପ କୁମାର ଖୁଣ୍ଟିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତ ରଂଜନ ସାହୁ, ଛାତ୍ରୀ ମାନ ଙ୍କ ସହିତ ବହୁ ଅଭିଭାବକ ମାନେ ଯୋଗ ଦେଇଥିଲେ । ଜଗନ୍ନାଥପୁର ଗ୍ରାମର ସମାଜସେବୀ ସୁଶାନ୍ତ କୁମାର ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଭାଗିରଥି ନିଶଙ୍କ, ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ସଂଯୋଜନା କରିଥିଲେ । ମାଗଣା ସାଇକେଲ ଓ ହେଲମେଟ ପାଇ ଛାତ୍ରୀ ମାନେ ଖୁସି ପ୍ରକଟ କରିଛନ୍ତି ।

## ସମସ୍ୟା ଘେରରେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ

## ୪ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ

ଟାଙ୍ଗୀ,(ସବ୍ୟୁ): ସରକାର ଶିକ୍ଷା ବ୍ୟବସ୍ଥା ରେ ସୁଧାର ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି କିନ୍ତୁ ଅଧିକାଂଶ କ୍ଷେତ୍ରରେ ସହଯୋଗ ସହାନୁଭୂତି ତଥା ଦୂରଦୃଷ୍ଟି ଅଭାବରୁ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଶିକ୍ଷା ବିଭିନ୍ନ କାରଣରୁ ସୁଫଳ ମିଳିପାରୁନଥିବା ବାସ୍ତବିକ ପରିତାପର ବିଷୟ । ୩୦ ବର୍ଷ ତଳର ଟାଙ୍ଗୀ ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଏହାର ଏକ ନିଛକ ଉଦାହରଣ ।

ତେବେ ବର୍ଷ ବର୍ଷ ଧରି କୌଣସି ପ୍ରତିକାର ନହେବା ରୁ ଶତାଧିକ ଛାତ୍ରଛାତ୍ରୀମାନଙ୍କ ସ୍ୱାକ୍ଷରିତ ୪ ଦଫା ସମ୍ବଳିତ ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ୧୯୯୪ ମସିହାରେ ଟାଙ୍ଗୀ ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା ଯାହାର ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଏବେ ୫ ଶହରୁ ଅଧିକ । ଏହି ଛାତ୍ରଛାତ୍ରୀମାନଙ୍କୁ ମାତ୍ର ୫ ଟି ଆଜବେଷ୍ଟସ ଶ୍ରେଣି ଗୃହ ରେ ଶିକ୍ଷାଦାନ କରାଯାଉଛି । ଫଟା ଆଜବେଷ୍ଟସ ଛାତ ଯୋଗୁ ବର୍ଷା ଦିନେ ବର୍ଷା ପାଣି ଓ ଖରାଦିନେ ସୂର୍ଯ୍ୟ କିରଣ ବିନା ପ୍ରତିବନ୍ଧକ ରେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି କରନ୍ତି । ଏହି ମହାବିଦ୍ୟାଳୟର ନିଜସ୍ୱ ଜମି ନଥିବାରୁ ସରକାରଙ୍କ ତରଫରୁ ଏହି ମହାବିଦ୍ୟାଳୟକୁ କୌଣସି ଆର୍ଥିକ ସହାୟତା ମିଳି ପାରୁନାହିଁ । ଯାହା ଫଳରେ ମହାବିଦ୍ୟାଳୟ ଭିତିଭୂମି ଉନ୍ନତିକରଣ ନିମନ୍ତେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି । ସ୍ଥାୟୀ ଜମିକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ୫ ଏକର ଜମି ଯୋଗାଇଦେବାକୁ ମଧ୍ୟ ଅନୁରୋଧ କରାଯାଇଛି । ଏହି ମହାବିଦ୍ୟାଳୟର ଛାତ୍ରୀମାନଙ୍କ ନିମନ୍ତେ ଶୌଚାଳୟ କି ଛାତ୍ରୀ ସାଧାରଣର କକ୍ଷ ନଥିବାରୁ ଏଥିପ୍ରତି ବିଚାର କରିବାକୁ ଦର୍ଶାଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଡିଗ୍ରୀ ମହାବିଦ୍ୟାଳୟ ରେ ବର୍ଷକୁ ୬ ଟି ସେମିଷ୍ଟାର ପରୀକ୍ଷା ଅନୁଷ୍ଠିତ ହୁଏ । ଯେହେତୁ ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଓ ଦୂର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋଟିଏ କ୍ୟାମ୍ପସ ରେ ଚାଲୁଅଛି ତେଣୁ ଉଚମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ସମୟରେ ସମସ୍ତ ଶ୍ରେଣୀ ଗୃହ ଗୁଡିକୁ ପରୀକ୍ଷା ନିମନ୍ତେ ବ୍ୟବହାର କରାଯାଉଥିବାରୁ ଦୁଇ ମାସ ପର୍ଯ୍ୟନ୍ତ ଡିଗ୍ରୀ ମହାବିଦ୍ୟାଳୟଛାତ୍ରଛାତ୍ରୀମାନଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହୁଛି । ତେଣୁ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କ ଶେଷ ତିନୋଟି ସେମିଷ୍ଟାର ପାଠପଢ଼ା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବାରୁ ଡିଗ୍ରୀ ମହାବିଦ୍ୟାଳୟ କ୍ୟାମ୍ପସ କୁ ଉଚମାଧ୍ୟମିକ ବିଦ୍ୟାଳୟ ଠାରୁ ପୃଥକ କରାଯିବା ପାଇଁ ଦାବିପତ୍ର ରେ ଉଲ୍ଲେଖ ରହିଛି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ଅଭିଯୋଗ ର ଏକକିତା ନକଲ ମୂଖ୍ୟମନ୍ତ୍ରୀ,ଉଚଶିକ୍ଷା ମନ୍ତ୍ରୀ,ଭୁବନେଶ୍ୱର ସାଂସଦ,ଖୋର୍ଦ୍ଧା ବିଧାୟକ,ଉଚଶିକ୍ଷାସଚିବ,ନିର୍ଦ୍ଦେଶକ ଉଚଶିକ୍ଷା ବିଭାଗଙ୍କ,ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟକୁ ଦାବିପତ୍ର ପଠାଯାଇଥିବା ଜଣାପଡିଛି।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ

ଫୁଲନଖରା , (ସବ୍ୟୁ): : କଟକ ସଦର ଥାନା ଅନ୍ତର୍ଗତ ଉଷୁମା ପଞ୍ଚାୟତର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସର୍ଗତଃ ଦେବ ପ୍ରସାଦ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି ଚାରଣ ହୋଇଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭାବନପହଂଚି ନିଜ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ରାଜ୍ୟର ଅଗ୍ରଣୀ ସଚ୍ଛୋସେବୀ ସଂଗଠନ ଓଡ଼ିଶା ସାମାଜିକଓ ସାଂସ୍କୃତିକ ପରିଷଦ ସଭାପତି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ପ୍ରତିଷ୍ଠାତା ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକଅମିତ କୁମାର ପରିଜା, ଉପ ସଭାପତି ଦେବ ରଞ୍ଜନ ବୈଠାଲୁ, ଚିନ୍ମୟ ମହାରଣା, ଧୀରେନ୍ଦ୍ର ସାହୁ, ଚିନ୍ମୟ ସାଇଁ, ଆଶିଷ ନାୟକ,ବରିଷ୍ଠ ଉପଦେଷ୍ଟା ଶେଷଦେବ ପାତ୍ର,ପ୍ରଭାତ କୁମାର ନାୟକ, ଇଂ ସୁଶାନ୍ତ କୁମାର ତ୍ରିପାଠୀ, ସୁରେନ୍ଦ୍ରନାଥ ଛୋଟରାୟ,ଧରଣୀଧର ନାୟକ, ଅଶୋକ କୁମାର ରଥ, ଛବିନ୍ଦ୍ର ବେହେରା, ଅଜୟ କୁମାର ବେଉରା, ମୁରଲୀଧର ନାୟକ, ଲକ୍ଷ୍ମୀଧର ସେଠୀ,ସୁଭାସିନୀ ସେଠୀ, ଶଶି ଭୂଷଣ ଦାଶ, ପ୍ରକାଶ ଚନ୍ଦ୍ର ଭୋଇ, ବୁଲୁ ପାତ୍ର, ହେମନ୍ତ କୁମାର ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ଦଳାଇ ଓହ୍ଦାନନ୍ଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ଉପଦେଷ୍ଟା ସର୍ଗତଃ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଜ୍ଞାପନ କରିଛନ୍ତି ।

## ପର୍ଯ୍ୟଟନ କ୍ଷେତ୍ରରେ ବୁଲା ବିକାଳିଙ୍କୁ ଜୁଲମ୍: ବସୁଛି କଙ୍ଗାରୁ କୋର୍ଟ, ଆଦାୟ ହେଉଛି ଟଙ୍କା

ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପିର ଯାହାନିଆଁ ବେଳାଭୂମିକୁ ଆସୁଥିବା ବୁଲା ବିକାଳୀମାନଙ୍କ ଉପରେ ସେଠାରେ ପୂର୍ବରୁ ଦୋକାନ ବଜାର କରି ରହିଥିବା ଦୋକାନୀମାନଙ୍କ ତରଫରୁ ହେଉଛି ଜୁଲମ । ବସୁଛି କଙ୍ଗାରୁ କୋର୍ଟ, ଆଦାୟ ହେଉଛି ଟଙ୍କା ବୋଲି ଏଭଳି ଅଭିଯୋଗ ମିଳିଛି । ଅଭିଯୋଗ ମୁତାବକ ନିକଟ କଣମଣ ଗ୍ରାମର ସୁଦର୍ଶନ ନାୟକ ଜଣେ ଉଠା ଦହିବରା ଦୋକାନୀ ହୋଇଥିବା ବେଳେ, କାକଟପୁର ବ୍ଲକ ବାଜପୁର ଗ୍ରାମର ସନ୍ତୋଷ ବୋଲି ଏକ ଯୁବକ ଗୁପୁଚୁପୁ ବେପାର କରି ତାଙ୍କର ପରିବାର ପୋଷି ଥାନ୍ତି । ଏହି ଦୁଇ ଜଣଙ୍କ ଭଳି ଅନେକ ଛୋଟ ଛୋଟ ବ୍ୟବସାୟୀ ପିର ବେଳାଭୂମିକୁ ଆସୁଥିବା ବେଳେ, ସେଠାକାର ଦୋକାନୀମାନେ, ଏହି ଜାଗା ଆମର, ଆମେ ଯାହା କହିବୁ ସେଇଆ ହେବ, ଘର ଆମର ଏହିଠାରେ ଆଦି ଧମକ ଚମକ ଦେଇ ଜଣ ପିଛା ୫୦ ଟଙ୍କାରୁ ଆରମ୍ଭ କରି ଜୋର ଜବର ଦସ୍ତ ୧୦୦ପର୍ଯ୍ୟନ୍ତ ଟଙ୍କା ଆଦାୟ କରୁଛନ୍ତି । କେହି ବୁଲା ବିକାଳୀ ପ୍ରତିବାଦ କଲେ, ମାଡ଼ର ଧମକ ଦେବା ସହ, ତାର ବେପାର ପଶରାକୁ ଫୋପା ଦେବାକୁ ବି କହୁଛନ୍ତି । ଅନ୍ୟ ଉପାୟ ନ ପାଇ ଏହି ଗରିବ ବୁଲା ବିକାଳୀ ମାନେ ଟଙ୍କା ଦେଉଛନ୍ତି । ଏହି ବିଷୟ ପ୍ରଘଟ ହେବା ପରେ କେତେକ ଗଣ ମାଧ୍ୟମ ପ୍ରତିନିଧି ଓ ଜନ ସାଧାରଣ ପହଞ୍ଚି ଅନୁସନ୍ଧାନ କରିବା ପରେ କଥାଟି ପଦାକୁ ଆସିଥିଲା ଓ ଜୈନିକ ଦୋକାନୀଙ୍କୁ ପଚାରିବାରେ, ଆମେ ଟଙ୍କା ଆଦାୟ କରୁଛୁ, ଆମକୁ ସ୍ଥାନୀୟ ପ୍ରଶାସନ ଆଦି କହିଛନ୍ତି ତୁମେ ବୁଲା ବିକାଳୀ ଙ୍କ ଠାରୁ ଟଙ୍କା ଆଦାୟ କର । ଏଠାରେ ପ୍ରଶ୍ନ ଉଠେ କୋଉ ପ୍ରଶାସନ, କି ସରପଞ୍ଚ କିଏ ଦେଇଛି ଅନୁମତି ତାହା ଏ ପର୍ଯ୍ୟନ୍ତ ଜଣା ପଡି ନାହିଁ । ଯେଉଁ ଦୋକାନୀ ମାନେ ଯାହାନିଆଁ ବୀଚ ର ଉର୍ନ୍ନତି ପାଇଁ ସରକାର ଙ୍କ ତରଫରୁ ଆସିଥିବା ଟଙ୍କାକୁ ଖର୍ଚ୍ଚ ନ କରାଇ ଦେବା ପାଇଁ ବିରୋଧ କରି ଯେଉଁ ଭଳିଭାବେ କାର୍ଯ୍ୟକ୍ରମ କଲେ ତାହା କାହାକୁ ଅଛପା ନାହିଁ । ତେଣୁ ଏହି ଦୋକାନୀମାନଙ୍କୁ ସରକାରି ଜାଗାରୁ ହଟାଇ ବେଳାଭୂମିର ଉନ୍ନତିକରିବା ପେଇଁ ଜନସାଧାରଣଙ୍କ ତରଫରୁ ସରକାରଙ୍କୁ ନିବେଦନ କରାଯାଉଛି ।

## ନାଫେଡ଼ର କ୍ରୀଡା ପ୍ରତିଯୋଗିତା



ବାଲିପାଟଣା, (ସବ୍ୟୁ) : ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ବାଲିପାଟଣାସ୍ଥିତ ଖେଳ ପଡିଆଠାରେ ଏକ ଦିବସୀୟ କ୍ରୀଡା ପ୍ରତିଯୋଗୀତା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନାଫେଡ଼ ଓଡିଶା ମୁଖ୍ୟ ଅନନ୍ଦିତା ଗୁହାଙ୍କ ସଭାପତିତ୍ୱରେ ମାର୍କ ଫେଡ଼ ସଭାପତି ସୁଶ୍ରୀ କବିତା ପରିଡା ମୁଖ୍ୟ ଅତିଥି ଓ ଗାରେଡିପାଞ୍ଚଣ ସେବା ସମବାୟ ସଭାପତି ତଥା ବରିଷ୍ଠ କବି ଅଭିମନ୍ୟୁ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମବାୟ ସମ୍ବନ୍ଧର ସୂତା । କ୍ରୀଡା ମାଧ୍ୟମରେ ଚାଷୀ, ସମବାୟବିତ, ବ୍ୟାଙ୍କ ଓ ସମବାୟ ସରକାରୀ ଅଧିକାରୀଙ୍କ ସମ୍ପର୍କ ସୁଗମ ହେବାପାଇଁ ନାଫେଡ଼ର ଏ ପ୍ରୟାସ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ମହିଳା ଓ ଚାଷୀ, ସମବାୟ କର୍ମଚାରୀ, ଛାତ୍ରୀ ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଜାଭଲିନ, ଶଟପୁଟ, ଦୌଡ଼ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମେ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା ।

ମନୋଜ ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ସୁନୀଲ ପଣ୍ଡା ଓ ଲିପକ ରାୟ, ଗୋବିନ୍ଦ ମୁର୍ମୁ, ଶାନ୍ତନୁ ଦାସ, ଶିବପ୍ରସାଦ ବେହେରା ଓ ଶଶୀ ଭୂଷଣ ଦାସ ପ୍ରମୁଖ ପରିଚାଳନା କାରିଥିଲେ।

## ଦ୍ୱାଦଶରେ ପୀତବାସ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି



ବାଲିଅନ୍ତା, (ସବ୍ୟୁ) ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଖମଙ୍ଗ ଗ୍ରାମର ବିଶିଷ୍ଟ ସମାଜସେବୀ ପୀତବାସ ସେନାପତିଙ୍କ ମୃତ୍ୟୁର ଦ୍ୱାଦଶ ଦିବସରେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ବେଦୀ ସହିତ ପରିବାର ପକ୍ଷରୁ ଭାଇ ହୃଷିକେଶ ସେନାପତି, ପୁଅଝିଅ ସାବିତ୍ରୀ, ପ୍ରବୀର, ପ୍ରଶାନ୍ତ ,ପ୍ରସନ୍ନ ଗାୟତ୍ରୀ, ପ୍ରକାଶ, ସଞ୍ଜୁ, ବାନ୍ଟୁ, ନିମା, ଚଗଲା,ଝିଲିମିଲି ,ଇତା,ଶିଳା ବୋହୂ ରେଣୁବାଳା, ସରୋଜିନୀ, କଲ୍ୟାଣୀ,ସାଗରିକା ଓ ନାତିନାତୁଣୀ ନିତୁ, ପିକୁ, ପୁଚି,ପାପାଲି ସମେତ ବାଲିପାଟଣା ଶ୍ରୀବୁଦ୍ଧନାଥ ହାଇସ୍କୁଲ ୧୯୮୦ ବ୍ୟାଚ ମାଟ୍ରିକ ଛାତ୍ର ନାରାୟଣ ବେହେରା,ଅଜୟ ରାଉତରାୟ, ଶରତ ସାହୁ, ଅଜୟ ବିଶ୍ୱାଳ, ଶ୍ରୀଧର ରାଉତରାୟ, ପ୍ରମୋଦ ସାହୁ, ଭୀମା ମୁଖି ପ୍ରମୁଖ ମଧ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## ଚମ୍ପେଇଦ୍ୱାର ଗଡାପୋଖରୀ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ବଡମ୍ବା, (ସବ୍ୟୁ): ବଡମ୍ବା ମଣ୍ଡଳ ଅନ୍ତର୍ଗତ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ବାଳିକାମାନଙ୍କ ଆତ୍ମରକ୍ଷା ପାଇଁ ୧୦ ଦିବସୀୟ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଓ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ ପ୍ରଶିକ୍ଷିକା ଶ୍ରଦ୍ଧାଞ୍ଜଳି ସାହୁ(କ୍ରୀଡା ଶିକ୍ଷୟିତ୍ରୀ ସରକାରୀ ମଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ) ଏବଂ ପ୍ରତିଭା ସାହୁ(କ୍ରୀଡା ଶିକ୍ଷୟିତ୍ରୀ ବୁଦ୍ଧି ସାହୁ ନୋଡାଲ ଉଚ୍ଚ ବିଦ୍ୟାଳୟ) ଆତ୍ମରକ୍ଷା ନିମନ୍ତେ ବାଳିକା ମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷାଦାନ କରିଥିଲେ ।

୧୦ ଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଆଘାତ ଓ ପ୍ରତ୍ୟାଘାତକୁ କିପରି ରୋକିବା ଏବଂ ନିଜକୁ କିପରି ଶତ୍ରୁ କବଳରୁ ବଞ୍ଚାଇପାରିବା ସେହି ଉପରେ ବିଭିନ୍ନ ଟେକନିକ ବତାଇଥିଲେ ୫ ଆଗାମୀ ଦିନରେ ଆହୁରି ୨୦ ଦିନ ପ୍ରଶିକ୍ଷଣ ସହ ମୋଟ ୩୦ ଦିନ ପ୍ରଶିକ୍ଷଣ ଦିଆଯିବ ବୋଲି ପ୍ରଶିକ୍ଷକ ଦ୍ୱୟ ସୂଚନା ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶାନ୍ତିଲତା ନାଏକ, ଅନିତା ନାଏକ, ହରପ୍ରିୟା ସାହୁ, ଶୁଭଲକ୍ଷ୍ମୀ ବେହେରା, ଶିକ୍ଷକ ସତୀଶ କୁମାର ମହାନ୍ତି, ଶତ୍ରୁଘ୍ନ ବେହେରା ଓ ବିଜୟ କୁମାର ନାଏକ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

## ୨୪ଟି ମାମଲାରେ ଜଡ଼ିତ କୁଖ୍ୟାତ ଅପରାଧୀ ଗିରଫ

ଗୋପ, (ସବ୍ୟୁ): ଗୋପ ପୋଲିସକୁ ମିଳିଛି ବଡ଼ ସଫଳତା ।ଗୋପ ଥାନା ଅଞ୍ଚଳରୁ ଦିନ ଦ୍ୱିପ୍ରହରରେ ସାଧାରଣ ଲୋକଙ୍କୁ ଲୁଟ କରୁଥିବା କୁଖ୍ୟାତ ଅପରାଧି କୁ ଗିରଫ କରିଛି ଏକ ସତନ୍ତ୍ର ଟିମ । ଗୋପ ଥାନା ନାୟାହାଟ ଫାଣ୍ଡି ବିଶୁଲି ପଡ଼ା ଗ୍ରାମର ମିର୍ଜା ଅବୁତୁହାର ପିତା ମିର୍ଜା ଏକମ୍ର ବେଗ ଗତ ସେପେଫମ୍ବର ମାସ ୨୫ରିଖରେ ଅଭିଯୋଗ କରିଥିଲେ ଯେ ତାଙ୍କ ଗଡ଼ରେଜ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କା ର ସୁନା ଅଳଙ୍କାର ୨୮ ହଜାର ଟଙ୍କା ଲୁଟି ନେଇଛନ୍ତି ।ଡକାୟତ ମାନେ ଆଳଙ୍କାର ର ମୁଲ୍ୟ ୪୦ ରୁ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଥିଲା । ପୋଲିସ ଏହି ଘଟଣାକୁ ଗୁରୁତର ସହକାରେ ନେଇ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିବା ପରେ ଜାଣିବାକୁ ପାଇଥିଲା ଏହି ଲୁଟ ରେ ଗୋପ ଥାନା ଧୁମାଳ ଗ୍ରାମର ବିଜୟ ଖଟୋଇ ଓରଫ କୁନ୍ଦୁରାର ହାତ ଅଛି ।ପୋଲିସ କୁନ୍ଦୁରା କୁ ଧରିବା ପାଇଁ ଏକ ଟିମ ଗଠନ କରିଥିଲା । ବିଭିନ୍ନ ସ୍ଥାନରେ ଚଢାଉ କରିବା ପରେ ପୋଲିସ କୁନ୍ଦୁରା ଏକ ସ୍ଥାନରେ ରହିଛି ବୋଲି ସୂଚନା ମିଳିଥିଲା ।ପୋଲିସ ଟିମ ସେଇ ସ୍ଥାନରେ ଚଢାଉ କରି କୁନ୍ଦୁରାକୁ ଗିରଫ କରିଥିଲା । ଜେରାରେ କୁନ୍ଦୁରା ନାମରେ ଗୋପ ଥାନା ସମେତ ପୁରୀ ଓ କଟକ ଜିଲ୍ଲା ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ ସହିତ ୪ ଟି ସଙ୍ଗୀନ ମକଦ୍ଦମା ରହିଛି । କୁନ୍ଦୁରା ନିଆଳି ଥାନା ଅଞ୍ଚଳରୁ ଚୋରି କରିଥିବା ଏକ ମଟରସାଇକେଲ, ନୟାହଟ ଅଞ୍ଚଳରୁ ଚୋରି କରିଥିବା ସ୍କୁଟି ଗାଡ଼ି, ଦୁଇଟି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୋଲିସ ।

## ପଇଡ଼ ବେପାରୀଙ୍କୁ ଧକ୍କାଦେଇ ନଦୀବନ୍ଧ ତଳକୁ ଖସିଲା କାର, ୩ ଆହତ

ବାଲିଅନ୍ତା,(ସବ୍ୟୁ): ବାଲକାଟି ଫାଣ୍ଡି ଅଧିନ ପୁରୁଣାଜଗନ୍ନାଥ ସ ବାଲିଅନ୍ତା ବ୍ଲକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଏକ କାର ପଇଡ଼ ବେପାରୀଙ୍କୁ ଧକ୍କା ଦେଇ ନଦୀବନ୍ଧ ତଳକୁ ଖସି ପଡ଼ିଥିବା ଜଣାପଡିଛି । ଏଥିରେ ପଇଡ଼ ବେପାରୀ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ପଇଡ଼ ବ୍ୟବସାୟୀଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି । ଗୁରୁତର ଆହତ ହେଲେ ସ୍ଥାନୀୟ ହୀରାପୁର ଅଞ୍ଚଳର ପଇଡ଼ ବ୍ୟବସାୟୀ ସୁବାସ ବେହେରା । ଅନ୍ୟ ଆହତଙ୍କ ପରିଚୟ ମିଳିପାରିନାହିଁ । ଖବରନେବାରେ ଜଣାପଡିଛି କାକରୁଦ୍ରପୁର ଗ୍ରାମର ଜଣେ ବୃଦ୍ଧ କାରରେ ପୁରୁଣା ଜଗନ୍ନାଥ ସ ଦେଇ ବାଲିଅନ୍ତା ତହସିଲକୁ ଆସୁଥିଲେ ।

ଅପରାହ୍ନ ୧ ଟାରେ ଟଙ୍କପାଣି ସେତୁ ଆଗରେ କାରର ଆଗ ଚକା ପଞ୍ଚର ହୋଇଯାଇଥିଲା । ଫଳରେ ଭାରସାମ୍ୟ ହରାଇ କାରଟି ସେଠାରେ ପଇଡ଼ ବ୍ୟବସାୟ କରୁଥିବା ସୁବାସ ଏବଂ ପଇଡ଼ ପିଉଥିବା ଜଣେ ଗ୍ରାହକଙ୍କୁ ଧକ୍କା ଦେଇ ପୁରୀ ମୁଖ୍ୟକେନାଲ ପଠାକୁ ଓଲଟି ପଡିଥିଲା । ଫଳରେ ପଇଡ଼ ବିକାଳୀ ସୁବାସ, ଗ୍ରାହକ ଏବଂ କାର ଚାଳକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ଆହାତ ଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ କାରକୁ ଫାଣ୍ଡିକୁ ନେଇ ତଦନ୍ତ ଚଳାଇଛି ।

## ପି.ଏମ୍.ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା


ବଳଙ୍ଗା,(ସବ୍ୟୁ): ବଳଙ୍ଗା ନିକଟସ୍ଥ ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବଳଙ୍ଗା ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ବ୍ୟାପୀ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ପି.ଏମ.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୁପେ ସରପଞ୍ଚ ଅଞ୍ଜଳି ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରା, ସିଆରସି ନବକିଶୋର ସ୍ୱାଇଁ,ପରିଚାଳନା କମିଟିର ସଭାପତି ସୁବାସ କୁମାର ସତପଥି, କୃଷ୍ଣଚନ୍ଦ୍ର ହୋତା, ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ଉପରେ ବକ୍ତବ୍ୟ ପ୍ରଦାନ କରିବାସହ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଖରିଫ ଧାନ କିଣା ପାଇଁ ସଚେତନତା ରଥ ଉଦ୍‌ଘାଟିତ

ଆଠଗଡ଼ , (ସବ୍ୟୁ): ଚଳିତ ଖରିଫ ଋତୁରେ ଚାଷୀ ମାନେ ସେମାନଙ୍କ ବଳକା ଧାନ ମଣ୍ଡିରେ ବିକ୍ରୀ କରିବା ପାଇଁ ଗୁରୁବାର ଦିନ ଆଠଗଡ଼ରୁ ଏକ ସଚେତନତା ରଥ ଉଦଘାଟିତ ହୋଇଯାଇଛି । ଚାଷୀ ମାନେ ସେମାନଙ୍କ ବଳକା ଧାନକୁ ଶୁଖାଇବା ସହିତ ସଫାସୁତୁରା କରି ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ପରିମାଣର ଧାନ ନେଇ ଆସିବାକୁ ନିବେଦନ କରା ଯାଇଛି ।

ଚଳିତ ଖରିଫ ଋତୁରେ ଏଫ ଏ କ୍ୟୁ ମାନର ଧାନ ପାଇଁ ସରକାରୀ ଦର ୩୧୦୦ ଟଙ୍କା ଥିବା ବେଳେ ଗ୍ରେଡ ଏ ମାନର ଧାନ ପାଇଁ ୩୧୨୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଆଠଗଡ଼ ଉପଖଣ୍ଡର ଚାରୋଟି ବ୍ଲକ ଆଠଗଡ଼ ତିଗିରିଆ ବଡମ୍ବା ଏବଂ ନରସିଂହପୁର ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ର ୭୬ ଟି ସେବା ସମବାୟ ସମିତି ପକ୍ଷରୁ ୮୫ ଟି ଧାନ କିଣା କେନ୍ଦ୍ରରେ ଚାଷୀ ମାନେ ସେମାନଙ୍କ ଧାନ ବିକ୍ରୀ କରିବାକୁ ବ୍ୟବସ୍ଥା କରାଯାଇଛି । ଏହି ସଚେତନତା ରଥକୁ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଚନ୍ଦ୍ର ଶେଖର ପାତ୍ର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଯଦୁମଣି ନାୟକ, ଅତିରିକ୍ତ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା ଏବଂ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ ରାମନାରାୟଣ ମଲ୍ଲିକ ଉପସ୍ଥିତ ରହି ଉଦଘାଟନ କରିଥିଲେ ।

## ପଠାଣି ସାମନ୍ତ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା




ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ୩୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଜଣାଯାଇଛି ।ଗତ ୧୫ତାରିଖ ଠାରୁ ଆରମ୍ଭ ହୋଇ ୧୭ତାରିଖରେ ଉଦଯାପିତ ହୋଇଥିବା ଏହି ତିନି ଦିନିଆ କ୍ରୀଡା ଉତ୍ସବକୁ କଲେଜର ଅଧ୍ୟକ୍ଷା ଡଃ ସ୍ୱଚ୍ଛସଲୀଳା ମହାପାତ୍ର ମୂଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ମଶାଲ ପ୍ରଜ୍ୱଳନ କରିବା ସହ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ୨ ଓ ୩ ଶ୍ରେଣୀର ଉଭୟ ବାଳକ ଏବଂ ବାଳିକାବର୍ଗ ମଧ୍ୟରେ ବିଭିନ୍ନ ଦୂରତାର ଦୌଡ଼ ,ସଟପୁଟ, ଡିସକସ, ଜାଭେଲିନ ଥ୍ରୋ, ଲମ୍ବ ଓ ଉଚ୍ଚ ଡିଆଁ,ସ୍ଲୋ ସାଇକେଲ ରେସ, ମ୍ୟୁଜିକ ଚେୟାର ପ୍ରଭୃତି ୪୪ଗୋଟି ପ୍ରତିଯୋଗିତା ତିନି ଦିନଧରି ଚାଲିଥିଲା ।

ବୁଧବାର ଅପରାହ୍ନରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରଉଦଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ବଳରାମ ସାହୁ ମୂଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ଅବସରରେ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ କ୍ରୀଡା ବିଭାଗର ବିବରଣୀ ପାଠ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାକୁ

କଲେଜର କ୍ରୀଡା ଶିକ୍ଷକ ସତ୍ୟଜିତ ଦାଶ, କୈଳାସ ପ୍ରଧାନ, ଆଶିଷ ପଟ୍ଟନାୟକ ଓ ଜାଗର ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସର୍ବେଶର ମହାରଣା ଧନ୍ୟବାଦ ଅର୍ପଣ କରିଥିବା ଜଣାଯାଇଛି ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ନେଟ୍‌ବଲ ମହାକୁମ୍ଭ ଉଦ୍‌ଯାପିତ



ରଣପୁର, (ସବ୍ୟୁ): ନୟାଗଡ ଜିଲ୍ଲା ରଣପୁର ସ୍ଥିତ ପି.ଏମ.ଶ୍ରୀ. ବି.ସି. ହାଇସ୍କୁଲରେ ୬୯ତମ ଓଡିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ନେଟବଲ ଚାମ୍ପିୟନସିପ (ଉଭୟ ବାଳକ ଓ ବାଳିକା ବର୍ଗ) ଆସନ୍ତା ୧୬ ଡିସେମ୍ବରରୁ ୧୮ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଦଳଗୁଡ଼ିକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।ବାଳିକା ସେମିଫାଇନାଲ ମ୍ୟାଚରେ ଗଞ୍ଜାମ ମାଲକାନଗିରିକୁ ପରାଜିତ କରି ଫାଇନାଲକୁ ପ୍ରବେଶ କରିଥିବା ବେଳେ, ଅନ୍ୟ ସେମିଫାଇନାଲରେ କଟକ ନୟାଗଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା ।

ଫାଇନାଲ ମ୍ୟାଚରେ କଟକ ଓ ଗଞ୍ଜାମ ମଧ୍ୟରେ ହୋଇଥିବା ହାର୍ଡଫାଇଟ ମୁକାବିଲାରେ କଟକ ଦଳ ଚମ୍ପିୟାନ ହୋଇଥିବା ବେଳେ ଗଞ୍ଜାମ ରନର୍ସଅପ ହୋଇ ସମ୍ମାନ ଅର୍ଜନ କରିଥିଲା ବାଳକ ବିଭାଗ ସେମିଫାଇନାଲ ମ୍ୟାଚରେ କଟକ ଢେଙ୍କାନାଳକୁ ପରାଜିତ କରି ଫାଇନାଲକୁ ପ୍ରବେଶ କରିଥିବା ବେଳେ, ଅନ୍ୟ ପଟେ ସେମିଫାଇନାଲରେ ନୟାଗଡ ନବରଙ୍ଗପୁରକୁ ହରାଇ ଶେଷ ମୁକାବିଲାରେ ସ୍ଥାନ ପାଇଥିଲା । ଫାଇନାଲ ମ୍ୟାଚରେ କଟକ ଓ ନୟାଗଡ ମଧ୍ୟରେ ହୋଇଥିବା ରୋମାଞ୍ଚକର ମୁକାବିଲାରେ କଟକ ଦଳ ଜୟଲାଭ କରି ଚମ୍ପିଏହି ରାଜ୍ୟ ସ୍ତରୀୟ ବିଦ୍ୟାଳୟ ନେଟବଲ ପ୍ରତିଯୋଗିତା ଉତ୍ସାହ ଓ କ୍ରୀଡା ମନୋଭାବ ମଧ୍ୟରେ ସଫଳତାର ସହ ଉଦଯାପିତ ହୋଇଯାଇଛି ।

ଉଦଯାପନୀ ଉତ୍ସବରେ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ,ଓଡିଶା ଓ.ଏସ.ଏସ.ଏସ.ଏ. ର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ରଣପୁର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ, ସଂଗଠନ ସମ୍ପାଦକ ତଥା ରଣପୁର ପି.ଏମ. ଶ୍ରୀ. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଙ୍ଗନାଥ ଦାଶ ଓ ଉପସଭାପତି ମମତା ଦାଶ, ସତ୍ୟବାନ ସାହୁ, ମାଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ପରିଚୟ ଅଜୟ କୁମାର ପ୍ରଧାନ ପ୍ରଦାନ କରିଥିଲେ ।ଅତିଥି ମାନେ ଉଭୟ ରନର୍ସଅପ ଓ ଚାମ୍ପିଯାନ ଦଳକୁ ଅତିଥି ମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତା ପରେ ବାଳିକା ଗ୍ରୁପ ମହାରାଷ୍ଟ୍ରରେ ହେବାକୁ ଥିବା ଜାତୀୟ ସ୍ତରୀୟ ମ୍ୟାଚରେ ଯୋଗଦେବାକୁ ଯାଉଥିବା ବେଳେ ବାଳକ ଗ୍ରୁପ ରାଜସ୍ଥାନରେ ହେବାକୁ ଥିବା ମ୍ୟାଚରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ଏହି ଅବସରରେ ତିନି ଦିନ ଧରି ପରିବେଷଣ କରିଥିବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭାରତର ସୌର ଯାତ୍ରାରେ ଐତିହାସିକ ମାଇଲ ଖୁଣ୍ଟ

ଭୁବନେଶ୍ୱର, (ସବ୍ୟୁ) : ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ ନିଗମ (ଏମଏସଇଡିସିଏଲ) କେବଳ ଗୋଟେ ମାସରେ ୪୫,୯୧୧ଟି ସୋଲାର ପମ୍ପିଙ୍ଗ ସିଷ୍ଟମ୍ ସ୍ଥାପନା କରି ଗିନିଜ୍ ୱାଲ୍ଡ ରେକର୍ଡ ସୁନିଶ୍ଚିତ କରିଛି । ଭାରତର ଏହି ପରିବର୍ତନକାରୀ ସୌର ଅଭିଯାନରେ ସି.ଆର. ଆଇ. ପମ୍ପସର ସୋଲାର ଡିଭିଜନ୍ (ସୋଲାର ଡିଭିଜନ୍) ଏକ ପ୍ରମୁଖ ସହଯୋଗୀ ଭାବରେ ଯୋଗଦାନ କରିଛି ଛ ମହାରାଷ୍ଟ୍ରର ୧୬୮୬ ଟି ଗ୍ରାମରେ ସୌର ପମ୍ପ ସ୍ଥାପନ କରି ସି.ଆର.ଆଇ. ସୋଲାର, ହଜାର ହଜାର କୃଷକଙ୍କୁ ସ୍ଥାୟୀ ଜଳ ସମାଧାନ ମାଧ୍ୟମରେ ସଶକ୍ତ କରିପାରିଛି । ଅତ୍ୟନ୍ତ ସଠିକତା, ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏବଂ ସମନ୍ୱିତ ଟିମ୍‌ୱାର୍କ ସହିତ ପ୍ରତ୍ୟେକଟି ପମ୍ପ ସ୍ଥାପନ କରାଯାଇଛି ।

ଏହି ମାଇଲଖୁଂଟ ଭାରତର ସ୍ୱଚ୍ଛ-ଶକ୍ତି ବିକାଶକୁ ଆଗେଇ ନେବା ପାଇଁ ସି.ଆର.ଆଇ. ର ବ୍ୟାପକ ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ରୂପେ ମେଳ ଖାଉଛି । କମ୍ପାନୀ ପୂର୍ବରୁ ସାରା ଦେଶରେ ୨୧୦୦୦୦୦ ରୁ ଅଧିକ ଆଓଟି-ସକ୍ଷମ (ଆଓଟି -ଏନାବେଲ୍ଡ) ସୌର ପମ୍ପିଂ ସିଷ୍ଟମ କାର୍ଯ୍ୟକାରୀ କରିଛି ଏବଂ ୩.୦୪ ମିଲିୟନରୁ ଅଧିକ ବିଇଇ ଷ୍ଟାର-ରେଟେଡ୍, ଶକ୍ତି-କୁଶଳ (ଏନର୍ଜି ଏଫିସିଏଣ୍ଟ) ପମ୍ପ ସ୍ଥାପନ କରିଛି । ସାମଗ୍ରିକ ଭାବରେ, ସି.ଆର.ଆଇ. ର ଏହି ପଦକ୍ଷେପଗୁଡ଼ିକ ଭାରତକୁ ୭୬୦୦ ମିଲିୟନ କିଲୋ୍‌ୱାଟ ଶକ୍ତି ସଂଚୟ କରିବାରେ ଏବଂ ୬ ମିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକିବାରେ ସାହାଯ୍ୟ କରିଛି ୫ ବୁଦ୍ଧିମାନ, ସ୍ଥାୟୀ ଏବଂ ଦୀର୍ଘସ୍ଥାୟୀ ପମ୍ପିଂ ସମାଧାନ ପ୍ରଦାନ କରି ଏହି କାର୍ଯ୍ୟଗୁଡ଼ିକ ବିଭିନ୍ନ ସମ୍ପ୍ରଦାୟର ଜୀବନଶୈଳୀକୁ ଉନ୍ନତ କରିବାରେ ଜାରି ରହିଛି ।

### ଅର୍ଜ୍ଜୁନ-ବିଷାଦଯୋଗଃ

ସଞ୍ଜୟ ଉବାଚ

**କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମ୍ମାଃ ସନାତନଃ ।**
**ଧର୍ମ୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମ୍ମୋଽଭିଭବତ୍ୟୁତ ।। ୪୦ ।।**

କୁଳକ୍ଷୟେ (ସତି) ସନାତନଃ (ପରମ୍ପରାପ୍ରାପ୍ତାଃ) କୁଳଧର୍ମ୍ମାଃ ପ୍ରଣଶ୍ୟନ୍ତି, ଧର୍ମ୍ମେ (କୁଳାଚାରେ ଜାତ୍ୟାଚାରେ ଚ ) (ନଷ୍ଟେ ସତି) ଅଧର୍ମ୍ମଃ (ଅନାଚାରଃ) କୃତ୍ସ୍ନଂ ( ଅବଶିଷ୍ଟଂ ଅପି ସମଗ୍ରଂ) କୁଳଂ ଅଭିଭବତି (ବ୍ୟାପ୍ନୋତି) ।। ୪୦ ।।

**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୪୦)**



# ଭାରତ- ୟୁଥୋପିଆ ସମ୍ପର୍କର ନୂତନ ଦିଗନ୍ତ

ୟୁଥୋପିଆ ସଂସଦର ମିଳିତ ଅଧିବେଶନକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବା ଓ ୟୁଥୋପିଆରେ ତାଙ୍କ ଦେଶର ସର୍ବୋଚ୍ଚ ବେସରକାରୀ ସମ୍ମାନ 'ୟୁଥୋପିଆର ନିଶାନ' ମିଳିବା ଭାରତ ପାଇଁ ଗର୍ବର ବିଷୟ । ସଂସଦୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉଦ୍‌ବୋଧନ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟର ଅବତାରଣା କରିଛନ୍ତି । ଦେଶର ସର୍ବୋଚ୍ଚ ସମ୍ମାନ ପାଇ ମୋଦିଜୀ ତାହା ୧୪୦ କୋଟି ଭାରତୀୟମାନଙ୍କର ସମ୍ମାନ ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ କହିଥିଲେ ଯେ 'ଭାରତର ବନ୍ଦେ ଭାରତ' ଜାତୀୟ ଗାନ ଓ ୟୁଥୋପିୟାର ରାଷ୍ଟ୍ରୀୟ ସଙ୍ଗୀତ ଏକା ପରି ମାତା ଓ ମାତୃଭୂମି ଉପରେ ଆଧାରିତ । ମୋଦିଜୀ ଉଲ୍ଲେଖ କରିଥିଲେ ଯେ ଦୀର୍ଘ ଏଗାର ବର୍ଷ ମଧ୍ୟରେ ଭାରତ- ଆଫ୍ରିକାର ସମ୍ପର୍କ ବହୁମୁଖୀ ହୋଇ ପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କର ୟୁଥୋପିଆ ଗସ୍ତ କାଳରେ ୟୁଥୋପିଆର ପ୍ରଧାନମନ୍ତ୍ରୀ ଏଚ୍.ଇ. ଡକ୍ଟର ଆବଲି ଅହମଦଙ୍କ ଜାତୀୟ ରାଜବାଟୀ ଆଦିସ ଆବାଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଉଚ୍ଛ୍ୱସିତ ଅଭ୍ୟର୍ଥନା ଜ୍ଞାପନ କରିଥିଲେ । ଉଭୟ ରାଷ୍ଟ୍ରର ମୁଖ୍ୟଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ହୋଇଥିଲା । ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ଦୀର୍ଘ ଦିନର ସମ୍ପର୍କ ଆଧାରରେ ନାଗରିକଙ୍କ ମଧ୍ୟରେ ସମ୍ପର୍କ ଆହୁରି ନିବିଡ ହେବା ଉପରେ ସେମାନେ ଆଲୋଚନା ଜାରି ରଖିଥିଲେ । ଏହାଛଡା ଉଭୟ ରାଷ୍ଟ୍ର ବାଣିଜ୍ୟ, ପୁଞ୍ଜିନିବେଶ, ଅଭିନବ ପ୍ରଯୁକ୍ତି ବିଦ୍ୟା, ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ନିରାପତ୍ତା, ଡିଜିଟାଲ ସ୍ୱାସ୍ଥ୍ୟ, ପାରମ୍ପରିକ ଔଷଧପତ୍ର, ଜନ ଔଷଧିର କେନ୍ଦ୍ର, ଖାଦ୍ୟ ନିରାପତ୍ତା, ପୋଷଣୀୟ କୃଷି, ପ୍ରାକୃତିକ କୃଷି ଓ କୃଷି ପ୍ରଯୁକ୍ତି ପ୍ରଭୃତି ବିଷୟ ଉପରେ ଉଭୟ ନେତା ଆଲୋଚନା କରିଥିଲେ । ପାରସ୍ପରିକ ସମ୍ପର୍କରେ ଉନ୍ନତି ହେଲେ ଉଭୟ ରାଷ୍ଟ୍ରର ନାଗରିକମାନଙ୍କ ମଧ୍ୟରେ ମଧ୍ୟ ସମ୍ପର୍କ ବୃଦ୍ଧି ପାଇବ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ ।

**ଉଭୟ ରାଷ୍ଟ୍ର ମଧ୍ୟରେ ଆର୍ଥନୀତିକ ଭାଗିଦାରୀତା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଦକ୍ଷିଣାଞ୍ଚଳ ବିଶ୍ୱରେ ଉଭୟ ରାଷ୍ଟ୍ର ଗୋଟିଏ ସ୍ୱରରେ ଏକତ୍ର କାର୍ଯ୍ୟ କରିବେ ବୋଲି ମଧ୍ୟ ଏହି ଆଲୋଚନାରୁ ଜଣା ପଡ଼ିଥିଲା । ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ଆର୍ଥନୀତିକ ସମ୍ପର୍କ ବିଷୟରେ ସେମାନେ ସମୀକ୍ଷା ମଧ୍ୟ କରିଥିଲେ ।**

ସେମାନଙ୍କ ମଧ୍ୟରେ ଆର୍ଥନୀତିକ ଭାଗିଦାରୀତା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଦକ୍ଷିଣାଞ୍ଚଳ ବିଶ୍ୱରେ ଉଭୟ ରାଷ୍ଟ୍ର ଗୋଟିଏ ସ୍ୱରରେ ଏକତ୍ର କାର୍ଯ୍ୟ କରିବେ ବୋଲି ମଧ୍ୟ ଏହି ଆଲୋଚନାରୁ ଜଣା ପଡ଼ିଥିଲା । ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ଆର୍ଥନୀତିକ ସମ୍ପର୍କ ବିଷୟରେ ସେ ଦୁହେଁ ସମୀକ୍ଷା ମଧ୍ୟ କରିଥିଲେ ।

ପାରସ୍ପରିକ ସହଯୋଗ ଉପରେ ସେମାନେ ଅଧିକ ଗୁରୁତ୍ୱ ଦେଇଥିବା ବେଳେ, ଜଳବାୟୁ ପରିବର୍ତ୍ତନ ଓ ବହୁମୁଖୀ କ୍ଷେତ୍ରରେ, ବିଶେଷକରି ଜାତିସଂଘ କ୍ଷେତ୍ରରେ ମଧ୍ୟ ଭାରତ ଓ ୟୁଥୋପିଆ ଏକତ୍ର କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଥିଲା । ଏହା ବ୍ୟତୀତ ବିକଳ୍ପ ଶକ୍ତି ଓ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଉଭୟ ରାଷ୍ଟ୍ର କାର୍ଯ୍ୟ କରିବେ । ଅର୍ନ୍ତଜାତୀୟ ବ୍ୟାଘ୍ର ପ୍ରକଳ୍ପ (BCA), ବିପର୍ଯ୍ୟୟ ନିରୋଧ ଭିତ୍ତିଭୂମି (CDRI), ବିଶ୍ୱ ବାୟୋ ଫୁଏଲ (ଜୈବ ଇନ୍ଧନ) ଓ ଆର୍ନ୍ତଜାତୀୟ ସୂର୍ଯ୍ୟଶକ୍ତି ସହଯୋଗ (ISA) କ୍ଷେତ୍ରରେ ମଧ୍ୟ ଉଭୟ ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ।

ସେହିପରି ବ୍ରିକସ୍ (ବ୍ରାଜିଲ, ରୁଷ, ଭାରତ, ଚାଇନା, ସାଉଥ ଆଫ୍ରିକା ସମେତ ନୂତନ ସଦସ୍ୟ ହୋଇଥିବା ୟୁଏଇ, ଇଜିପ୍ଟ, ୟୁଥୋପିଆ ଓ ଇଣ୍ଡୋନେସିଆ ମିଳିତ ରାଷ୍ଟ୍ର ଗୋଷ୍ଠୀ) ସହିତ କାର୍ଯ୍ୟ କରି ଅଗ୍ରଗମନ କରିବା ବିଷୟରେ ଭାରତ ଆଗ୍ରହୀ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରି ଭାରତ- ଆଫ୍ରିକାର ଶୀର୍ଷ ସମ୍ମିଳନୀ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରଦୂଷିତ ନଦୀ ସୁସ୍ଥ ପରିବେଶ ପାଇଁ ବିପଦ



ସତ୍ୟ ସୁନ୍ଦର ଭଞ୍ଜ

ଜଳବାୟୁ ପରିବର୍ତ୍ତନ, ଜଳର ଆବଶ୍ୟକତା ବୃଦ୍ଧି, ନଦୀ ଅବବାହିକାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଯଥା ଖଣିଖନନ ଓ ଶିଳ୍ପାନୁଷ୍ଠାନ ଯୋଗୁଁ ନଦୀ ପରିବେଶ ପ୍ରତି ବିପଦ ସୃଷ୍ଟି ହେଉଛି । ଏହାଦ୍ୱାରା ସମ୍ବଳ ଅଭାବ ଦେଖାଦେଉଛି । ନଦୀ ଜଳ ପରିଚାଳନା ନୀତି ଅଭାବରୁ ଏହା ଉପରେ ଅଙ୍କୁଶ ଲଗାଯାଉ ନଥିବାରୁ ପରିସ୍ଥିତି ଦ୍ୱନ୍ଦାତ୍ମକ ଆଡ଼କୁ ଗତି କରିବାର ଆଶଙ୍କା ରହିଛି । ଓଡ଼ିଶା ଏହି ସମସ୍ୟାରୁ ମୁକ୍ତ ନୁହେଁ । ମହାନଦୀ ଜଳ ନେଇ ଛତିଶଗଡ଼ ଓ ବଂଶଧାରା ଜଳ ନେଇ ଆନ୍ଧ୍ରପ୍ରଦେଶ ସହ ଓଡ଼ିଶାର ବିବାଦରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି ।

ନଦୀ ପରିଚାଳନା ପାଇଁ ଏକ ପୂର୍ଣାଙ୍ଗ ତଥା ସମନ୍ୱିତ କାର୍ଯ୍ୟାନ୍ୱୟନର ଆଶ୍ୟକତା ରହିଛି । ଏହି ଚିରନ୍ତନ ପୋଷଣକାରୀ ସମ୍ବଳ ପ୍ରତି ଆମ ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ହେବା ଆବଶ୍ୟକ । ଏହି ପ୍ରସଙ୍ଗର ସମାଧାନ ପାଇଁ ଭାଗିଦାରୀଙ୍କ ମଧ୍ୟରେ ଆଲୋଚନା ଓ ସମନ୍ୱୟ ପ୍ରତିଷ୍ଠା ହେବା ଜରୁରୀ । ଫଳରେ ଭିନ୍ନ ଏକ କାର୍ଯ୍ୟକାରୀ ସମାଧାନ ସୂତ୍ର ବାହାର କରାଯାଇପାରିବ । ନଦୀ ଉପତ୍ୟକା ପରିଚାଳନା ଏକ ଜଟିଳ ବ୍ୟାପାର ନିଶ୍ଚିତ ।

ଏଥିରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ଯୁକ୍ତିସଙ୍ଗତ କାରଣ ନିହିତ ହେବା ଆବଶ୍ୟକ । ଓଡ଼ିଶାରେ ୧୧ଟି ବୃହତ ଓ ପ୍ରମୁଖ ନଦୀ ରହିଛି । ସମସ୍ତ ନଦୀକୁ ଅର୍ଦ୍ଧେକ ବ୍ୟବହାରକ୍ଷମ କରାଯିବା ସହ ପ୍ରଦୂଷିତ ଓ ଦଖଲ କରାଯାଇଛି । ତେଣୁ ଏହି ନଦୀଗୁଡ଼ିକର ଅସ୍ତିତ୍ୱ ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଫଳପ୍ରଦ ପଦକ୍ଷେପ ନେବା ନିମନ୍ତେ ଓଡ଼ିଶାର ନାଗରିକମାନଙ୍କର ଉତ୍ତରଦାୟୀତ୍ୱ ଦାବି କରିବାର ସମୟ ଆସିଯାଇଛି ।

ଓଡ଼ିଶାର ବିଭିନ୍ନ ପ୍ରମୁଖ ନଦୀ ମଧ୍ୟରେ ମହାନଦୀ ଅମରକଣ୍ଟକରେ ୯୦୦ କିମି ବ୍ୟାପିଥିବା ବେଳେ ବ୍ରାହ୍ମଣୀ ଧ୍ୱଜାପର୍ବତରୁ ବାହାରି ୭୯୯ କି.ମି., ବୈତରଣୀ ଗୋନାସିକା ଉତ୍ପତ୍ତିସ୍ଥଳ ହୋଇ ୩୬୦କିମି. ଲମ୍ବିଯାଇଛି । ଶଙ୍ଖ ନଦୀ ଲୁପୁଙ୍ଗପାଟରୁ ବାହାରି ୨୪୦କି.ମି. ବ୍ୟାପିଛି । ସୁବର୍ଣ୍ଣରେଖା ନାଗରୀ ଗାଁ ୪୭୪ କି.ମି. ବ୍ୟାପିଥିବା ବେଳେ ଋଷିକୂଲ୍ୟା ନଦୀ ଋଷିମାଳା ପର୍ବତରୁ ବାହାରି ୧୬୫ କି.ମି ଓ ଇନ୍ଦ୍ରାବତୀ ମାର୍ଦ୍ଦଲଗୁଡାରୁ ବାହାରି ୫୩୫ କି.ମି ପର୍ଯ୍ୟନ୍ତ ବ୍ୟାପିଛି । ସେହିପରି ରାୟଗଡ଼ ଜିଲ୍ଲାରୁ ନାଗାବଳୀ ନଦୀ ଲଖବାହାଲରୁ ବାହାରି ୨୧୭କି.ମି ପର୍ଯ୍ୟନ୍ତ ବ୍ୟାପିଛି । କୋଲାବ ନଦୀ ସିଙ୍କରନ୍ ପର୍ବତରୁ ବାହାରି ୪୧୮କି.ମି ବ୍ୟାପୀଥିବା ବେଳେ ମୟୁରଭଞ୍ଜର ବୁଢ଼ାବଳଙ୍ଗ ନଦୀ ଶିମିଳିପାଳରୁ ବାହାରି ୧୭୫ କି.ମି ପର୍ଯ୍ୟନ୍ତ ବ୍ୟାପିଛି ।

**ବିଧାନସଭାରୁ ମିଳିଥିବା ତଥ୍ୟ ( ୨୦୨୫ର ବିଧାନସଭାର ଶୀତ ଅଧିବେଶନରେ) ଅନୁସାରେ ୫୮୯୦ କୋଟି ଟଙ୍କା ଏହି ଶିଳ୍ପସଂସ୍ଥାମାନଙ୍କ ଉପରେ ବକେୟା ରହିଛି । ଏବେ ସରକାର ଆଇନର ସଂଶୋଧନ କରି ସମ୍ପୃକ୍ତ ଶିଳ୍ପସଂସ୍ଥାମାନଙ୍କୁ କର ଛାଡ଼ କରି କେବଳ ସର୍ବାଧିକ ୧୫ ଲକ୍ଷ ଟଙ୍କା ଜରିମାନା ଦେଇ ସେମାନଙ୍କୁ କ୍ଷମା କରିଦେବାର ଯୋଜନା ସଫଳ ହେବାକୁ ଯାଉଛି । ଫଳରେ ଏହା ତେଲିଆ ମୁଣ୍ଡରେ ତେଲ ସଦୃଶ୍ୟ ହେଉଛି ।**

ଏହି ନଦୀମାନଙ୍କ ମଧ୍ୟରୁ ବ୍ରାହ୍ମଣୀ ଓ ମହାନଦୀର ଉଭୟ କୂଳରେ ଥିବା କଳ କାରଖାନା ଓ ଶିଳ୍ପସଂସ୍ଥା ଅଧିକ ପ୍ରଦୂଷିତ କରି ନଦୀର ଅସ୍ତିତ୍ୱକୁ ହଜାଇ ଦେଉଥିବା ଥିବା ବେଳେ ଏକ ପ୍ରକାର ହତ୍ୟା କରୁଛି । ପ୍ରଦୂଷିତ କରୁଥିବା ଶିଳ୍ପସଂସ୍ଥାଗୁଡ଼ିକୁ ହତ୍ୟାକାରୀ ଆଖ୍ୟା ଦେଇ ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଚଳାଇ ନଦୀକୁ ପୁଣି ଥରେ ଜୀବନ୍ତ କରିବାକୁ ପରିବେଶବିତମାନଙ୍କର ଦାବି ରହିଛି ।

ମିଳିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ପ୍ରବାହିତ ୭ ଗୋଟି ନଦୀ କୂଳରେ ଅବସ୍ଥିତ ୫୭ ଗୋଟି ଶିଳ୍ପସଂସ୍ଥା ଓ କାରଖାନା ସେମାନଙ୍କ ବର୍ଜ୍ୟବସ୍ତୁ ନଦୀ ଉପରେ ଛାଡ଼ି ଜଳଚର ଜୀବ ଓ ମାନବ ସମାଜର ଜନଜୀବନକୁ ପ୍ରଭାବିତ କରୁଛନ୍ତି । ଏପରିକି ସେମାନେ ନଦୀମାନଙ୍କୁ ଜଳ ଲୁଟ କରି ସରକାରଙ୍କୁ କର ଦେଉନାହାଁନ୍ତି । ବିଧାନସଭାରୁ ମିଳିଥିବା ତଥ୍ୟ ( ୨୦୨୫ର ବିଧାନସଭାର ଶୀତ ଅଧିବେଶନରେ) ଅନୁସାରେ ୫୮୯୦ କୋଟି ଟଙ୍କା ଏହି ଶିଳ୍ପସଂସ୍ଥାମାନଙ୍କ ଉପରେ ବକେୟା ରହିଛି । ଏବେ ସରକାର ଆଇନର ସଂଶୋଧନ କରି ସମ୍ପୃକ୍ତ ଶିଳ୍ପସଂସ୍ଥାମାନଙ୍କୁ କର ଛାଡ଼ କରି କେବଳ ସର୍ବାଧିକ ୧୫ ଲକ୍ଷ ଟଙ୍କା ଜରିମାନା ଦେଇ ସେମାନଙ୍କୁ କ୍ଷମା କରିଦେବାର ଯୋଜନା ସଫଳ ହେବାକୁ ଯାଉଛି । ଫଳରେ ଏହା ତେଲିଆ ମୁଣ୍ଡରେ ତେଲ ସଦୃଶ୍ୟ ହେଉଛି ।

ଏବେ ନଦୀ ଉପରେ ବ୍ୟାପକ ଓ ଫଳପ୍ରଦ ଆଲୋଚନା କରିବାର ସମୟ ଆସିଛି ।

୧) ନଦୀ ଜଳ ପରିଚାଳନା, ଏହାର ସମାନ ଓ ଉପଯୋଗ ଦିଗରେ ଓଡ଼ିଶା ସରକାର କି ପ୍ରକାର ଆନୁଷ୍ଠାନିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି । ଯଦି କିଛି କରାଯାଇ ନାହିଁ ତାହାରେ ଏଥିରେ ଏହାର କାର୍ଯ୍ୟକାରିତା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣର ଆବଶ୍ୟତା ରହିଛି ତାହା ସ୍ପଷ୍ଟ ହେବା ଜରୁରୀ ।

୨) ଜଳ ସମସ୍ୟାରେ ଭାଗିଦାରୀ ଥିବା ଶିଳ୍ପାନୁଷ୍ଠାନ, ନାଗରିକ ସମାଜ, ଗଣମାଧ୍ୟମ, ଶିକ୍ଷାବିତ ଓ ଗୋଷ୍ଠୀ ନଦୀ ଅବବାହିକା ପରିଚାଳନାରେ ଯେପରି ଅଂଶୀଦାର ହୋଇପାରିବେ । ଏହି ପ୍ରକ୍ରିୟାରେ ଏସମସ୍ତ ବର୍ଗର ସହଯୋଗ ଓ ସମନ୍ୱୟ ପାଇଁ କଣ ସବୁ ପ୍ରକାର କାର୍ଯ୍ୟଧାରା ଉପଲବ୍ଧ ।

୩) ନଦୀ ଜଳ ପରିଚାଳନା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଭାଗିଦାରୀ ପାଇଁ କିପ୍ରକାର ପ୍ରତିଷ୍ଠାନିକ, ବ୍ୟବସ୍ଥାଗତ ଓ ମଡ଼େଲ ରାଜ୍ୟରେ ଗ୍ରହଣ କରାଯାଇପାରିବ ।

୪) ଓଡ଼ିଶାର ପ୍ରମୁଖ ୧୧ଟି ନଦୀ ଉପତ୍ୟକାର ସୁରକ୍ଷା ପାଇଁ ସମୟଭିଭିକ ତଥ୍ୟ, ବିଶ୍ଳେଷଣାତ୍ମକ ଅନୁଧ୍ୟାନର ଆବଶ୍ୟକତା ରହିଛି । ଏହା ଦ୍ୱାରା ବ୍ୟାପକ ବିତର୍କ ଓ ଆଲୋଚନା ହୋଇପାରିବ । ନଦୀ ସଂପର୍କରେ କିପରି ସମୟ ଭିତ୍ତିକକ ଜ୍ଞାନ ଆହରଣ ହୋଇପାରିବ ।

୫) ଅନ୍ୟ ରାଜ୍ୟ ବା ଦେଶରେ ଥିବା ନଦୀ ପରିଚାଳନା କର୍ତ୍ତୃପକ୍ଷ ମଡ଼େଲ ଓଡ଼ିଶାରେ ଫଳପ୍ରଦ ଭାବେ କାର୍ଯ୍ୟକାରୀ ହୋଇପାରିବ କି ସେ ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ନେଇ ବ୍ୟାପକ ବିଚାର ବିମର୍ଷ ଦରକାର ।

୬) ଗଣମାଧ୍ୟମ ଓ କିଛି ଉତ୍ସାହିତ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ରାଜ୍ୟର ନଦୀଗୁଡ଼ିକର ଦୂରାବସ୍ଥା ଲୋକଲୋଚନକୁ ଆଣି ଅନେକ ଉପନଦୀ ଓ ଶାଖା ନଦୀର ଅବସ୍ଥା , ଅବହେଳା ଉପରେ ତର୍ଜମା କରିବାର ସମୟ ଆସିଛି । ଏହାର ଅବସ୍ଥା କିପରି ସମାଧାନ ହୋଇପାରିବ ? ଏଥିପାଇଁ କି ପ୍ରକାର ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ସେ ଦିଗରେ ତାତ୍ତ୍ୱିକ ଆଲୋଚନା ହେବା ଜରୁରୀ ।

୭) ୨୦୩୬ ମସିହା ସୁଦ୍ଧା ନଦୀ, ଜଙ୍ଗଲ, ଆର୍ଦ୍ରଭୂମି ଓ ହ୍ରଦ ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ ଲମ୍ବା ଓ ବାସ୍ତବିକ ଆକ୍ସନ ପ୍ଲାନ୍ ପ୍ରସ୍ତୁତି କରିବାକୁ ପଡ଼ିବ । ଏହି ସମୟସୀମା ମଧ୍ୟରେ ସର୍ବାଧିକ ଉତ୍ତମ ଓ ଭଲ କାର୍ଯ୍ୟକ୍ରମ କଣ ସବୁ ଗ୍ରହଣ କରାଯାଇପାରିବ ତା' ଉପରେ ଆଲୋଚନା କଲେ ଅନେକ ସମାଧାନର ବାଟ ଫିଟିବ ।

**ବରିଷ୍ଠ ସାମ୍ବାଦିକ**
**ମୋ-୯୪୩୭୧୫୦୬୩୨**

# ସାମାନ୍ୟ କଥା



ସରୋଜ କୁମାର ଶତପଥୀ

'ସାମାନ୍ୟ' ଶବ୍ଦର ଅର୍ଥ ହେଉଛି ସାଧାରଣ, ଅଳ୍ପ, ଅର୍ଥାତ ଯାହା ଅସାମାନ୍ୟ ନୁହେଁ, ଯାହାର କୌଣସି ଅତିଶୟତା ବା ବିଶେଷ ଗୁଣ ନାହିଁ ତାହା ସାମାନ୍ୟ । ଆମେ ସାଧାରଣତଃ କହିଥାଉ -ଏହା ଗୋଟେ ସାମାନ୍ୟ ଘଟଣା, ସେ ଜଣେ ସାମାନ୍ୟ ଲୋକ,ଏହା ଗୋଟିଏ ସାମାନ୍ୟ ଭୁଲ । ଏ ସବୁକୁ ଆମେ ଛୋଟ, ସାଧାରଣ କଥା ଯାହାର କୌଣସି ବିଶେଷ ଗୁରୁତ୍ୱ ନାହିଁ ବୋଲି ଭାବିଥାଉ । ମଣିଷ ଜୀବନ ନିତ୍ୟ ନିତ୍ୟ ଅନେକ ଘଟଣା, ଅନେକ ସମ୍ପର୍କ ଓ ଅନେକ ଅନୁଭବରେ ବାନ୍ଧ ହୋଇଥାଏ । ଆମେ ଯାହାକୁ ଦୈନିକ ଓ ସାଧାରଣ ଓ ସାମାନ୍ୟ ଭାବି ଅବହେଳା କରିଥାଉ, ସେହି ସାମାନ୍ୟ କଥା, ଶବ୍ଦ, ଆଚରଣ ମଧ୍ୟ କେବେ କେବେ ଜୀବନର ଗତିପଥ ବଦଳାଇ ଦେଇଥାଏ । ମଣିଷର ଚେତନା ଅତ୍ୟନ୍ତ ସୂକ୍ଷ୍ମ ଏହାର ଗୋଟିଏ ଛୋଟ ଆନ୍ଦୋଳନ ଅନ୍ୟ ଜଣଙ୍କ ମନରେ ଅସାମାନ୍ୟ ଅସ୍ଥିରତା କିମ୍ବା ଆଲୋକ ଜଗାଇପାରେ ।

ସାଧାରଣ ଜୀବନରେ ଆମେ ବହୁବେଳେ ନିଜ ଆଚରଣ, ଭାଷା ଓ ଅଭିବ୍ୟକ୍ତି ପ୍ରତି ଅସଚେତନ ହୋଇଯାଉଛୁଁ । କିନ୍ତୁ ଏହି ସାମାନ୍ୟ କଥା ଅନ୍ୟ ଜଣଙ୍କ ହୃଦୟରେ ଗଭୀର ଚିହ୍ନ ରଖିଯାଏ । ମଣିଷ ସମ୍ପର୍କ ହେଉଛି ଭାବନାର ସୂତାରେ ଗଠିତ ଯେଉଁଠି ଏହି 'ସାମାନ୍ୟ କଥା' ରୂପକ ଭାବନା ସମଗ୍ର ଜାଲକୁ ଛିଣ୍ଡାଇ ଦେଇପାରେ । ଏହି କ୍ରମରେ ଜଣେ ବିଦ୍ୱାନଙ୍କର ଏକ ଛୋଟ ଅନୁଭୂତିର ଅବତାରଣା କରାଯାଇ ପାରେ ।

ବିଦ୍ୱାନ ଜଣକ ଦିନେ ତାଙ୍କ ବାଲ୍ୟ ବନ୍ଧୁଙ୍କ ଘରକୁ ଆସିଥିଲେ । ବନ୍ଧୁଙ୍କ ଘରେ ବସିଥିବା ବେଳେ ଛୋଟ ଛୁଆଟିଏ ହସ ହସ ମୁହଁରେ ଦୌଡି ଆସିଲା ବିଦ୍ୱାନଙ୍କ ପାଖକୁ । ପଣ୍ଡିତ ତାକୁ କୋଳକୁ ଆଣି ସ୍ନେହରେ ଗେଲଟିଏ ଦେଲାବେଳେ ପିଲାଟି ଚିତ୍କାର କରି କାନ୍ଦିଲା । ବନ୍ଧୁ ପତ୍ନୀ ପିଲାର କାନ୍ଦ ଶୁଣି ଦୌଡ଼ି ଆସିଲେ । ପଣ୍ଡିତଙ୍କ ପାଖରୁ ପୁଅକୁ ଛଡାଇ ନେଇ ତାଙ୍କୁ ସନ୍ଦେହ ଆଖିରେ ଚାହିଁଲେ । ଅନେକ ତିରସ୍କାର କଲେ । ମନସ୍ତାପରେ ପଣ୍ଡିତ ସେଠାରୁ ଚାଲିଆସିଲେ । ବୁଝି ପାରିଲେନି ତାଙ୍କର ଭୁଲ କେଉଁଠି ରହିଲା । ଏ କଥା ସତ ଯେ ପିଲାଟି ପଣ୍ଡିତଙ୍କୁ ଆଦୌ ଡରୁ ନଥିଲା କି ଭୟ ପାଉ ନଥିଲା । ତେବେ ଏମିତି ଯନ୍ତ୍ରଣା ଦାୟକ କାନ୍ଦ କାନ୍ଦିଲା କାହିଁକି ? ହେଲେ ବିଦ୍ୱାନଙ୍କ ବନ୍ଧୁ ଠିକ୍ ଜାଣିଥିଲେ ଯେ ପିଲା କାନ୍ଦିଲା କାହିଁକି ? ପଣ୍ଡିତଙ୍କ ମୁହଁରେ ଥିବା ସାମାନ୍ୟ ଦାଢ଼ି ପୁଅ ଗାଲରେ ଘଷି ହେଇ ତାକୁ କଷ୍ଟ ଦେଉଥିଲା, ଯାହାଫଳରେ ସେ କାନ୍ଦି ଉଠିଲା । ମଣିଷ ଜୀବନରେ ଏମିତି କେତେ ସାମାନ୍ୟ ଘଟଣା ଅନ୍ୟମାନଙ୍କ ପାଇଁ ଦୁର୍ଘଟଣା ପରି ଲାଗେ । ପଣ୍ଡିତଙ୍କ ଅଜାଣତରେ ଏଇ ସାମାନ୍ୟ ଦାଢ଼ି ତାଙ୍କୁ ନିନ୍ଦିତ କଲା ଯାହା ସେ କେବେ ସ୍ୱପ୍ନରେ ଭାବି ନଥିଲେ । ପଣ୍ଡିତଙ୍କ ମନରେ ନା ଥିଲା ଆବିଳତା ନା ସେ ସରଳ ଶିଶୁ ମନରେ ? କିନ୍ତୁ ସେ ନିଷ୍ପାପ ଶିଶୁକୁ ଆଦର କରିବାର ପରିଣାମ ପଣ୍ଡିତଙ୍କୁ ଭୋଗିବାକୁ ପଡିଲା । କାରଣ ଦୃଷ୍ଟିଭଙ୍ଗୀ ଓ ପ୍ରଭାବ ଆଧାରରେ ଛୋଟ ଘଟଣା ମଧ୍ୟ ଅସାମାନ୍ୟ ଅର୍ଥ ନେଇପାରେ ।

ଆମକୁ ଯାହା ସାମାନ୍ୟ ଲାଗେ ଅନ୍ୟ କାହାକୁ ତାହା ଅସାମାନ୍ୟ ବୋଧ ହେଇଥାଏ । ଏହି ସାମାନ୍ୟକୁ ତୁମେ ଚାହିଁଲେ ବି ପରିତ୍ୟାଗ କରି ପାରିବନି । ନିଷ୍ପାପ ଶିଶୁକୁ ଆଲିଙ୍ଗନ ମୋହରେ ପଣ୍ଡିତ ତାଙ୍କ ମୁହଁର ସାମାନ୍ୟ ଦାଢ଼ି କଥା ଭୁଲିଗଲେ । ଭଲ ପାଇବା, ସ୍ନେହ ଆଉ କୋମଳମତି ଶିଶୁ ଭିତରେ ଉତ୍ସାହ ଭରିବା ଥିଲା ପଣ୍ଡିତଙ୍କ ଲକ୍ଷ୍ୟ । ଜାଣି ଜାଣି ଶିଶୁକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନଥିଲା ।

**ଆମକୁ ଯାହା ସାମାନ୍ୟ ଲାଗେ ଅନ୍ୟ କାହାକୁ ତାହା ଅସାମାନ୍ୟ ବୋଧ ହେଇଥାଏ । ଏହି ସାମାନ୍ୟକୁ ତୁମେ ଚାହିଁଲେ ବି ପରିତ୍ୟାଗ କରି ପାରିବନି । ନିଷ୍ପାପ ଶିଶୁକୁ ଆଲିଙ୍ଗନ ମୋହରେ ପଣ୍ଡିତ ତାଙ୍କ ମୁହଁର ସାମାନ୍ୟ ଦାଢ଼ି କଥା ଭୁଲିଗଲେ । ଭଲ ପାଇବା, ସ୍ନେହ ଆଉ କୋମଳମତି ଶିଶୁ ଭିତରେ ଉତ୍ସାହ ଭରିବା ଥିଲା ପଣ୍ଡିତଙ୍କ ଲକ୍ଷ୍ୟ । ଜାଣି ଜାଣି ଶିଶୁକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନଥିଲା ।**

ଏହିଭଳି ଅନେକ ଦୃଷ୍ଟାନ୍ତ ଆମ ଚାରିପାଖରେ ଭରିରହିଛି । କିଛି ବାଧ ବାଧକତାରେ, କିଛି ପରିସ୍ଥିତିର ଚାପରେ ଆଉ କିଛି ପାରିପାର୍ଶ୍ୱିକ ଅବସ୍ଥାରେ ଏହା ସଂଘଟିତ ହୋଇଥାଏ । ଆମ କଥାରେ, କାମରେ, ଚିନ୍ତାରେ, ବିଚାରଧାରାରେ 'ସାମାନ୍ୟ' ସବୁ ଅଗୋଚରେ ଭରି ରହିଛନ୍ତି, ଯାହା ଆମକୁ ଦୃଶ୍ୟମାନ ହୁଏନାହିଁ । ବନ୍ଧୁଙ୍କ ପରି ସାମାନ୍ୟକୁ ଚିହ୍ନିବା ଖୁବ୍ କମ୍ ଲୋକ ଅଛନ୍ତି । ମାତ୍ର ବନ୍ଧୁପତ୍ନୀଙ୍କ ପରି ସାମାନ୍ୟକୁ ଅସାମାନ୍ୟ କରିବା ଲୋକଙ୍କ ଅଭାବ ନାହିଁ । ଏଠି 'ସାମାନ୍ୟ' ଦାଢ଼ି ରୂପରେ ଉଭା ହେଲା ବେଳେ ତୁମ କ୍ଷେତ୍ରରେ ଏହା ଅନ୍ୟ କେଉଁ ରୂପରେ ଆର୍ବିଭାବ ହେଉଥିବ । ପଣ୍ଡିତଙ୍କ ଦାଢ଼ି ଯେପରି ଏକ ନିଷ୍ପାପ ସ୍ନେହକୁ ଭୁଲ ଅର୍ଥ ଦେଲା, ସେପରି ଆମ ଆଚରଣ ମଧ୍ୟ କେବେ କେବେ ଅନ୍ୟଙ୍କ ହୃଦୟକୁ ଆଘାତ ଦେଇଥାଏ ।

ସାମାନ୍ୟ ମଣିଷ ଜୀବନ ଓ ସାମାଜିକ ସମ୍ପର୍କର ଗୋଟେ ଗଭୀର ଦାର୍ଶନିକ ସତ୍ୟକୁ ଉଦ୍ଭାସିତ କରିଥାଏ । ଏହାର ମୂଳ ବାର୍ତ୍ତା ସାଧାରଣ ନୁହେଁ-ଏହା ମଣିଷ ଚେତନାର ସେହି ସୂକ୍ଷ୍ମ ଅଞ୍ଚଳକୁ ସ୍ପର୍ଶ କରେ । ମଣିଷ ସାଧାରଣତଃ ନିଜ ଆଚରଣକୁ ସାମାନ୍ୟ ଭାବି ଅବହେଳା କରେ, କିନ୍ତୁ ଜଗତରେ କୌଣସି ଘଟଣା, କୌଣସି ଭାବ, କୌଣସି ଶବ୍ଦ ସାମାନ୍ୟ ନୁହେଁ । ପ୍ରତ୍ୟେକ ସାମାନ୍ୟ ଘଟଣା ଆଉ ଅନୁଭୂତି ଅନ୍ୟ ଜୀବନରେ ଅସାମାନ୍ୟ ପ୍ରଭାବ ଫଳାଇପାରେ ।

ଏହି ସାମାନ୍ୟ ଭୁଲ, ସାମାନ୍ୟ ଶବ୍ଦ, ସାମାନ୍ୟ ଭାବ, ସାମାନ୍ୟ କଷ୍ଟ ହିଁ ଆଜି ମାନବ ସମ୍ପର୍କକୁ ଦୂର କରୁଛି । ଯେତେବେଳେ ଆମେ ସେହି ସାମାନ୍ୟତାକୁ ଚିହ୍ନି ନିଜକୁ ସଂଶୋଧନ କରିପାରିବୁ ସେତେବେଳେ ସମାଜ ଅସଲରେ ସୁସଂସ୍କୃତ ହେବ । ଜୀବନର ପ୍ରତିଟି ଅନୁଭବ ଗୋଟେ ଅଦୃଶ୍ୟ ଶିକ୍ଷା, ଯାହାକୁ ଆମେ ଅଳ୍ପ ଭାବୁ ତାହା ଅସଲରେ ଅଳ୍ପ ବା ସାମାନ୍ୟ ହେଇ ନପାରେ । ନିଜ ମନ ଶୁଦ୍ଧ ହେଲେ ବି, ଜଗତର ଅନୁଭୂତି ତାହାକୁ ଭିନ୍ନ ଅର୍ଥ ଦେଇପାରେ । ଏହି ସତ୍ୟକୁ ଯେ ଉପଲବ୍ଧି କରିପାରେ, ସେହି ମଣିଷ ନିଜ ଜୀବନକୁ ଚରିତାର୍ଥ କରିପାରେ ।

**ପରିଚାଳକ, ଜୟଦେବ ଭବନ**
**ଭୁବନେଶ୍ୱର ,ମୋ- ୯୩୪୮୧୨୭୪୪୭**

# ପହିଲି ଭୋଗ

ପୁଷ୍ପମିତ୍ର ମହାପାତ୍ର

ଶ୍ରୀତଦିନେ ଶ୍ରୀମନ୍ଦିରରେ ହୁଏ ପହିଲି ଭୋଗ ନୀତି । ପୌଷ ମାସରେ ଶ୍ରୀମନ୍ଦିରରେ ପହିଲି ଭୋଗ ସ୍ୱତନ୍ତ୍ର ନୀତି ଅନୁଯାୟୀ ପ୍ରତିଦିନ ରାତି ଦୁଇଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ହୁଏ । ସନ୍ଧ୍ୟାରୁ ଶ୍ରୀମନ୍ଦିରର ରୀତି ନୀତି ପୁନଃ ଆରମ୍ଭ ହୋଇ ମଇଲମ ଓ ବେଶ ନୀତି ସମ୍ପନ୍ନ ହୁଏ । ଏହାପରେ ସନ୍ଧ୍ୟା ଆଳତି ନୀତି, ରାତି ବଢ଼ିବା ପରେ ସନ୍ଧ୍ୟାଧୂପ ନୀତି ଶେଷ ହୁଏ । ତା'ପରେ ମଇଲମ ସରି ପ୍ରଭୁଙ୍କ ଚନ୍ଦନ ଲାଗି, ବଡ଼ସିଂହାର ବେଶ, ବଡ଼ ସିଂହାର ଭୋଗ ଶେଷ ହୁଏ । ଏହାପରେ ପ୍ରଭୁଙ୍କ ଟୋପର ଲାଗି ନୀତି ସରି ରାତି ବାରଟା ସୁଦ୍ଧା ମହାପ୍ରଭୁଙ୍କ ପହଡ଼ ନୀତି ଶେଷ ହୁଏ । ବିଭିନ୍ନ ବେଶ ବଢ଼ିବା ପରେ ପହିଲି ଭୋଗ ଭୋର ସୁଦ୍ଧା ସମ୍ପନ୍ନ ହୁଏ ।

ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ (ନବାଙ୍କ) ଯାଏ ପୌଷ ମାସର ପ୍ରଚଳନ ରହିଛି । ଓଡ଼ିଆ ପରମ୍ପରା ଅନୁସାରେ ପୌଷ ମାସରେ କୌଣସି ଶୁଭ କାମ ହୁଏ ନାହିଁ ଓ ଏହି ସମୟରେ ଘରର ବୋହୂ ବାପଘରକୁ ଯିବାର ପ୍ରଥା ମଧ୍ୟ ରହିଛି ।

ସେହି ଅନୁସାରେ ଏହି ସମୟରେ ମହାଲକ୍ଷ୍ମୀ ପିତ୍ରାଳୟ ଗମନ କରନ୍ତି । ବିଶ୍ୱାସ ଅନୁସାରେ ଏହି ସମୟରେ ବଡ଼ଖିଆ ବଡ଼ ଠାକୁରଙ୍କୁ ରୋଷେଇ କରି ଖାଇବାକୁ ଦେବାର ଦାୟିତ୍ୱ ନିଅନ୍ତି ମା'ଯଶୋଦା । କୁହାଯାଏ କାଉ, କା' କରିବା ଆଗରୁ ମା' ଯଶୋଦା ରୋଷ ଘରେ ରୋଷେଇ ପ୍ରସ୍ତୁତ କରି ସାରିଥାନ୍ତି । ତାହା ପୁଣି ଯାହି ତାହି ସାଧାରଣ ଖାଦ୍ୟ ନୁହେଁ ।

୩୨ ପ୍ରକାର ପିଠା ସହିତ, କ୍ଷୀରି, ମୁଆଁ ପ୍ରସ୍ତୁତ କରିଥାନ୍ତି ଯଶୋଦା । ମହାପ୍ରଭୁଙ୍କ ପାଖରେ ଲାଗି ହେଉଥିବା ଏ ସମସ୍ତ ଭୋଗକୁ ପହିଲି ଭୋଗ କୁହାଯାଏ, ଯାହା ଧନୁ ସଂକ୍ରାନ୍ତିରୁ ନବାଙ୍କ ଯାଏଁ ଲାଗି ହୋଇଥାଏ । କେବଳ ଶ୍ରୀମନ୍ଦିର ନୁହେଁ, ଉତ୍କଳର ପ୍ରାୟ ସବୁ ମନ୍ଦିରରେ ପହିଲି ଭୋଗର ନୀତିକାନ୍ତି କରାଯାଏ ।

**କୁହାଯାଏ କାଉ, କା' କରିବା ଆଗରୁ ମା' ଯଶୋଦା ରୋଷ ଘରେ ରୋଷେଇ ପ୍ରସ୍ତୁତ କରି ସାରିଥାନ୍ତି । ତାହା ପୁଣି ଯାହି ତାହି ସାଧାରଣ ଖାଦ୍ୟ ନୁହେଁ । ୩୨ ପ୍ରକାର ପିଠା ସହିତ, କ୍ଷୀରି, ମୁଆଁ ପ୍ରସ୍ତୁତ କରିଥାନ୍ତି ଯଶୋଦା । ମହାପ୍ରଭୁଙ୍କ ପାଖରେ ଲାଗି ହେଉଥିବା ଏ ସମସ୍ତ ଭୋଗକୁ ପହିଲି ଭୋଗ କୁହାଯାଏ, ଯାହା ଧନୁ ସଂକ୍ରାନ୍ତିରୁ ନବାଙ୍କ ଯାଏଁ ଲାଗି ହୋଇଥାଏ ।**

ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତି ମଧ୍ୟରେ ପହିଲି ଭୋଗର ସ୍ଥାନ ସ୍ୱତନ୍ତ୍ର । ଏହା କେବଳ ଏକ ଭୋଗ ନୁହେଁ ବରଂ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପ୍ରତି ମାତୃତ୍ୱର ଏକ ଅପୂର୍ବ ନୀତି । ପ୍ରତିବର୍ଷ ପବିତ୍ର ଧନୁ ସଂକ୍ରାନ୍ତି ତିଥିରୁ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହୋଇଥାଏ । ଉତ୍ତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରାୟ ଏକ ମାସ ବ୍ୟାପୀ ଏହା ଚାଲିଥାଏ । ଧନୁ ସଂକ୍ରାନ୍ତି ଆରମ୍ଭ ହେବା ମାତ୍ରେ ଶ୍ରୀମନ୍ଦିରରେ ଅତି ଆନନ୍ଦ ଓ ଉଲ୍ଲାସରେ କାଳିଆ ଠାକୁରଙ୍କ ନିକଟରେ ଏହି ପହିଲି ଭୋଗ ନୀତି ପାଳିତ ହୁଏ । ପହିଲି ଭୋଗ ନୀତି ପଛରେ ରହିଛି ଏକ ମାର୍ମିକ ଲୋକକଥା, ଯାହା ମା' ଏବଂ ପୁଅର ବାତ୍ସଲ୍ୟ ମମତାର ନିଦର୍ଶନ । ଲୋକକଥା ଅନୁଯାୟୀ ଏହି ଧନୁ ମାସରେ ମା' ମହାଲକ୍ଷ୍ମୀ ଶାଶୁଘରୁ (ଶ୍ରୀମନ୍ଦିରରୁ) ବାପଘରକୁ ଯାଇଥାନ୍ତି । ମା' ମହାଲକ୍ଷ୍ମୀଙ୍କ ଅନୁପସ୍ଥିତିରେ ମା'ଯଶୋଦା ନିଜେ ହାତରେ ଏହି ଭୋଗ ପ୍ରସ୍ତୁତ କରି ପ୍ରତ୍ୟୁଷରୁ (ସଅଳ ନୈବେଦ୍ୟ) ମହାପ୍ରଭୁଙ୍କୁ ସେବନ କରାଇଥାନ୍ତି । ମା'ର ସଅଳ ନୈବେଦ୍ୟ ମଣୋହି କରାଇବାର ବିଶ୍ୱାସ ଭକ୍ତମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରେ । ପହିଲି ଭୋଗରେ ବିଭିନ୍ନ ପ୍ରକାର ପାରମ୍ପରିକ ଓଡ଼ିଆ ପିଠା , ମିଠା ଓ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ ।

ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ସାଧାରଣତଃ ୨୩ ପ୍ରକାରର ବ୍ୟଞ୍ଜନ ବଡ଼ ଝିଲି, ବଡ଼ ବଡ଼ା, ଅମାଲୁ, ନଳି, କାକରା, ଆରିଷା, ଗଜା, ଖଇରଚୁଳ, ଗଇଁଣ୍ଠା, ମଣ୍ଡା, ଏଣ୍ଡୁରି, ମୁଗେଇ, ଚୂଡ଼ାପୁଆ ଆଦି ବିଭିନ୍ନ ଭୋଗ ପ୍ରସ୍ତୁତ ହୋଇଥାଏ । ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଅନୁଷ୍ଠିତ ହେଉଥିବାରୁ ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି ନୀତି ହୁଏ । ଏହାପରେ ରୋଷ ହୋମ ନୀତି ଓ ତା'ପରେ ବଲ୍ଲଭ ନୀତିରେ ପହିଲି ଭୋଗ ନୀତି ଅନୁଷ୍ଠିତ ହୋଇଥାଏ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ସେକ୍ଟର-୬, ସିଡିଏ, କଟକ,**
**ମୋ- ୯୪୩୭୨୨୫୬୮୯**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଲ୍‌କୁ...

ସ୍ଲୋଗାନ ଦେବାସହ ବିଲ୍‌ର କପିକୁ ଚିରି ବାଚସ୍ପତିଙ୍କ ଆସନ ଆଡକୁ ଲକ୍ଷ୍ୟ କରି ଫୋପାଡିଥିଲେ । ଫଳରେ ଶୁକ୍ରବାର ଯାଏ ଗୃହକୁ ମୁଲତବି କରାଯାଇଛି । ବିଲ୍ ପାରିତ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ଗୃହ ମୁଲତବୀ ହେବା ଘୋଷଣା କରିଥିଲେ । ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ କଂଗ୍ରେସ ବାପୁଙ୍କ ଆଦର୍ଶକୁ ହତ୍ୟା କରିଛି । ଆଜି ବିରୋଧୀ ସଦସ୍ୟମାନେ ଯେଭଳି ଆଚରଣ କଲେ ତାହା କ'ଣ ବାପୁ ଗ୍ରହଣ କରିବେ କି ବୋଲି ପ୍ରଶ୍ନ କରିଛନ୍ତି । ସେ କହିଥିଲେ ଯେ ରାମ ଜୀଙ୍କ ନାମକୁ ନେଇ ଏତେ ବିରକ୍ତିଭାବ କାହିଁକି । ଏହି ବିଲ୍‌ଟି ନିଯୁକ୍ତି ଓ ଜୀବିକାକୁ ପ୍ରତିଫଳନ କରୁଛି । ସଂସଦ ବାହାରେ ବିରୋଦୀ ଦଳଗୁଡ଼ିକ ବିଲ୍‌କୁ ନେଇ ପ୍ରତିବାଦ କରିଥିଲେ । ବିଜେପି ଏହାକୁ ଐତିହାସିକ ଓ ଗରିବ ସପକ୍ଷବାଦୀ ବିଲ୍ ବୋଲି ଚିତ୍ରଣ କରିଥିଲା । କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି କହିଥିଲେ ଯେ ଆମେ ଏହି ବିଲ୍‌କୁ ତୀବ୍ର ବିରୋଧ କରୁଛୁ । ସବୁ ବିରୋଧୀ ଦଳ ଏକାଠି ହୋଇ ଏହାକୁ ବିରୋଧ କରୁଛନ୍ତି । ଏହି ପ୍ରସ୍ତାବିତ ବିଲ୍‌ଟି ଏମ୍‌ଜି ନରେଗାକୁ ଶେଷ କରିଦେବ । ଶ୍ରମ ଦିବସ ୧୦୦ ଦିନରୁ ୧୨୫ ଦିନ ବୃଦ୍ଧି ସେମାନଙ୍କର ଏକ ଛଳନା । ଯେ କେହି ଏହି ବିଲ୍‌କୁ ପଢ଼ିବ ସେ ଜାଣିପାରିବ କି ଅଳ୍ପ କିଛିଦିନ ମଧ୍ୟରେ ଏହି ଯୋଜନା ଶେଷ ହୋଇଯିବ । ଗଣମାଧ୍ୟମକୁ ପ୍ରିୟଙ୍କା କହିଥିଲେ ଯେ ବିଲ୍‌ରେ ରାଜ୍ୟ ଉପରେ ବୋଝ ଲଦି ଦିଆଯାଉଛି । ଧୀରେ ଧୀରେ ଏହା ସୀମିତ ହୋଇଯିବ । କାରଣ ରାଜ୍ୟ ସରକାରଙ୍କ ପାଖରେ ଏତେ ପରିମାଣର ଅର୍ଥ ନାହିଁ । କଂଗ୍ରେସ ନେତା କାର୍ତ୍ତି ଚିଦାମ୍ବରମ ମଧ୍ୟ ଅନୁରୂପ ଭାବେ ଚିନ୍ତା ପ୍ରକଟ କରିଥିଲେ । ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି ଯେ ବିଲ୍‌ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଭାରତର ବିକାଶ ପାଇଁ ଉଦିଷ୍ଟ । ଗରିବ ଲୋକମାନେ ୧୨୫ ଦିନର କାର୍ଯ୍ୟର ଗ୍ୟାରେଣ୍ଟି ପାଇବେ । କଂଗ୍ରେସ ସାଂସଦ ମନିଶ ତିୱାରୀ କହିଥିଲେ ଯେ କେନ୍ଦ୍ର ସରକାର ବିଲ୍‌ର ନୂଆ ନାମକରଣ କରି ମହାତ୍ମା ଗାନ୍ଧିଙ୍କ ନାମ ରାଜନୀତି ଧ୍ରୁବିକରଣ ପାଇଁ ହଟାଇଛନ୍ତି ।

## ମୁଖ୍ୟ...

କୋର୍ଟଚାଲାଣ କରିବା ପରେ ଜୋକରହାପିକୁ ଖୋଜଖବର କରୁଥିଲା । ଗଞ୍ଜାମରେ ସେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ପୋଲିସ ଜାଣିବା ପରେ ତାକୁ ଗିରଫ କରି ଭୁବନେଶ୍ୱର ଆଣି ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ କଲା । ଦୁଷ୍କର୍ମ ସମୟର ଭିଡିଓ ଗିରଫ ୩ଜଣଙ୍କ ପାଖରୁ ପୋଲିସ ପାଇନାହିଁ । ସେମାନେ ଭିଡିଓ ଉତ୍ତୋଳନ କରିଥିବାରୁ ପୋଲିସ ତାକୁ ଜବତ କରିବା ପାଇଁ ଚେଷ୍ଟା କରୁଛି । ତିନିଜଣ ଗିରଫ ହୋଇଥିବା ବେଳେ ଦୁଇଜଣ ଫେରାର ଥିବାରୁ ତାଙ୍କ ମୋବାଇଲରେ ଭିଡିଓ ଥିବା ପୋଲିସ ସନ୍ଦେହ କରୁଛି । ଏଥିସହ ସୋସିଆଲ୍ ମିଡିଆ ମଧ୍ୟ ପାଟ୍ରୋଲିଂ କରାଯାଉଥିବା ଜଣେ ଅଫିସର କହିଛନ୍ତି । ଗିରଫ ମୁଖ୍ୟ ଅଭିଯୁକ୍ତ ଜୋକର ହାପି ବିରୋଧରେ କମିଶନରେଟ୍ ପୋଲିସ ୧୯ ରୁ ଊର୍ଦ୍ଧ୍ୱ ମାମଲା ପଞ୍ଜୀକୃତ ରହିଛି ।

## ଧାନ କିଣାରେ...

ସ୍ଥାନୀୟ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ କରାଯିବ । ଏତଦବ୍ୟତୀତ ପିସି-ସାପ୍ ଆପ୍ ମାଧ୍ୟମରେ ମଣ୍ଡିରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ଅପଲୋଡ୍ କରିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ଅସ୍ଥାୟୀ ଆଶ୍ରୟସ୍ଥଳୀ ଓ ସିସିଟିଭି ବ୍ୟବସ୍ଥା କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି । ଏଥିସହ ମଣ୍ଡି ନୋଡାଲ ଅଧିକାରୀ ଓ ସୁପରଭାଇଜର ଅଧିକାରୀ ନିୟୋଜିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ କୁହାଯାଇଛି । ସେହିଭଳି ମଣ୍ଡି ମନିଟରିଂ ସିଷ୍ଟମ୍ ଆପ୍ ବ୍ୟବହାର କରି ସଂପୃକ୍ତ ତଥ୍ୟ ଉପଲବ୍ଧ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ବାହାର ରାଜ୍ୟର ଧାନ ଯେଭଳି ରାଜ୍ୟ ମଧ୍ୟକୁ ନଆସେ ସୀମାନ୍ତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖାଯାଉଛି । ମଣ୍ଡିରୁ ମିଲକୁ ନେଇ ଯାଉଥିବା ଗାଡ଼ି ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିବାର ବ୍ୟବସ୍ଥା କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଓ ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୩୮,୭୦୦ କୋଟି...

ସରକାର ଓ ନିବେଶକଙ୍କ ମଧ୍ୟରେ ହେବ । ଏଥିରେ ଜିନ୍ଦଲ ପଲି ଫାର୍ମ, ଏବିଆଇ ସ୍ନୋ ୱାଟ୍, ମାରୁତି ପ୍ରମୁଖ ରହିଛନ୍ତି । ଆଲୋଚନା ସମୟରେ ପ୍ରାୟ ୧୯ ହଜାର ୫୦୦ କୋଟି ଟଙ୍କାର ନିବେଶ ଆସିବ ବୋଲି ସୂଚନା ମିଳିଛି । ଯାହା ୭ ହଜାର ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ନିବେଶକୁ ସୁଦୃଢ଼ କରିବା ପାଇଁ ୧୯ ହଜାର ୨୦୦ କୋଟିର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଶିଳ୍ପର ଦିଗ ଏବେ ନିବେଶକଙ୍କ ମଧ୍ୟରେ ବିଶ୍ୱାସ ପ୍ରକଟ କରିଛି । ଆମର ଫୋକସ ହେଉଛି ଦୀର୍ଘମିଆଦି ଭାଗିଦାରୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ନବସୃଜନକୁ ଗୁରୁତ୍ୱ ଦେଇ ସମନ୍ୱିତ ବିକାଶ କରିବା । ଏହି ରୋଡ୍‌ସୋରେ ବିଭିନ୍ନ ଶିଳ୍ପ ଆଶାୟୀମାନଙ୍କୁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ଦିଆଯାଉଛି । ଓଡ଼ିଶା ନିବେଶ ମିଟ୍ ଆସନ୍ତାକାଲି ହାଇଦ୍ରାବଦରେ ହେବ । ଏଥିପାଇଁ ଏକ ମେଗା ରୋଡ୍ ଶୋ କରାଯିବ ।

## ତାପମାତ୍ରା...

ନବରଙ୍ଗପୁରରେ ୯.୮ ଡିଗ୍ରୀ, ସୁନ୍ଦରଗଡରେ ୧୦ ଡିଗ୍ରୀ, ଭବାନୀପାଟଣାରେ ୧୦.୨ ଡିଗ୍ରୀ, ରାୟଗଡାରେ ୧୦.୪ ଡିଗ୍ରୀ ଓ ଅନୁଗୁଳରେ ୧୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିଭଳି ଭୁବନେଶ୍ୱରରେ ତାପମାତ୍ରା ୧୩.୯ ଡିଗ୍ରୀ ଥିବା ବେଳେ କଟକଟରେ ୧୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତାକାଲି (ଶୁକ୍ରବାର) ରାଜ୍ୟରେ କୁହୁଡି ଅନୁଭୂତ ହେବ । ସୁନ୍ଦରଗଡ, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ଝାରସୁଗୁଡା, କନ୍ଧମାଳ, କଳାହାଣ୍ଡି, ସୋନପୁର ଓ କୋରାପୁଟ ଜିଲ୍ଲାରେ ବହୁ ସ୍ଥାନରେ ସକାଳୁ ହାଲକା ଧରଣର ପଡିବାର ସମ୍ଭାବନା ଅଛି ।

## ବର୍ଦ୍ଧିତ...

ଅନୁରୋଧ କରି ଏକ ପତ୍ର ଲେଖିଥିଲେ । ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ମଧ୍ୟ ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ସେ ବର୍ଦ୍ଧିତ ଦରମା ଓ ଭତ୍ତାକୁ ଗ୍ରହଣ କରିବେ ନାହିଁ । ସମ୍ବିଧାନଙ୍କ ବିଧି ଅନୁଯାୟୀ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତି ଗୃହ ନିଏ । ସମ୍ବିଧାନିକ ଅଧିକାରକୁ ଅତି ସଞ୍ଜମତାର ଓ ସତର୍କତାର ସହ ପାଳନ କରାଯିବା ଉଚିତ୍ । ସରକାର ଏବେ ରାଜ୍ୟ ବିଧାନସଭା ସଦସ୍ୟ ଓ ବିଧାୟକମାନଙ୍କ ଦରମା ୩ ଗୁଣା ବୃଦ୍ଧି କରୁଛନ୍ତି । ଏହାକୁ ସେ ନାପସନ୍ଦ କରୁଛନ୍ତି । ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସରକାର ଜନଅସନ୍ତୋଷର ଶିକାର ହୋଇଥିବା ଆଲୋଚନା ହେଉଛି । ନିକଟରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ । ଦିଲ୍ଲୀରୁ ଫେରିବା ପରେ ଆଜି ଦଳୀୟ କାର୍ଯ୍ୟାଳୟରେ ବିଧାୟକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏଭଳି ନିଷ୍ପତ୍ତି ନିଆଯିବା ପଛରେ କେନ୍ଦ୍ରୀୟ ନେତୃତ୍ୱଙ୍କର ତାଗିଦ୍ ଥାଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି ।

## ଅସୁସ୍ଥ...

ଉପରକୁ କ୍ଷତଚିହ୍ନ ହୋଇ ରକ୍ତସ୍ରାବ ହେଉଥିବାରୁ ସେ ଗତ କେଇଦିନ ହେବ ଛୋଟେଇ ଛୋଟେଇ ଚାଲୁଥିବା ବନ କର୍ମଚାରୀମାନେ ଜାଣିଥିଲେ ।

ଏହା ଜାଣିବା ପରେ ହାତୀ ଚିକିତ୍ସା ପାଇଁ ବନ କର୍ମଚାରୀଙ୍କ ମଧ୍ୟରେ ବୈଠକ ହୋଇ ନିଷ୍ପତ୍ତି କରାଯାଇଥିଲା, ଗୁରୁବାର ଟ୍ରାଙ୍କୁଲାଇଜ୍ କରିବା ପାଇଁ । ସେଥିନିମନ୍ତେ ଗୁରୁବାର ସକାଳ ୯ଟାରୁ ଡ୍ରୋନ୍ ସାହାଯ୍ୟରେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଚିହ୍ନଟ ହେବା ପରେ ଟ୍ରାଙ୍କୁଲାଇଜ୍ ପାଇଁ ଚେଷ୍ଟା କରାଯାଉଥିବା ବେଳେ ଅଘଟଣ ଘଟିଲା । ହାତୀ ଘୋଡାଇବା ସମୟରେ ଦୌଡିବା ବେଳେ ତଳେ ପଡିଯାଇ ଆହତ ହୋଇଥିବା ଫରେଷ୍ଟରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଛି । ଅନ୍ୟ ପକ୍ଷରେ ଭୟଭୀତ ବନ କର୍ମଚାରୀ ଅଧିକ ଫୋର୍ସ ମଗାଇଛନ୍ତି ହାତୀକୁ ଟ୍ରାଙ୍କୁଲାଇଜ୍ କରି ନିୟନ୍ତ୍ରଣକୁ ନେବା ପାଇଁ । ହାତୀ ଗୋଡରେ ହୋଇଥିବା ଖଣ୍ଡିଆ ଗୁଳି, ତୀର ମାଡ ହୋଇଛି ନା ଅନ୍ୟ କିଛି କାରଣରୁ ଖଣ୍ଡିଆ ହୋଇ ରକ୍ତସ୍ରାବ ହୋଇଛି ଚିକିତ୍ସା ଆରମ୍ଭ ହେଲେ ସ୍ପଷ୍ଟ ହେବ ବୋଲି ଜଣେ ବନ କର୍ମଚାରୀ କହିଛନ୍ତି ।

## ଧାନକିଣା...

କାର୍ଯ୍ୟାଳୟ, ବ୍ୟାଙ୍କ, କୋର୍ଟ କଚେରୀ ଆଦି ବନ୍ଦ କରିବାକୁ କୁହାଯାଇଛି। ତେବେ ଯାନବାହାନ ଚଳାଚଳ ଓ ଜରୁରୀ କାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଛି। ଏହି ବନ୍ଦ ପାଳନରେ ବିଜେଡି , ୪ଟି କେନ୍ଦ୍ରୀୟ ଟ୍ରେଡ୍ୟୁନିୟନ ଓ ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପୂର୍ଣ୍ଣମାତ୍ରାରେ ସମର୍ଥନ କରିବାକୁ ନିଷ୍ପତି ନେଇଛନ୍ତି। ଏଥିରେ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ , ଚାଷୀ ନେତା ଅଶୋକ ପ୍ରଧାନ, ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, କାଶୀ ବିଶ୍ୱନାଥ, ବିଭୁତି ପଣ୍ଡା ଦିଲ୍ଲୀପ ମହାପାତ୍ର, ବିପିନ ଭୋଇ, ଅଶ୍ୱିନୀ ହୋତା, ସୁଶାନ୍ତ ପଣ୍ଡା ଓ ଭୈରବ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


CAD-2746

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୨୩ **ବିଜ୍ଞାପନ** ତା : ୦୮.୧୨.୨୫

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ ଏମ୍.ଆଇ.ଜି.-୧-୧୩୧, (MIG-I-131), କୁ (୧) ସନ୍ଧ୍ୟା ଘୋଷ, ସ୍ୱା- ସ୍ୱର୍ଗତ ଅରବିନ୍ଦ ଘୋଷ (୨) ଶ୍ରୀ ଅମଲ ଘୋଷ, ପି- ସ୍ୱର୍ଗତ ଅରବିନ୍ଦ ଘୋଷ, ଏମ୍.ଆଇ.ଜି-୧-୧୩୧, ପୋ-ରାଉରକେଲା-୧୫, ଥା-ଛେଣ୍ଡ, ଜି-ସୁନ୍ଦରଗଡ଼କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅରୁଣ କୁମାର ଦାସ, ପି-ଶ୍ରୀ ମହେଶ୍ୱର ଦାସ, କ୍ୱାର୍ଟର ନଂ-ବି/୭୨, ସେକ୍ଟର-୧, ଥା-ସେକ୍ଟର-୩, ରାଉରକେଲା, ଜି-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/1004/2526


# ସିରିଜ ଦୁର୍ଘଟଣା: ୧୮ ଆହତ , ୪ ଗୁରୁତର

ଆନନ୍ଦପୁର,(ସବ୍ୟ): ସିରିଜ ଦୁର୍ଘଟଣାରେ ୧୮ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ହୋଇଛନ୍ତି । ପ୍ରଥମେ ଏକ ଟ୍ରଲର ଗୋଟିଏ ଯାତ୍ରୀବାହୀ ବସକୁ ଧକ୍କା ଦେବାରୁଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି । ସୂଚନା ଅନୁଯାଇ ୨୦ ନଂ ଜାତୀୟ ରଜପଥ କୋଳମାଟି ଛକ ନିକଟରେରାସ୍ତା ପାଶ୍ୱର୍ରେ ଛିଡା ହୋଇଥିବା ବସ ପଛରେ ଏକ ଟ୍ରଲର ଧକ୍କା ଦେବାରୁ ୨୦ ରୁ ଉର୍ଧ ବସ ଯାତ୍ରୀ ଆହତ ହୋଇଛନ୍ତି ।ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଓ ଅଗ୍ନିଶ୍ରମ ବିଭାଗ ଗାଡି ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଛି । ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ଇଞ୍ଚରା ଗ୍ରାମବାସୀ ଏକ ବସ ଯୋଗେ ତାରିଣୀ ଦର୍ଶନ ନିମନ୍ତେ ଘଟଗାଁ ମତାରିଣୀ ପୀଠକୁ ଆସିଥିଲେ । ଦର୍ଶନ ସାରି ଫେରିବା ବାଟରେ କୋଳିମାଟି ଛକ ଠାରେ ବିଶ୍ରାମ ନେବା ବେଳେ ପଛପଟୁ ଏକ ଟ୍ରଲର ପ୍ରଥମେ ଏକ କାରକୁ ଧକ୍କା ଦେଇ ପୁନର୍ବାର ଏହି ବସକୁ ଦେଇଥିଲା । ଫଳରେ ଘଟଣା ସ୍ଥଳରେ ୨୦ରୁ ଉର୍ଦ୍ଧ ତୀର୍ଥ ଯାତ୍ରୀ ଆହତ ହୋଇଥିବା ଜଣା ପଡିଛି ।ଆହତ ମାନଙ୍କ ମଧ୍ୟରୁ ତିନି ଶିଶୁ ଗୁରୁତ୍ୱର ଥିବାରୁ ସେମାନଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଉତ୍ୟକ୍ତ ଜନତା କୋଳିମାଟି ଛକ ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଘସିପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ଓ ରାସ୍ତା ଅବରୋଦାକାରୀଙ୍କୁ ବୁଝା ସୁଝା କରୁଛି । ଆହତ ମାନଙ୍କ ସ୍ଥିତ ପରଖିବାକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆନନ୍ଦପୁର ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ସମେତ ବିଭିନ୍ନ ପଦାଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ ଚଳାଇଛି ।

# ନୂଆବର୍ଷରେ ଆସିବ ନିସାନର ୭-ସିଟର ବି-ଏମ୍‌ପିଭି ଗ୍ରାଭିଟେ

ଭୁବନେଶ୍ୱର : ୨୦୨୬ ଆରମ୍ଭରେ ବଜାରରେ ଉପଲବ୍ଧ ହେବାକୁ ଯାଉଛି ନିସାନର ନୂଆ ଗେମ୍-ଚେଞ୍ଜିଙ୍ଗ ୭-ସିଟର ବି-ଏମ୍ପିଭି ଗ୍ରାଭିଟେ । ଏହା ହେଉଛି ଭାରତ ପାଇଁ ଉକ୍ତ ବ୍ରାଣ୍ଡର ନୂତନ ଓ ରଣନୈତିକ ଭାବେ ନିର୍ମିତ ଶୃଙ୍ଖଳା ଅଧିନରେ ଲଂଚ କରାଯିବାକୁ ଥିବା ପ୍ରଥମ ଉତ୍ପାଦ ।ଆଧୁନିକ ଭାରତୀୟ ପରିବାରଗୁଡିକ ପାଇଁ ନିର୍ମିତ ନିସାନ ଗ୍ରାଭିଟେ ଚମତ୍କାର ବିବିଧତା ଓ ମଡ୍ୟୁଲାରିଟି ପ୍ରଦାନ କରୁଛି । ଜୁଲାଇ ୨୦୨୪ରେ ନିସାନ ମୋଟର ଇଣ୍ଡିଆର ମହତ୍ୱାକାଂକ୍ଷୀ ଉତ୍ପାଦ ରଣନୀତିରେ ୨ୟ ମଡେଲ ଭାବେ ଘୋଷଣା କରାଯାଇଥିବା ଗ୍ରାଭିଟେ କମ୍ପାନୀର ଅଭିବୃଦ୍ଧି ବେଗକୁ ସୂଚିତ କରୁଛି । ଏହି ଉତ୍ପାଦର ରୋଡମ୍ୟାପରେ ୨୦୨୬ ଆରମ୍ଭରେ ଗ୍ରାଭିଟିର ଲଂଚ, ଏହାପରେ ୨୦୨୬ ମଧ୍ୟଭାଗରେ ଟେକଫନ ଏବଂ ୨୦୨୭ ଆରମ୍ଭରେ ଏକ ୭-ସିଟର ସି-ଏସୟୁଭିର ଲଂଚ ସାମିଲ ରହିଛି, ଯାହା ଭାରତୀୟ ଗ୍ରାହକଙ୍କ ପାଇଁ ଏହାର ଉତ୍ପାଦଗୁଡିକୁ ବହୁମୁଖୀ, ସୁଦୃଢ ଓ ପୁନରୁଦ୍ଧାର କରିବା ପ୍ରତି ନିସାନର ଗଭୀର ପ୍ରତିବଦ୍ଧତାକୁ ଦୋହରାଉଛି । ଏହି ନୂତନ ଉତ୍ପାଦ ସମ୍ପର୍କରେ ନିସାନ ଏଏମଆଇଇଓ(ଆଫ୍ରିକା, ମିଡିଲ ଇଷ୍ଟ, ଇଣ୍ଡିଆ,ୟୁରୋପ ଓ ଓସେନିଆ)ର ଅଧକ୍ଷ ମାସିମିଲିଆନୋ ମେସିନା କହିଛନ୍ତିଯେ, ଭାରତ ଏଏମଆଇଇଓର ପ୍ରଦର୍ଶନ ପାଇଁ ଏକ ମଜବୁତ ଅବଦାନକାରୀ ରହିଆସିଛି ଏବଂ ନିସାନ ମୋଟର ଇଣ୍ଡିଆ ଆମର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଆମେ ଆମର ବ୍ୟବସାୟିକ ପରିଚାଳନାକୁ ସୁଦୃଢ କରିଛୁ, ଆମର ପୋର୍ଟଫୋଲିଓକୁ ବିସ୍ତାର କରିଛୁ ଏବଂ ୨୦୨୪ ପ୍ରଡକଫ ଅଫେନ୍ସିଭରେ କରିଥିବା ପ୍ରତ୍ୟେକ ପ୍ରତିଶ୍ରୁତିକୁ ପୂରଣ କରିଛୁ । ଭାରତ ପାଇଁ ନୂଆ ମଡେଲଗୁଡିକ ବିକଶିତ ହେବା ଏବଂ ବିଭିନ୍ନ ଆନ୍ତର୍ଜାତୀୟ ବଜାରକୁ ରପ୍ତାନୀ ହେବା ସହିତ ଭାରତ ନିସାନ ଆଲିଆନ୍ସ ପାଇଁ ଏକ ଅଭିବୃଦ୍ଧି ଚାଳକ ଓ ଏକ ରଣନୈତିକ କେନ୍ଦ୍ର ଭାବେ ବଜାୟ ରହିଛି । ସେହିପରି ନିସାନ ମୋଟର ଇଣ୍ଡିଆର ଏମ୍‌ଡି ସୌରଭ ବସ୍ତ କହିଛନ୍ତି, ନୂଆ ଗ୍ରାଭିଟେ ବିକଶିତ ଭାରତୀୟ ବଜାର ଉପରେ ନିସାନ ମୋଟର ଇଣ୍ଡିଆର ନୂତନ ମହତ୍ୱର ଏକ ପ୍ରମାଣ ଅଟେ ।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Khordha, Odisha, on dated **18th Day of December, 2025 year, I, Ani Nayak,** aged about 31 years, W/o- Bhagyadhar Nayak, resident of At: Jariput Jamusahi, PS: Begunia, Dist.: Khorda, Odisha, PIN-752056, declare that I have changed my daughter's name from SHRABANI NAYAK to **SAGARIKA NAYAK.** Henceforth, she shall be known as **SAGARIKA NAYAK** for all purposes.

Sd/- ANI NAYAK
(Mother)

**AFFIDAVIT**

By virtue of an affidavit sworn before The Notary Public PIPILI, Dated. 16.12.25. I Bahuda Mohanty, S/o- Ram Chandra Mohanty, Vill- Paikasahi, P.O.- Hakapada, P.S- Delanga, Dist-Puri, Pin-752016, Odisha declare that I have changed my daughter's name from SONALISHA BAHUDA MOHANTY to SONALISHA MOHANTY. Henceforth she shall be known as SONALISHA MOHANTY for all purpose.

BAHUDA MOHANTY

**AFFIDAVIT**

By virtue of an affidavit before The Executive Magistrate, Tangi, Khordha, on dated 17.12.2025 I SAURI BISWAL (54), S/o Ram Biswal, Village Raula Sahi, Po- Mangalajodi, PS- Tangi, Dist : Khorda, Odisha declare that my Correct name is SAURI BISWAL. But in Adhar Card and Ration Card worngly mentioned GAURI BISWAL. SAURI and GAURI is one and same person. Henceforth I will known as SAURI BISWAL for all purposes.

**AFFIDAVIT**

By virtue of an affidavit sworn before The Executive Magistrate BALASORE, dated. 19.02.25. I UTTAM KUMAR JENA, S/o- Karunakar Jena, At-Thalakudi (Uppersahi), Po/PS : Mangalpur, Dist-Jajpur, Pin-755011, Odisha declare that I have changed my son's name from AYUSH JENA to UDBHAV JENA. Henceforth he shall be known as UDBHAV JENA for all purpose.

UTTAM KUMAR JENA



CAD-2747

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୨୫ **ବିଜ୍ଞାପନ** ତା : ୦୯.୧୨.୨୫

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଧନୁର୍ଜୟପୁର, କେନ୍ଦୁଝର ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଏଲ.ଆଇ.ଜି.-୨-୬୭ (LIG-II-67), କୁ ଶ୍ରୀ ଭିକାରୀ ଚରଣ ଶତପଥୀ, ପି-ବିଶ୍ୱନାଥ ଶତପଥି, ହାଇସ୍କୁଲ କଲୋନୀ, ପୋ-କେନ୍ଦୁଝର ବଜାର, ଥା-ଟାଉନ, ଜି-କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଭିକାରୀ ଚରଣ ଶତପଥୀ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମନୋରମା ଶର୍ମା, ସ୍ୱା-ବେଣୁଧର ନାଥ, ଗ୍ରାମ/ପୋ-ଶାଳବଣି, ଥା-ଆନନ୍ଦପୁର, ଜି-କେନ୍ଦୁଝରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/1005/2526



CAD-2744

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୨୪ **ବିଜ୍ଞାପନ** ତା : ୦୮.୧୧.୨୫

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ବର୍ଣ୍ଣାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ନିମାଇଁ ଚରଣ ଧଳୁଆ ପି-ବାଞ୍ଛାନିଧି ଧଳୁଆ ଗ୍ରା- ଢାଉବାଲି ପୋ- ରାମପୁର ଥା-ଲୋଇସିଂହା ଜି-ବଲାଙ୍ଗିର | ଏମ୍.ଆଇ.ଜି.୧-୩୬ (MIG-I-36) ଏସ୍.ଏଚ୍.ଏସ୍, ଭାଇଟିକିରା ବଲାଙ୍ଗିର | ୧. ସାବିତ୍ରୀ ଧଳୁଆ (ସ୍ତ୍ରୀ) ୨. ଦିବ୍ୟ କୁମାର ଧଳୁଆ (ଅ.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/1002/2526



M-49

**ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା କଟକ**

**DIRECTORATE OF FISHERIES, ODISHA, CUTTACK**

Ph: 0671-241061, Fax: 0671-2410521, Email : director,odifish@gmail.com

**CORRIGENDUM**

**No. 17318 / Date. 18.12.2025**

The EOI floated vide this office reference no.16470/dt.04.12.2025 for empanelment of boat builder/manufacturers for supply of different categories of Deep-Sea fishing vessels & Trawlers in Odisha under MKUY, the last date & time of submission of EOI & opening of EOI has been rescheduled as follows:

1. Publish of Proceeding of EOI may be read as Publish of Pre-bid clarification and date revised as: 19.12.2025
2. Last date & time of submission of EOI: 31.12.2025 before 5.00 PM
3. Opening of EOI: 02.01.2026 at 11.00 AM
4. Website: www.odishafisheries.nic.in may be read as: https://fisheries.odisha.gov.in

Details corrigendum and its pre-bid clarification have been webhosted and noticed in the Department website and notice for wide circulation. The bidder may visit the website https://fisheries.odisha.gov.in and download the document for reference

OIPR : 06030/11/0053/2526 Sd/- Addl. Director (Tech.)



Phone-0680-2404096
E-Mail: eerwgmt@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
**Government of Odisha e-Procurement Notice**

O-1765

**Bid Identification No. Online Tender/22/SERWD-II/2025-26**

**Memo No.10526/RWD-IIGB, Date: 10.12.25**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.63.42 to 83.43 lakhs |
| 3 | Period of Completion | : | 6 (Six) Months as per Annexure |
| 4 | Date & Time of availability of Bid documents in the Portal | : | 22.12.2025 at 10.00 AM to 02.01.2026 up to 5.00 P.M |
| 5 | Last Date/ Time for receipt of Bids in the Portal | : | 02.01.2026 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd/- Executive Engineer
R.W. Division-II, Ganjam
Berhampur

OIPR : 25073/11/0046/2526


# ଭୁଲ ସ୍ୱୀକାର କରି ଘରକୁ ନେଲେ ଭାଇ ଭାଉଜ

ନୀଳଗିର,(ସବ୍ୟ): ନୀଳଗିରି ଥାନା ଅନ୍ତର୍ଗତ କଣ୍ଟିଆଟିକର ଗ୍ରାମର ସ୍ୱର୍ଗତ ଗଜେନ୍ଦ୍ର ବେହେରାଙ୍କ ସାନପୁଅ ସନ୍ତୋଷ ବେହେରା ଜନ୍ମରୁ ମୁକ ଓ ବଧିର ହୋଇଥିବା ବେଳେ ଶ୍ରୀଜଙ୍ଗ ଗ୍ରାମର ଭିନ୍ନକ୍ଷମ ଯୁବତୀ ରୀତାରାଣୀକୁ ଗତ ୨୦/୪/୨୫ ରିଖରେ ବିବାହ କରିଥିଲେ । କିଛିମାସ ଦେଢଶୁର, ବଡ଼ଭାଉଜଙ୍କ ସହିତ ଭଲରେ ରହିବା ପରେ ଭାଉଜ ନିର୍ଯ୍ୟାତନା ଆରମ୍ଭ କରିଥିଲେ ବୋଲି ରୀତାରାଣୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଉଭୟ ଭିନ୍ନକ୍ଷମ ସ୍ୱାମୀସ୍ତ୍ରୀ ଭତ୍ତା ପାଉଥିବା ବେଳେ ଭିନ୍ନକ୍ଷମ ସ୍ୱାମୀ ସନ୍ତୋଷ ହଳଦିପଦାରେ ଏକ ହୋଟେଲରେ କାମ କରି ମାସକୁ ୧୦ହଜାର ଟଙ୍କା ପାଉଥିଲେ ବଡ଼ଭାଇ ବୃନ୍ଦାବନ ବେହେରା, ସାନଭାଇପାଉଥିବା



ଭତ୍ତାଟଙ୍କା ଓ ହୋଟେଲରୁ ପାଉଥିବା ୧୦ହଜାର ଟଙ୍କା ସବୁକୁ ନେଇଯାଉଥିଲା । ମାତ୍ର ସନ୍ତୋଷର ସ୍ତ୍ରୀ ପାଉଥିବା ଭତ୍ତା ଟଙ୍କା ନିଜ ଆକାଉଣ୍ଟରେ ରଖିଥିବା ଜଣାଯାଏ । ବଡ଼ଭାଇ ଓ ଭାଉଜ ସେମାନଙ୍କର କୌଣସି କଥା ବୁଝିବାତ ଦୂରର କଥା ପାଲଟା ଭିନ୍ନକ୍ଷମ ସାନବୋହୂକୁ ଉଭୟ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବାର ଥାନାରେ ଅଭିଯୋଗ କରିଛନ୍ତି । ଗୁରୁବାର ଦିନ ନୀଳଗିରି ପୁଲିସ ବଡ଼ଭାଇ ଓ ବଡ଼ଭାଉଜକୁ ଥାନାକୁ ଡ଼କାଇଥିଲେ । ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ବଡ଼ଭାଇ ଓ ବଡ଼ଭାଉଜ ନିଜର ଭୁଲ ସ୍ୱୀକାର କରିବା ସହ ସାନଭାଇର ଭତ୍ତା ଟଙ୍କାକୁ ତାଙ୍କ ନାମରେ ଥିବା ଏକାଉଣ୍ଟରେ ରଖିବେ ଏବଂ କୌଣସି ନିର୍ଯ୍ୟାତନା ଦେବେ ନାହିଁ ବୋଲି କହିଥିଲେ । ସାନଭାଇ ଓ ତା ସ୍ତ୍ରୀକୁ ଦେଢଶୁର ଜା କୁ ସମ୍ମାନ ଜଣାଇ ଦେଇଥିବା ଅଭିଯୋଗକୁ ରଫାନାମା କରି ଭଲରେ ସମସ୍ତେ ଘରକୁ ଯାଇଥିଲେ ।


E-Mail I.D. - eepwdcuttack@gmail.com
Tel./Fax No. (0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I : CUTTACK**

B-863

**Cancellation Notice**

Tender for 02 (Two) Nos of E.I works as invited vide this office Bid Identification No. S.E.CTC (R&B)-54/2025-26 are hereby cancelled due to unavoidable circumstances.

Sd/- Superintending Engineer,
Cuttack (R&B) Division No.I,
Cuttack

OIPR : 34091/11/0117/2526



CAD-2750

idco ODISHA NEW OPPORTUNITIES

File no. HO/CIV/T&E/E-5335/01/2025/ 35363 Dt. 11.12.2025

**OFFICE OF THE CHIEF GENERAL MANAGER (CIVIL).**
**IDCO.IDCO TOWER, BHUBANESWAR.**

**Bid Identification No. Civil/EST/24/2025-26**

**REQUEST FOR PROPOSAL UNDER NATIONAL COMPETITIVE BIDING THROUGH e-Procurement**

1. Name of the Work: "Engagement of Programme Management Consultant (PgMC) for various projects of IDCO".
2. Availability of tender online for Bidding:

I. Start Date: 20.12.2025 at 05:30 PM.
II. End date: 15.01.2026 at 05.00 PM.
III. Opening date: 15.01.2026 at 05.30 PM

RFP details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/-
Chief General Manager(Civil)
IDCO, Bhubaneswar

OIPR : 14003/11/0270/2526



**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ**

**OFFICE OF THE NOTIFIED AREA COUNCIL,**
**REDHAKHOL, (ODISHA), DIST - SAMBALPUR**

C-1820

E-mail : eonacrdl@gmail.com

**'e' Procurement NOTICE.**

**No. 3051 /NAC Dt. 16.12.2025**

**Bid identification No. RDL NAC -4/2025-26**

**Tender ID- 2025_ORULB_123226**

The Municipal Executive Officer on behalf of NAC Redhakhol invites tenders in Single Cover System .Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | | |
|---|---|---|---|
| 1. | Number of Civil works/Others | : | (36) numbers |
| 2. | Estimated Costs | : | 0.64 lakh to 8.47 lakh |
| 3. | Period of completion | : | As per NIT |
| 4. | Date and time of availability of the bid documents in the portal | : | From 10.00 A.M. of 17.12.2025 to 04.00 PM of 29.12.2025 |
| 5. | Last Date/ Time for receipt of bids in the portal | : | 04.00 PM of 29.12.2025 |
| 6. | Bids will be opened on | : | 04.30 AM of Dt. 29.12.2025 |
| 7. | Name and address of the officer inviting bid | : | Executive Officer, NAC Redhakhol |

Sd/-Executive Officer
NAC Redhakhol

OIPR : 13175/11/0013/2526



ଓଡ଼ିଶା ସରକାର : ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି

A-1143

ପତ୍ର ସଂଖ୍ୟା, ୧୫୯୪ ତାରିଖ : ୧୬.୧୨.୨୦୨୫
ନିଲାମ ଡାକର ସଂଖ୍ୟା ଅନଲାଇନ-୦୫/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୫-୨୬
**Bid Identification No. SEMIDNGPUR-05/2025-26**
ଇ-ମେଲ : mingpur@yahoo.in, ଟେଲିଫୋନ ନମ୍ବର. ୦୬୮୫୮-୨୨୨୧୩୦

| | | | |
|---|---|---|---|
| ୧ | କାର୍ଯ୍ୟର ନାମ | : | ନୂତନ ଆଡିକଣ୍ଟ ଗୁଡିକର ନିର୍ମାଣ କାର୍ଯ୍ୟ ୨୦୨୫-୨୬ ବର୍ଷ ପାଇଁ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୬ (ଛଅ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୩୧.୩୮ ରୁ ୬୬.୭୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | "ଘ" ଏବଂ "ଙ" ଶ୍ରେଣୀ |
| ୫ | ଟେଣ୍ଡର କାଗଜ ମୂଲ୍ୟ (Online) | : | ଟଙ୍କା ୬,୦୦୦.୦୦ ରୁ ଟଙ୍କା ୧୦,୦୦୦.୦୦ |
| ୬ | ନିଲାମ ସୁରକ୍ଷା (Online) | : | ଡି.ବି.ସି.ଏଲ. ରେ ଉପଲବ୍ଧ |
| ୭ | କାର୍ଯ୍ୟ ସମାପ୍ତି ସମୟ | : | ୦୪ (ଚାରି) ମାସ ରୁ ୦୬ (ଛଅ) ମାସ |
| ୮ | ନିଲାମ ଉପଲବ୍ଧତା ତାରିଖ ଓ ସମୟ | : | ତା. ୨୨.୧୨.୨୦୨୫ ରିଖ ଦିବା ୧୦.୦୦ ଘଟିକା ଠାରୁ ତା. ୨୬.୧୨.୨୦୨୫ ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍ (www.tendersorissa.gov.in) ରେ ଉପଲବ୍ଧ । |
| ୯ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା. ୨୨.୧୨.୨୦୨୫ ରିଖ ଦିବା ୧୦.୦୦ ଘଟିକା ଠାରୁ ତା. ୨୬.୧୨.୨୦୨୫ ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ଅନଲାଇନ ୱେବସାଇଟ ମାଧ୍ୟମରେ |
| ୧୦ | ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ | : | ତା. ୨୬.୧୨.୨୦୨୫ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧ | ଆର୍ଥିକ ବିଡ୍ ଖୋଲିବାର ତାରିଖ / ସମୟ | : | ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୨ | ସ୍ପଷ୍ଟ ଇଟେରା ତାରିଖ (ଆବଶ୍ୟକ ସ୍ଥଳେ) | : | ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବସାଇଟ ମାଧ୍ୟମରେ ସୂଚିତ କରାଯିବ |
| ୧୩ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ-ନବରଙ୍ଗପୁର, ଜିଲ୍ଲା-ନବରଙ୍ଗପୁର, ପିନକୋଡ଼ : ୭୬୪୦୫୯ |
| ୧୪ | ଓଡ଼ିଶା ସରକାରଙ୍କ ୱେବସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ । | : | www.tendersorissa.gov.in |

ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

OIPR : 32294/11/0020/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୭୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୨, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇଂ. ଅକ୍ଷୟ କୁମାର ସାମଲଙ୍କୁ ଆଇରନ୍ ମ୍ୟାନ ଆୱାର୍ଡ



ଭୁବନେଶ୍ୱର,(ସବ୍ୟୁ) : ବିଶିଷ୍ଟ ସମାଜସେବୀ ଓ ଦିଲ୍ଲୀରେ ପ୍ରବାସୀ ଓଡ଼ିଆଙ୍କ ପାଇଁ କାର୍ଯ୍ୟରତ ଇଂ. ଅକ୍ଷୟ କୁମାର ସାମଲଙ୍କୁ ଆଇରନ୍ ମ୍ୟାନ ଆୱାର୍ଡ ପ୍ରଦାନ କରାଯାଇଛି । ଲୌହମାନବ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁଜରାଟର ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସହକାର ଭବନରେ ଆୟୋଜିତ ସମାରୋହରେ ଇଂ. ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ନୀତିନଭାଇ ପଟେଲ, ମନ୍ତ୍ରୀ କୁମାରଜୀ ଭାଇ ବାଉରିଆ, ପୂର୍ବତନ ବିଧାୟିକା ଗୀତ ବେହେନ ପଟେଲ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ପୁରସ୍କାର ପାଇଁ ଇଂ. ସାମଲ ଗୁଜରାଟର ପଟିଦାର ସମାଜ ଓ କଳା ସଙ୍ଗମକୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କ ରହିଛି, ବିକଶିତ ଗୁଜରାଟ ଗଠନରେ ଓଡ଼ିଆ ଲୋକଙ୍କ ମୂଲ୍ୟବାନ ଅବଦାନ ରହିଛି ବୋଲି ଇଂ. ସାମଲ ନିଜ ଭାଷଣରେ କହିଥିଲେ । ଏହି ପୁରସ୍କାର ମତେ ଆହୁରି ସମାଜସେବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ କଟକ ଜିଲ୍ଲା ମାହାଙ୍ଗାର ମୂଳବାସିନ୍ଦା ଇଂ. ସାମଲ ଏହା ପୂର୍ବରୁ ଏପିଜେ ଅବଦୁଲ କାଲାମ ଆଇକନ ଆୱାର୍ଡ, ଓଡ଼ିଶା ଅଟଳ ଆଇକନ ଆୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ କୋଭିଡ ଯୋଦ୍ଧା ସମ୍ମାନ ଲାଭ କରିଛନ୍ତି । ସମ୍ପ୍ରତି ସେ ଦିଲ୍ଲୀ-ଏନସିଆର୍ ରେ ବାସ କରୁଛନ୍ତି ।

# ଡିଏଭି ଚନ୍ଦ୍ରଶେଖରପୁରରେ ବାର୍ଷିକ କ୍ରୀଡୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, (ସବ୍ୟୁ): ବିବିଧତା ମଧ୍ୟରେ ଏକତା ରକ୍ଷାକରିବା ସହ ଉଭୟ ଜାତୀୟ ସଂହତି ସ୍ଥାପନ ଓ ବିଶ୍ୱଶାନ୍ତିର ପ୍ରସାର କ୍ଷେତ୍ରରେ କ୍ରୀଡା ପରିପାଳକର ଭୂମିକା ନିର୍ବାହ କରିଥାଏ। କ୍ରୀଡାର ପ୍ରୋତ୍ସାହନ ଜରିଆରେ ଯୁବଶକ୍ତିକୁ ସଂଗଠିତ କରି ଦେଶଗଠନରେ ବିନିଯୋଗ କରିବା ସହଜସାଧ୍ୟ ହୋଇଥାଏ ବୋଲି ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ୨୨ତମ ବାର୍ଷିକ କ୍ରୀଡୋତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। 'ଜୋସ୍ କା ଜଶ୍ନ' ନାମରେ ନାମିତ ଏହି ୩ଦିନିଆ କ୍ରୀଡା କାର୍ଯ୍ୟକ୍ରମରେ 'ରୋଲି'କୁ ମାସ୍କଟ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡା ମନୋବିଜ୍ଞାନୀ ଡ.ଯୋଗମାୟା ପଣ୍ଡା ମୁଖ୍ୟ ଅତିଥି ଓ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ.କେଶବ ଚନ୍ଦ୍ର ଶତପଥୀ ସମ୍ମାନନୀୟ ଅତିଥିରୂପେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପ୍ରଦର୍ଶନକୁ ଉତ୍ସାହିତ କରିଥିଲେ। କ୍ରୀଡାକୁ ଛାତ୍ରଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସିବିଏସ୍‌ଇ, ଭୁବନେଶ୍ୱର କ୍ଷେତ୍ରର ଆଞ୍ଚଳିକ ଅଧିକାରୀ ଲଳିତ କୁମାର କପିଳ ମୁଖ୍ୟଅତିଥି ରୂପେ ଯୋଗଦେଇ ମାର୍ଚ୍ଚପାଷ୍ଟ, ପରେଡ୍ ଓ ହାଉସ୍‌ଡ୍ରିଲ୍ ଆଦିର ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ କୁମାର ଶତପଥୀ ଉଭୟ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଧ୍ୟକ୍ଷା ଡ.ସୁଜାତା ସାହୁ ବିଦ୍ୟାଳୟର କୃତିତ୍ୱପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବା ସହ ଉଦୀୟମାନ କ୍ରୀଡାବିତ୍‌ଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରଦତ୍ତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗନଗର ଚେୟାରମ୍ୟାନ୍ ମଦନମୋହନ ପଣ୍ଡା, ଡିଏଭି ପୋଖରିପୁଟ ଚେୟାରମ୍ୟାନ ଡ.ଅରୁଣ କୁମାର ରଥ, ଡିଏଭି ୟୁନିଟ୍-୮ ଚେୟାରମ୍ୟାନ ସନ୍ତୋଷ କୁମାର ଉପାଧ୍ୟାୟ, ଶ୍ରୀମତୀ ଉପାଧ୍ୟାୟ, ବିଦ୍ୟାଳୟ ମ୍ୟାନେଜର ତଥା ଡିଏସ୍‌ବିମ୍ ଅଧ୍ୟକ୍ଷ ଡ.ଡି.ଏନ୍. ମିଶ୍ର, ଡିଏଭି ଅନୁଷ୍ଠାନ ସମୂହର ଅଧ୍ୟକ୍ଷଅଧ୍ୟକ୍ଷାଗଣ ଅତିଥିରୂପେ ମଞ୍ଚାସୀନ ଥିଲେ। ସବ୍‌ଜୁନିୟର ସ୍ତରରେ ପ୍ରଜ୍ଞାଜ୍ୟୋତି ମହାକୁଡ ଓ ପ୍ରୟାଗ ମିଶ୍ର, ଜୁନିୟର ସ୍ତରରେ ଦୀପିକା ନାଏକ ଓ ରାଜବୀର ନାୟକ, ସିନିଅରସ୍ତ ରରେ ଆୟୁଷି ଧାରୁଆ ଓ ଅନିମେଶ ନାୟକ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ଶ୍ରେଷ୍ଠ ଡ୍ରିଲ୍ ଓ ମାର୍ଚ୍ଚପାଷ୍ଟ ପ୍ରଦର୍ଶନକାରୀ ହାଉସ୍‌ଭାବରେ ମୈତ୍ରେୟୀ ଓ ଗାର୍ଗୀକୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ କ୍ରୀଡାବିଭାଗ ତରଫରୁ ସମସ୍ତ ଖେଳକୁଦ ସୁଚାରୁରୂପେ ସଂପାଦିତ ହୋଇଥିଲା।

# ଇତିହାସ ବିଭାଗ ବାର୍ଷିକ ଆଲୋଚନାଚକ୍ର

ନିମାପଡ଼ା,(ସବ୍ୟୁ):ନିମାପଡ଼ା କଲେଜର ଇତିହାସ ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଆଲୋଚନାଚକ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡଃ ସନ୍ତୋଷ କୁମାର ସେଠୀ ଯୋଗଦେଇ ରାଜା ରାମମୋହନ ରାୟ ଏବଂ ଭାରତରେ ନବଜାଗରଣ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରି ରାଜା ରାମମୋହନ ରାୟଙ୍କର ଭାରତୀୟ ସମାଜ ପ୍ରତି ଥିବା ଅବଦାନକୁ ଉନ୍ନତ ଭାବରେ ବର୍ଣ୍ଣନା କରିଥିଲେ । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଆବାହକ ଭାବରେ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ଆଲୋଚନା-ଚକ୍ରର ସନ୍ଦର୍ଭ ପାଠ କରିଥିଲେ । ବିଭାଗର ଛାତ୍ରୀ ଅଞ୍ଜଳିପ୍ରିୟା ପ୍ରଧାନ, ରଚିତା ମହାପାତ୍ର ଓ ଛାତ୍ର ଗୌତମ ମହାରୀ ଏହି ଆଲୋଚନା ଚକ୍ରରେ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଏହି ଅବସରରେ ବିଭାଗର ବହୁସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ଆରମ୍ଭ

ଫୁଲନଖରା, (ସବ୍ୟୁ): ବାରଙ୍ଗ ବ୍ଲକ ଅନ୍ତର୍ଗତ କୋରକରା ପଂଚାୟତ ସ୍ଥିତ ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠ ବିଶିପଦା ଠାରେ ବାର୍ଷିକକ୍ରୀଡା ଉତ୍ସବ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । କ ବିଦ୍ୟାଳୟରପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମୋ ସ୍କୁଲ ଆଲୁମିନ ସଭାପତି ନରୋତ୍ତମଃପାତ୍ର,ସମ୍ମାନିତ୍ୱ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଭୋଇ,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୋରକରା ଡାକ୍ତର ସଞ୍ଜୟ ମଲ୍ଲିକ ଏବଂ ବିଶିପଦା ସାଧନ କେନ୍ଦ୍ର ସଯୋଜକ ପ୍ରଦୀପ କୁମାର ରାୟ ପ୍ରମୁଖ ଅତିଥି ମାନେ ଯୋଗଦେଇଥିଲେ । ବରିଷ୍ଠଶିକ୍ଷକ ଜୟଶଙ୍କର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବରାଳବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ ।ପରେ ଅତିଥି ମାନଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇ କ୍ରୀଡା ଶପଥଗ୍ରହଣ କରାଯାଇଥିଲା ।

# ଅର୍ଥ ବିଶେଷଜ୍ଞ, ବୁଦ୍ଧିଜୀବୀଙ୍କ ଦ୍ୱାରା ଆୟୋଜିତ ହେଉଛି କ୍ରିକେଟ୍ ଲିଗ୍



ଭୁବନେଶ୍ୱର (ସବ୍ୟୁ): ରାଜ୍ୟର ଆଗ ଧାଡ଼ିର ଅର୍ଥ ବିଶେଷଜ୍ଞ ଏବଂ ବଡ଼ ବଡ଼ କମ୍ପାନୀ କାର୍ଯ୍ୟରତ ଅର୍ଥବିତ୍ ବୁଦ୍ଧିଜୀବୀମାନେ ମିଳିତ ଭାବେ ଏକ ବିଶିଷ୍ଟ ଧରଣର କ୍ରିକେଟ ଲିଗ୍ ର ଆୟୋଜନ କରିବାକୁ ଯାଉଛନ୍ତି। ଏହି ଆୟୋଜିତ ଲିଗ୍ ହେଉଛି ପ୍ରଫେସନାଲ୍ ପ୍ରିମିୟର ଲିଗ୍ (ପିପିଏଲ୍)। ସେ ଏହାର ତୃତୀୟ ସଂସ୍କରଣର ଘୋଷଣା କରିଚନ୍ତି ଯାହା ଜାନୁଆରୀ ମାସ ୪ତାରିଖରୁ ଆରମ୍ଭ ହୋଇ ୧୦ତାରିଖ ମ୍ୟାଚ୍ ର ଫାଇନାଲ ଖେଳ ହେବାର ସ୍ଥିର କରାଯାଇଛି। ଏହା ଏକ ଉତ୍ସାହଜନକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାହା କେବଳ ଅର୍ଥବିତ୍ ଆକାଉଣ୍ଟାଣ୍ଟସ୍ (ସିଏ), କମ୍ପାନୀ ସେକ୍ରେଟାରୀସ୍ (ସିଏ ଏସ୍), ଏବଂ କଷ୍ଟ ଆଣ୍ଡ ୱାର୍କସ୍ ଆକାଉଣ୍ଟାଣ୍ଟସ୍ (ସିଡବ୍ଲୁଏଏସ୍) ପାଇଁ ଡିଜାଇନ୍ କରାଯାଇଛି। ଏହି ସିଜିନ୍ ଅବିଶ୍ୱସନୀୟ ଉତ୍ସାହ ଏବଂ ସମ୍ପୃକ୍ତ ସମସ୍ତଙ୍କ ଉତ୍ସାହୀ ଅଂଶଗ୍ରହଣରେ ପ୍ରଜ୍ୱଳିତ ହୋଇଛି।

ଏହି ବର୍ଷ ପ୍ରତିଯୋଗିତାରେ ପାଞ୍ଚଟି ଦଳ ଭାଗ ନେଇଛନ୍ତି: ମାର୍କେଟ୍ ମିଷ୍ଟର୍ସ, କ୍ୟାପିଟାଲ୍ ଚ୍ୟାଲେଞ୍ଜର୍ସ, ଆକାଉଣ୍ଟସ୍ ଆର୍ମି, ଟ୍ୟାକ୍ସ ଟାଇଟାନ୍ସ ଏବଂ ଫାଇନାନ୍ସ ଗ୍ଲାଡିଏଟର୍ସ ନାମରେ ଖେଳ ଆରମ୍ଭ ହେବ। ପ୍ରତ୍ୟେକ ଦଳ ନିଜ ନିଜ କ୍ଷେତ୍ରରେ ନିଜର ଅନନ୍ୟ ଦକ୍ଷ ଖେଳାଳି, ଯାହା ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଏବଂ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ଏକ ପରିବେଶ ସୃଷ୍ଟି କରିଥାଏ। ରନ ଏବଂ ୱିକେଟର ଉତ୍ସାହ ବ୍ୟତୀତ, ପିପିଏଲ୍ କ୍ରିକେଟର ମୂଳ ଲକ୍ଷ୍ୟକୁ ପୂରା କରିବାର ଆଶା ରଖିଛି। ବୃତ୍ତିଗତମାନଙ୍କ ମଧ୍ୟରେ କ୍ରୀଡାଭାବ, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ପାରସ୍ପରିକ ସମ୍ମାନକୁ ପୋଷଣ କରିବ। ମ୍ୟାଚ୍ ଗୁଡ଼ିକ ଜାନୁଆରି ମାସର ୪, ୯, ୧୦ ଏବଂ ୧୧ରେ ଜଟଣୀ ରେଳବାଇ କ୍ରିକେଟ୍ ଗ୍ରାଉଣ୍ଡରେ ହେବ। ଏହି ପ୍ରତିଯୋଗିତାରେ ଜିତିବା ଟିମକୁ ୫୦,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ଦ୍ୱିତୀୟ ସ୍ଥାନରେ ଥିବା ଟିମକୁ ୨୫,୦୦୦ର ପୁରସ୍କାର ରାଶି ପ୍ରଦାନ ହେବ।

# ଅଟ୍ରି ମକର ମହୋତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ବେଗୁନିଆ ପଂଚାୟତ ସମିତିର ସଭା ଗୃହରେ ଅଟ୍ରି ମକର ମହୋତ୍ସବର ପ୍ରସ୍ତୁତି ବୈଠକ ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଡ଼ିଓ ସନ୍ତୋଷ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ,ଉପନିବନ୍ଧକ ଅମିତ୍ କୁମାର ସେଠୀ ଓ ବାଘମାରି ଥାନା ଅଧିକାରୀ ସୁଚିତ୍ରା ଜେନା ପ୍ରମୁଖ ଯୋଗଦେଇ ଆସନ୍ତା ଜାନୁଆରୀ ମାସ ୧୪ ରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ମହୋତ୍ସବ ସ୍ଥଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଅଗ୍ନିଶମ ସେବା, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକିକରଣ ବ୍ୟବସ୍ଥା, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମହୋତ୍ସବ ସ୍ଥଳକୁ ସଂଯୋଗୀକରଣ ରାସ୍ତାର ମରାମତି ଓ ବିଭିନ୍ନ ଷ୍ଟଲ୍ ନିର୍ମାଣ ଆଦି ଉପରେ ଆଲୋଚନା ହୋଇଥିଲା। ଏପରିକି ଭ୍ରାତୃ ପ୍ରେମ ନିଦର୍ଶନ ପୂର୍ବକ ମହୋତ୍ସବ ଚାଲିଥିବା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦୃଷ୍ଟି ଦେବାକୁ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସଭାର ପ୍ରାରମ୍ଭରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର କାର୍ଯ୍ୟକ୍ରମ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମୀରାବାଇ ବେହେରା, ବ୍ଲକ କୃଷି ଅଧିକାରୀ, ଜଳ ଯୋଗାଣ ଅଧିକାରୀ,ସରପଂଚ ମାନସ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଂଚ ପ୍ରଶାନ୍ତ କୁମାର ବେହେରା ଓ ଅଟ୍ରି ବାରପଲି କମିଟିର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

# ଭୁବନେଶ୍ୱର ଅଞ୍ଚଳରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୦ତମ ଶାଖା ଖୋଲିଲା

ଭୁବନେଶ୍ୱର, (ସବ୍ୟୁ) : ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା କଟକ ଜିଲ୍ଲାର ନିଆଳିଠାରେ ଖୋଲାଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ରାଜ୍ୟରେ ବ୍ୟାଙ୍କର ୬୦ଟି ଏବଂ ଦେଶରେ ୨୬୭୮ଟି ଶାଖା ରହିଛି । ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ ଏବଂ ନିଆଳି ଶାଖାର ଶାଖା ପ୍ରବନ୍ଧକ ବିନୋଦିନୀ ବେହେରାଙ୍କ ଉପସ୍ଥିତିରେ ନିଆଳି ବିଡିଓ ଧର୍ମ ରଞ୍ଜନ ପଣ୍ଡା ଏହି ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଆଳିର ବିଡିଓ ଧର୍ମ ରଞ୍ଜନ ପଣ୍ଡା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ସେବାର ପ୍ରଶଂସା କରିଥିଲେ ଏବଂ ନିଆଳିର ଜନସାଧାରଣ ଏହି ସୁବିଧାଗୁଡ଼ିକର ଲାଭ ଉଠାଇବା ପାଇଁ



ଅଗ୍ରସର ହେବା ଉଚିତ୍ ବୋଲି ସେ କହିଥିଲେ। ଓଡିଶାରେ ସାମ୍ପ୍ରତିକ ଶାଖା ସଂପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ଶ୍ରୀ ରାଉଳ କହିଛନ୍ତି ଯେ, ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଏବଂ ରଣନୈତିକ ପ୍ରାଧାନ୍ୟ ରଖୁଥିବା କଟକ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଅତ୍ୟନ୍ତ ଖୁସି। ଏହି ଶାଖା ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଏହା ଗ୍ରାହକ ସେବାକୁ ସୁଗମ ଓ ସମୟୋଚିତ ଋଣ ପ୍ରଦାନ କରିବା ସହ ସେହି ଅଞ୍ଚଳର ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଟର୍ଣ୍ଣଆରାଉଣ୍ଡ ସମୟକୁ ହ୍ରାସ କରିବ ଯାହା ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ବୃଦ୍ଧି କରିପାରିବ।

# ନୋଭା ଫ୍ଲିପ୍ ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ପ୍ରିମିୟମ୍ ଫ୍ଲିପ୍ ସ୍ମାର୍ଟଫୋନ୍ ବଜାରରେ ୪୦,୦୦୦ ଟଙ୍କାରୁ କମ୍ ମୂଲ୍ୟରେ ନୋଭା ଫ୍ଲିପ୍ ଏହାର ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯିବା ସମ୍ପର୍କରେ ଘୋଷଣା କରିଛି। ଗ୍ରାହକଙ୍କ ପାଖରେ ଉଚ୍ଚ-ଗୁଣବତା ପ୍ରଯୁକ୍ତିବିଦ୍ୟାକୁ ସହଜରେ ପହଂଚାଇବା ପାଇଁ କମ୍ପାନୀ ଏଭଳି ପ୍ରୟାସ ଆରମ୍ଭ କରିଛି। ଆସନ୍ତା ୨୦୨୬ ବର୍ଷର ପ୍ରଥମ ତ୍ରୟମାସରେ ଫ୍ଲାଗସିପ୍ ନୋଭା ସିରିଜ୍‌ର ଏଆଇ ପ୍ଲସ୍(ଏଆଇ+) ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯିବ। ଏହି ସ୍ମାର୍ଟଫୋନ୍‌ର ଗ୍ରାହକଙ୍କୁ ସହଜରେ ଉପଲବ୍ଧ ହେବ। ଏଥିରେ ଅତ୍ୟାଧୁନିକ ବୈଶିଷ୍ଟ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ନୋଭା ୫ ଜି ଜୁଲାଇ ୨୦୨୫ରେ ବଜାର ପ୍ରବେଶ କରିଥିଲା। ଏହାର ସଫଳତାକୁ ଦୃଷ୍ଟିରେ ରଖି ନୋଭା ସିରିଜ୍‌ର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଏଆଇ ପ୍ଲସ୍(ଏଆଇ+) ବଜାର ପ୍ରବେଶ କରିଛି। ନୋଭା ସିରିଜ୍‌ରେ ଉନ୍ନତ ବୈଶିଷ୍ଟ୍ୟଯୁକ୍ତ ନୋଭା ପ୍ରୋ, ନୋଭା ଅଲ୍ଟ୍ରା, ନୋଭା ଫ୍ଲିପ୍ ଏବଂ ଫୋଲ୍ଡ ଭ୍ୟାରିଆଂଟ୍ ସ୍ମାର୍ଟଫୋନ୍ ରହିଛି। ଏସବୁ ସ୍ମାର୍ଟଫୋନ୍ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ତଥା ଅନନ୍ୟ ବୈଶିଷ୍ଟ୍ୟଯୁକ୍ତ ଥିବାବେଳେ ଏସବୁ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ସ୍ମାର୍ଟଫୋନ୍ ଶିଳ୍ପରେ ଏସବୁ ମଡେଲ ନୂତନ ମାନଦଣ୍ଡ ସୃଷ୍ଟି କରିବାର ଆଶା ରହିଛି। ନୋଭା ଫ୍ଲିପ୍ ଏନଏକ୍ସଟିକ୍ୱାଂଟମ୍ ଅପରେଟିଂ ସିଷ୍ଟମ(ଓଏସ) ଦ୍ୱାରା ପରିଚାଳିତ ହେଉଥିବାବେଳେ ଏଥିରେ ପାରମ୍ପରିକ ସ୍ମାର୍ଟଫୋନ୍ ପରି ଫ୍ଲିପ୍ ଫର୍ମ ଫ୍ୟାକ୍ଟରକୁ ହାର୍ଡୱେର୍ ନୂତନତ୍ୱ ଭାବରେ ବ୍ୟବହାର କରାଯାଇଛି। । ଏହା ଫୋଲ୍ଡ ଏବଂ ଖୋଲା ଅବସ୍ଥାରେ ଅନନ୍ୟ ଭାବେ କାର୍ଯ୍ୟ କରିବା ଲାଗି ଡିଜାଇନ୍ କରାଯାଇଛି। ଫୋନ୍ ବନ୍ଦ ହେବା ସମୟରେ କୁଇକ୍ ଚେକ୍ ଏବଂ ଗ୍ଲାନ୍ସେବୁଲ୍ ଇନଫରମେଶନ ପାଇଁ କୋର୍ ଇଂଟ୍ରାକ୍ସନଗୁଡ଼ିକୁ ଅପ୍ଟିମାଇଜ୍ କରାଯାଇଛି। ଅପରପକ୍ଷରେ ଫୋନ୍ ଖୋଲା ସମୟରେ ସମ୍ପୂର୍ଣ୍ଣ ସ୍ମାର୍ଟଫୋନ୍‌ର ଅଭିଜ୍ଞତା ପ୍ରଦାନ କରିଥାଏ।

# ଆମାଜନ ପେ' ପକ୍ଷରୁ ୟୁପିଆଇ ବାୟୋମେଟ୍ରିକ ପ୍ରମାଣୀକରଣ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆମାଜନ ପେ ପକ୍ଷରୁ ୟୁପିଆଇ ବାୟୋମେଟ୍ରିକ୍ ପ୍ରମାଣୀକରଣର ଶୁଭାରମ୍ଭ କରାଯାଇଛି। ଏହା ସହିତ କମ୍ପାନୀ ଏହି ଅଭିନବ ବୈଶିଷ୍ଟ୍ୟ ପ୍ରଚଳନ କରିବାରେ ଭାରତର ପ୍ରଥମ ପେମେଣ୍ଟ ସେବା ପ୍ରଦାନକାରୀମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଛି। ଗ୍ରାହକମାନେ ବର୍ତ୍ତମାନ ପିନ ମନେ ରଖିବା କିମ୍ବା ପ୍ରବେଶ କରିବାର ଆବଶ୍ୟକତା ବିନା କେବଳ ଏକ ଫିଙ୍ଗରପ୍ରିଂଟ କିମ୍ବା ଫେସ ସ୍କାନ୍ ବ୍ୟବହାର କରି ଟ୍ରାଞ୍ଜାକ୍ସନକୁ ଅନୁମୋଦନ କରିପାରିବେ। ନୂତନ ବାୟୋମେଟ୍ରିକ୍ ପ୍ରମାଣୀକରଣରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ବିନା ୟୁପିଆଇ ପିନ ଏଂଟର କରି ଟ୍ରାଞ୍ଜାକ୍ସନ କରିପାରିବେ । ପ୍ରାରମ୍ଭିକ ସ୍ତରରେ ୯୦% ରୁ ଅଧିକ ଗ୍ରାହକ, ଯୋଗ୍ୟ ପିଅର-ଟୁ-ପିଅର୍ ୟୁପିଆଇ ଟ୍ରାଞ୍ଜାକ୍ସନ ପାଇଁ ବାୟୋମେଟ୍ରିକ୍ସକୁ ବାଛିଛନ୍ତି। ଏହି ସୁବିଧା ବିଳମ୍ବକୁ ଯଥେଷ୍ଟ ହ୍ରାସ କରି ଦେୟକୁ ଶୀଘ୍ର, ଅଧିକ ସହଜ ଏବଂ ସୁରକ୍ଷିତ କରିଥାଏ, କାରଣ ବାୟୋମେଟ୍ରିକ୍ ପ୍ରମାଣୀକରଣ ଗ୍ରାହକଙ୍କ ଡିଭାଇସ୍ ସହିତ ଯୋଡ଼ି ହୋଇଛି ଏବଂ ଏହାକୁ ସେୟାର କରାଯାଇପାରିବ ନାହିଁ। କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ପେମେଣ୍ଟ କରିବା ସମୟରେ ଆମାଜନ୍ ପେ ୟୁପିଆଇ ବ୍ୟବହାର କରି ଆପଣଙ୍କ ବାଲାନ୍ସ ଯାଂଚ କରୁଥିଲେ ଆପଣଙ୍କ ଫିଙ୍ଗରପ୍ରିଂଟ କିମ୍ବା ମୁହଁ ଆପଣଙ୍କ ପାଇଁ ଅଧିକ ସୁରକ୍ଷିତ ହୋଇଥାଏ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ପେମେଣ୍ଟ ନିର୍ଦ୍ଦେଶକ ଗିରିଶ କ୍ରିଷ୍ଣନ କହିଛନ୍ତି, "ଆମର ଲକ୍ଷ୍ୟ ସର୍ବଦା ଡିଜିଟାଲ୍ ପେମେଂଟକୁ ସୁବିଧାଜନକ ଏବଂ ସୁରକ୍ଷିତ କରିବା ରହିଆସିଛି। ୟୁପିଆଇ ବାୟୋମେଟ୍ରିକ୍ ପ୍ରମାଣୀକରଣ ସହିତ, ଆମେ ଦୈନନ୍ଦିନ ପେମେଂଟରୁ ଅସୁବିଧାର ଆଉ ଏକ ସ୍ତର ହଟାଉଛୁ ଏବଂ ସେଗୁଡ଼ିକୁ ୨ ଗୁଣ ଶୀଘ୍ର କରୁଛୁ। ଆମେ ଦେଖୁଥିବା ବ୍ୟାପକ ଗ୍ରହଣୀୟତା ଏହାକୁ ଦୃଢ଼ କରୁଛି ଯେ ଗ୍ରାହକମାନେ ଗତି, ସରଳତା ଏବଂ ବିଶ୍ୱାସକୁ ମୂଲ୍ୟ ଦିଅନ୍ତି। ଏପର୍ଯ୍ୟନ୍ତ ମିଳିଥିବା ମତାମତ ଅତ୍ୟନ୍ତ ଉତ୍ସାହଜନକ ରହିଛି।" ଏହି ଫିଚର୍ ବର୍ତ୍ତମାନ ଆଣ୍ଡ୍ରଏଡ୍ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ଅଛି, ଯାହା ଭାରତର ଡିଜିଟାଲ୍ ପେମେଂଟ ଇକୋସିଷ୍ଟମରେ ଆମାଜନ୍ ପେ'ର ନୂତନତା କ୍ଷେତ୍ରରେ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରୁଛି।

# ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ କେକ୍ ମିକ୍ସିଙ୍ଗ୍ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟରେ ବଡ଼ ଦିନ



ପରିପ୍ରେକ୍ଷୀରେ ନିକଟରେ ଏକ କେକ୍ ମିକ୍ସିଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର ବୋର୍ଡ ଅଫ୍ ଡାଇରେକ୍ଟର ଡିଷ୍ଟିଙ୍ଗୁଇସ୍‌ଡ ସଦସ୍ୟା ଶ୍ରୀମତି ଉପାସନା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେକ୍ ମିକ୍ସିଙ୍ଗ ଉତ୍ସବରେ ସାମିଲ ହେବା ସହ ଏଭଳି ଏକ ଆନନ୍ଦଦାୟକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିକ୍କିମ୍‌ର ମେକ ଅପ୍ ଆର୍ଟିଷ୍ଟ ଏଥେନ୍ ସୈଲେଶ ପ୍ରଧାନ ଯୋଗ ଦେଇ ଏହି କେକ୍ ମିକ୍ସିଙ୍ଗ ପ୍ରସ୍ତୁତି ଆରମ୍ଭର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

ଏହି ପାରମ୍ପରିକ ବଡ଼ଦିନ କେକ୍ ବା ବଡ଼ଦିନ ପୁଡିଙ୍ଗରେ ଅନେକ ପରିମାଣର ଡ୍ରାଏ ଫ୍ରୁଟ, ଅଣ୍ଡା ଏବଂ ମଇଦା ବ୍ୟବହାର କରାଯାଇଥାଏ। ଅନେକ କେକ୍‌ରେ ଡ୍ରାଏ ଫ୍ରୁଟ୍, ଚେରି, ଫ୍ରୁଟି, କାନ୍‌ବେରୀ, ଖଜୁରୀ ଓ ବିଭିନ୍ନ ପାନୀୟ ବ୍ୟବହୃତ ହୋଇଥାଏ । ଏହି ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏସ୍‌ଏଚ୍‌ଏମ୍‌ର ଛାତ୍ରଛାତ୍ରୀମାନେ ଏହି ଉତ୍ସବକୁ ପାଳନ କରିଥିଲେ। ଏହି ଅବସରରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ, ଦ କ୍ରାଉନ୍ ଆଇଏଚ୍‌ସିଏଲ୍ ସିଲେକ୍ସନ ହୋଟେଲ୍‌ର ଫୁଡ ଆଣ୍ଡ ବେଭେରେଜ୍ ମ୍ୟାନେଜର ଲିପନ୍ ପାତ୍ର, ଆମ୍ବେଦକର କଲେଜର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ ସାଇନସେସ୍‌ର ପ୍ରଫେସର (ଡକ୍ଟର) ସ୍ୱର୍ଣ୍ଣଲତା ମିଶ୍ର ଉପସ୍ଥିତ ଥିଲେ। ଏସ୍‌ଏଚ୍‌ଏମ୍‌ର ବିଏଚ୍‌ଏମ୍ ସିଟିର ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ୍ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଏମ୍‌ର ଫ୍ୟାକଲ୍ଟି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ବେଦାନ୍ତ ଝାରସୁଗୁଡା ସୁରକ୍ଷା ସଂସ୍କୃତିକୁ

# ସୁଦୃଢ଼ କରିବା ପାଇଁ 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର'ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସୁରକ୍ଷା-ପ୍ରଥମ ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଏହାର ଝାରସୁଗୁଡା ସୁବିଧାରେ 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର' ଏକ ସୁରକ୍ଷା ପଦକ୍ଷେପ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବ୍ୟବସାୟିକ ଅଂଶୀଦାର ପରିବହନ ବସ୍‌ରେ ଏକ ଅନ୍‌ବୋର୍ଡ ଡିସପ୍ଲେ ସିଷ୍ଟମ୍ ରହିଛି, ଯାହା ଦୈନନ୍ଦିନ ଯାତାୟାତ ସମୟରେ କାର୍ଯ୍ୟ-କ୍ଷେତ୍ର-ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓଗୁଡ଼ିକୁ ନିରନ୍ତର ସ୍କ୍ରିନିଂ କରିଥାଏ। ନିୟମିତ ଯାତ୍ରାରେ ସୁରକ୍ଷା ଯୋଗାଯୋଗକୁ ସନ୍ନିବେଶ କରି, କମ୍ପାନୀ ସୁରକ୍ଷା ସଚେତନତାକୁ ଦୈନନ୍ଦିନ ଅଭିଜ୍ଞତାର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଲକ୍ଷ୍ୟ ରଖିଛି, ଦୋକାନ ବାହାରେ ନିରାପଦ ଆଚରଣକୁ ସୁଦୃଢ଼ କରିଥାଏ। ନିରନ୍ତର ନିୟୋଜିତତା ଏବଂ ଅଭିନବ ହସ୍ତକ୍ଷେପ ଦ୍ୱାରା ସୁରକ୍ଷା ବେଦାନ୍ତ ଆଲୁମିନିୟମରେ ଏକ ମୂଳ ମୂଲ୍ୟ ରହିଛି। 'ସୁରକ୍ଷା ସଫର' ସୁରକ୍ଷା ସଚେତନତାକୁ ଦୈନନ୍ଦିନ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ କରି ଏହି ଦର୍ଶନକୁ ଜୀବନ୍ତ କରିଥାଏ। ଅନବୋର୍ଡ ଡିସପ୍ଲେ ସିଷ୍ଟମ ଯାତ୍ରା ସମୟରେ କ୍ୟୁରେଟେଡ୍, କାର୍ଯ୍ୟକ୍ଷେତ୍ର ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓ ସ୍କ୍ରିନ୍ କରେ, ପ୍ରାସଙ୍ଗିକତା, ବ୍ୟବହାରିକ ପ୍ରଯୁଜ୍ୟତା ଏବଂ ନିରନ୍ତର ସମ୍ପର୍କ ସୁନିଶ୍ଚିତ କରେ। ଏହି ପଦକ୍ଷେପ କମ୍ପାନୀର ଦୃଢ଼ ସୁରକ୍ଷା ଢାଂଚାକୁ ପରିପୂର୍ଣ୍ଣ କରେ, ଯେଉଁଥିରେ ନିୟମିତ ତାଲିମ କାର୍ଯ୍ୟକ୍ରମ, ମକ୍ ଡ୍ରିଲ୍ ଏବଂ ଡିଜିଟାଲ୍ ସୁରକ୍ଷା ଅଭିଯାନ ଅନ୍ତର୍ଭୁକ୍ତ, ଏକ ସଂସ୍କୃତି ସୃଷ୍ଟି କରେ ଯେଉଁଠାରେ ସୁରକ୍ଷା ଦ୍ୱିତୀୟ ପ୍ରକୃତି।

ଏହି ପଦକ୍ଷେପ ବିଷୟରେ ସୁଚନାଦେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ସୁରକ୍ଷା ଅନୁପାଳନଠାରୁ ଅଧିକ, ଏହା ଏକ ସଂସ୍କୃତି ଯାହା ଆମେ ଆମର କାର୍ଯ୍ୟର ପ୍ରତ୍ୟେକ ଦିଗକୁ ସମାହିତ କରିବାକୁ



ଚେଷ୍ଟା କରୁ। 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର' ଆମର କର୍ମଚାରୀଙ୍କ ପାଇଁ ସୁରକ୍ଷାକୁ ଶୀର୍ଷରେ ରଖିବା ଦିଗରେ ଏକ ପଦକ୍ଷେପ। ପ୍ରଯୁକ୍ତିବିଦ୍ୟା ଏବଂ ଲକ୍ଷ୍ୟଭେଦ ଯୋଗାଯୋଗର ଉପଯୋଗ କରି, ଆମେ ଏକ ଶୂନ୍ୟ କ୍ଷତି କାର୍ଯ୍ୟକ୍ଷେତ୍ର ପ୍ରତି ଆମର ପ୍ରତିବଦ୍ଧତାକୁ ମଜବୁତ କରୁଛୁ, ସୁରକ୍ଷିତ ଯାତ୍ରା ଏବଂ ନିରାପଦ କାର୍ଯ୍ୟସ୍ଥଳ ସୁନିଶ୍ଚିତ କରୁଛୁ। ବେଦାନ୍ତ ଆଲୁମିନିୟମ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସ୍ଥାୟୀତ୍ୱରେ ନେତୃତ୍ୱ ପ୍ରଦର୍ଶନ କରିଚାଲିଛି। 'ସୁରକ୍ଷା ସଫର' ବିଶ୍ୱର ସବୁଠାରୁ ନିରାପଦ ଏବଂ ସ୍ଥାୟୀ ଆଲୁମିନିୟମ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ନିର୍ମାଣ କରିବାର କମ୍ପାନୀର ଦୃଷ୍ଟିକୋଣକୁ ଉଦାହରଣ ଦିଏ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ ଅଟେ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।



# ପ୍ରଧାନମନ୍ତ୍ରୀଙ୍କୁ 'ଅର୍ଡର ଅଫ୍ ଓମାନ' ସମ୍ମାନ

ଓମାନର ସୁଲତାନ ହାଇଥାମ ବିନ ତାରିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତ-ଓମାନ ସମ୍ପର୍କ ଏବଂ ତାଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ପ୍ରତି ଅସାଧାରଣ ଅବଦାନ ପାଇଁ ଅର୍ଡର ଅଫ୍ ଓମାନ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଦୁଇ ଦେଶ ମଧ୍ୟରେ ପୁରୁଣା ବନ୍ଧୁତାକୁ ଉତ୍ସର୍ଗ କରିବା ସହ ଭାରତର ୧୪୦ କୋଟି ଜନସାଧାରଣ ଏବଂ ଓମାନବାସୀଙ୍କ ମଧ୍ୟରେ ସ୍ନେହ ଓ ପ୍ରେମର ପ୍ରତୀକ ବୋଲି କହିଛନ୍ତି।

## ସଂସଦରେ ବୀମା ଆଇନ ସଂଶୋଧନ ବିଲ ଗୃହୀତ

# ୧୦୦% ପର୍ଯ୍ୟନ୍ତ ଏଫଡିଆଇକୁ ଅନୁମତି

**ନୂଆଦିଲ୍ଲୀ:** ସବକା ବୀମା ସବକୀ ରକ୍ଷା (ବୀମା ଆଇନ ସଂଶୋଧନ) ବିଲ୍, ୨୦୨୫ ୧୭.୧୨.୨୦୨୫ରେ ସଂସଦରେ ଗୃହୀତ ହୋଇଛି। ଏହି ବିଲ୍ ବୀମା କ୍ଷେତ୍ର ସହ ଜଡ଼ିତ ତିନୋଟି ପ୍ରମୁଖ ଆଇନରେ ସଂଶୋଧନ ଆଣିବ। ଏହି ଆଇନଗୁଡ଼ିକ ହେଲା- ବୀମା ଆଇନ, ୧୯୩୮, ଭାରତୀୟ ଜୀବନ ବୀମା ନିଗମ ଆଇନ, ୧୯୫୬ ଏବଂ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ଆଇନ, ୧୯୯୯। ଏହି ବିଲର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ବୀମା କମ୍ପାନୀଗୁଡ଼ିକରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ବିଦେଶୀ ନିବେଶକୁ ଅନୁମତି ଦେବା। ଏହା ଅଧିକ ବିଦେଶୀ କମ୍ପାନୀଙ୍କ ପାଇଁ ଭାରତରେ ପ୍ରବେଶ ଦ୍ୱାର ଖୋଲିବ। ଏହି ପଦକ୍ଷେପ ପୁଞ୍ଜି ବୃଦ୍ଧି କରିବା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ସହଜ କରିବା ସହିତ ନିଯୁକ୍ତି ସୁଯୋଗ ବଢ଼ାଇବ। ପ୍ରତିଯୋଗିତା ବୃଦ୍ଧି ପାଇଲେ ଉତ୍ପାଦ ଏବଂ ସେବାରେ ଦକ୍ଷତା ବୃଦ୍ଧି ପାଇବ, ଯାହା ନାଗରିକମାନଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ମଧ୍ୟସ୍ଥ ବା ଇଣ୍ଟରମିଡିୟାରିଜଙ୍କ ପାଇଁ ଏକକାଳୀନ




ଲାଇସେନ୍ସିଂ ଏବଂ ସମ୍ପୂର୍ଣ୍ଣ ଲାଇସେନ୍ସ ବାତିଲ କରିବା ବଦଳରେ ଲାଇସେନ୍ସ ସ୍ଥଗିତ କରିବାର ବ୍ୟବସ୍ଥା ନୂଆ ବିଲରେ ରହିଛି । ଯାହାଫଳରେ ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ ମିଳିବ। ବୀମା କମ୍ପାନୀଗୁଡ଼ିକ ପାଇଁ ଶେୟାର ପୁଞ୍ଜି ହସ୍ତାନ୍ତର ଲାଗି ପ୍ରାକ୍ ନିୟାମକ ଅନୁମୋଦନର ସୀମା ୧ ପ୍ରତିଶତରୁ ବଢ଼ାଇ ୫ ପ୍ରତିଶତ କରି ଦିଆଯାଇଛି। ବିଦେଶୀ ରିଇନ୍ସ୍ୟୋରାନ୍ସ ଶାଖା ପାଇଁ ନିଟ୍ ମାଲିକାନା ପାଣ୍ଠି ଆବଶ୍ୟକତା ୫,୦୦୦ କୋଟିରୁ ୧,୦୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଏହା ବ୍ୟତୀତ, ଏଲଆଇସିକୁ ଦେଶରେ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ଏବଂ ନିଜର ବିଦେଶୀ କାର୍ଯ୍ୟାଳୟଗୁଡ଼ିକୁ ସମ୍ପୃକ୍ତ ଦେଶର ଆଇନ ଏବଂ ନିୟମାବଳୀ ଅନୁରୂପ ପ୍ରସ୍ତୁତ କରିବା ପାଇଁ ସ୍ୱାୟତ୍ତ କ୍ଷମତା ପ୍ରଦାନ କରାଯାଇଛି। ପଲିସିଧାରକଙ୍କ ହିତ ରକ୍ଷା ନିମନ୍ତେ ବୀମା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପଲିସିଧାରକ ଶିକ୍ଷା ଏବଂ ସୁରକ୍ଷା ପାଣ୍ଠି ନାମକ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯିବ। ଏଣିକି ପଲିସିଧାରକଙ୍କ ତଥ୍ୟ ଡିପିଡିପି ଆଇନ ୨୦୨୩ ଅନୁରୂପ ଏକତ୍ର ଏବଂ ସଂରକ୍ଷିତ କରିବା ବାଧ୍ୟତାମୂଳକ ହେବ।

ନିୟମାବଳୀ ପ୍ରସ୍ତୁତ ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରଚଳନ ସହିତ ପରାମର୍ଶଦାତା ପ୍ରକ୍ରିୟାକୁ ବାଧ୍ୟତାମୂଳକ କରି ନିୟାମକ ପ୍ରଶାସନକୁ ସୁଦୃଢ଼ କରାଯାଉଛି। ବୀମା କମ୍ପାନୀ ଏବଂ ମଧ୍ୟସ୍ଥମାନେ ହାସଲ କରିଥିବା ଅନୁଚିତ ଲାଭକୁ ଅସୁଲ କରିବାର କ୍ଷମତା ମଧ୍ୟ ଆଇଆରଡିଏଆଇକୁ ପ୍ରଦାନ କରାଯାଇଛି। ଏଥିସହିତ ଦଣ୍ଡ ବ୍ୟବସ୍ଥାକୁ ତର୍କସଂଗତ କରାଯାଉଛି ଏବଂ ଜୋରିମାନା ଲାଗି କରିବାର ମାନଦଣ୍ଡକୁ ପରିଭାଷିତ କରାଯାଉଛି। ସାଧାରଣ ଲୋକ, ପରିବାର ଏବଂ ଉଦ୍ୟୋଗ ପର୍ଯ୍ୟନ୍ତ ବୀମା ସୁରକ୍ଷା ବିସ୍ତାର କରିବା, ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ ଦେବା ଏବଂ ନିୟାମକ ତଦାରଖ ଏବଂ ପ୍ରଶାସନରେ ସୁଧାର ଆଣିବା ଏସବୁ ସଂସ୍କାରର ଉଦ୍ଦେଶ୍ୟ। ଏ ସମସ୍ତ ଉପାୟ ଭାରତୀୟ ବୀମା କ୍ଷେତ୍ରକୁ ମଜବୁତ କରିବ, ଯାହା ଫଳରେ ଭାରତୀୟ ଅର୍ଥବ୍ୟବସ୍ଥାର ବିତ୍ତୀୟ ସ୍ଥିତି ମଜବୁତ ହେବ।

# ଭାରତୀୟ ସମୁଦାୟଙ୍କୁ ଭେଟିଲେ ମୋଦି

**ମସ୍କଟ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମସ୍କଟରେ ଭାରତୀୟ ସମୁଦାୟର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି। ଦର୍ଶକମାନଙ୍କ ମଧ୍ୟରେ ବିଭିନ୍ନ ଭାରତୀୟ ବିଦ୍ୟାଳୟର ୭୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ଥିଲେ। ଚଳିତ ବର୍ଷଟି ଓମାନରେ ଥିବା ଭାରତୀୟ ବିଦ୍ୟାଳୟଗୁଡ଼ିକ ପାଇଁ ବିଶେଷ ଗୁରୁତ୍ୱ ବହନ କରେ, କାରଣ ସେମାନେ ଦେଶରେ ସେମାନଙ୍କ ପ୍ରତିଷ୍ଠାର ୫୦ ବର୍ଷ ପାଳନ କରୁଛନ୍ତି। ସମାବେଶକୁ ସମ୍ବୋଧିତ କରି, ପ୍ରଧାନମନ୍ତ୍ରୀ ଭାରତରେ ରହୁଥିବା ପରିବାର ଏବଂ ବନ୍ଧୁମାନଙ୍କ ତରଫରୁ ସମୁଦାୟକୁ ଶୁଭେଚ୍ଛା ଜଣାଇଥିଲେ। ସେ ସେମାନଙ୍କର ଅତି ଚମତ୍କାର ଏବଂ ରଙ୍ଗାରଙ୍ଗ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ ଓମାନରେ ବସବାସ କରୁଥିବା ଭାରତର ବିଭିନ୍ନ ଅଂଶରୁ ଲୋକଙ୍କୁ ଭେଟି ସେ ଖୁବ୍ ଆନନ୍ଦିତ, ଏବଂ ଉଲ୍ଲେଖ କରିଥିଲେ ଯେ ବିବିଧତା ହେଉଛି ଭାରତୀୟ ସଂସ୍କୃତିର ମୂଳଦୁଆ - ଏକ ମୂଲ୍ୟ ଯାହା ସେମାନଙ୍କୁ ଯେକୌଣସି ସମାଜର ଅଂଶ ହେବାରେ ସାହାଯ୍ୟ କରେ। ଓମାନରେ ଭାରତୀୟ ସମ୍ପ୍ରଦାୟକୁ କେତେ ଭଲ ଭାବରେ ସମ୍ମାନିତ କରାଯାଏ ସେ, ବିଷୟରେ କହିବାକୁ ଯାଇ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ସହାବସ୍ଥାନ ଏବଂ ସହଯୋଗ ଭାରତୀୟ ପ୍ରବାସୀମାନଙ୍କର ଏକ ପ୍ରମୁଖ ପରିଚୟ। ଭାରତ ଏବଂ ଓମାନ ମାଣ୍ଡଭିରୁ ମସ୍କଟ ପର୍ଯ୍ୟନ୍ତ ପୁରୁଣା ସମ୍ପର୍କକୁ ଉପଭୋଗ କରନ୍ତି, ଯାହାକୁ ଆଜି ପ୍ରବାସୀ ଭାରତୀୟମାନେ କଠିନ ପରିଶ୍ରମ ଏବଂ ଏକତା ମାଧ୍ୟମରେ ପରିପୁଷ୍ଟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ "ଭାରତ କୋ ଜାନିୟେ' କୁଇଜରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଥିବା ସମୁଦାୟକୁ ପ୍ରଶଂସା କରିଥିଲେ। ଭାରତ - ଓମାନ ସମ୍ପର୍କର କେନ୍ଦ୍ରରେ ଜ୍ଞାନ ରହିଛି ବୋଲି ଗୁରୁତ୍ୱାରୋପ କରି, ଏହି ଦେଶରେ ଭାରତୀୟ ବିଦ୍ୟାଳୟର ୫୦ ବର୍ଷ ପୂରଣ ପାଇଁ ସେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ସମୁଦାୟର କଲ୍ୟାଣ ପାଇଁ ସମର୍ଥନ ଲାଗି ମହାମହିମ ସୁଲତାନ ହାଇଥାମ ବିନ୍ ତାରିକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ଭାରତର ପରିବର୍ତ୍ତନଶୀଳ ଅଭିବୃଦ୍ଧି ଏବଂ ବିକାଶ, ଏହାର ଗତି ଏବଂ ପରିବର୍ତ୍ତନର ପରିମାଣ ଏବଂ ଗତ ତ୍ରୈମାସିକରେ ୮ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଦ୍ୱାରା ପ୍ରତିଫଳିତ ଏହାର ଅର୍ଥନୀତିର ଶକ୍ତି ବିଷୟରେ ଉଲ୍ଲେଖ କରିଥିଲେ। ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ସଫଳତା ବିଷୟରେ ସୂଚନା ଦେଇ ମତ ଦେଇଥିଲେ ଯେ, ଦେଶରେ ଭିତ୍ତିଭୂମି ବିକାଶ, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ସବୁଜ ଅଭିବୃଦ୍ଧି ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ପରିବର୍ତ୍ତନଶୀଳ ରୂପାନ୍ତରଣ ଘଟିଛି। ସେ ଆହୁରି ମଧ୍ୟ କହିଥିଲେ ଯେ, ଭାରତ ବିଶ୍ୱସ୍ତରୀୟ ନବସୃଜନ, ଷ୍ଟାର୍ଟଅପ୍ ଏବଂ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଇକୋସିଷ୍ଟମ ବିକଶିତ କରି ଏକବିଂଶ ଶତାବ୍ଦୀ ପାଇଁ ନିଜକୁ ପ୍ରସ୍ତୁତ କରୁଛି। ଭାରତରୟୁପିଆଇ - ଯାହା ବିଶ୍ୱ ସ୍ତରରେ ହେଉଥିବା ସମସ୍ତ ଡିଜିଟାଲ୍ ଦେୟର ପ୍ରାୟ ୫୦ ପ୍ରତିଶତ, ଏହା ଗର୍ବ ଏବଂ ସଫଳତାର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ ଚନ୍ଦ୍ରରେ ଅବତରଣ ଠାରୁ ଆରମ୍ଭ କରି ଯୋଜନାବଦ୍ଧ ଗଗନାୟନ ମାନବ ମହାକାଶ ମିଶନ ପର୍ଯ୍ୟନ୍ତ ମହାକାଶ କ୍ଷେତ୍ରରେ ଭାରତର ସାମ୍ପ୍ରତିକ ସଫଳତା ଉପରେ ଆଲୋକପାତ କରିଥିଲେ। ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ମହାକାଶ କ୍ଷେତ୍ର ଭାରତ ଏବଂ ଓମାନ ମଧ୍ୟରେ ସହଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଏବଂ ଯୁବପିଢ଼ି ପାଇଁ ଉଦ୍ଦିଷ୍ଟ ଇସ୍ରୋରୟୁବିକା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଛାତ୍ରମାନଙ୍କୁ ଆମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତ କେବଳ ଏକ ବଜାର ନୁହେଁ, ବରଂ ବିଶ୍ୱ ପାଇଁ ସାମଗ୍ରୀ ଏବଂ ସେବାଠାରୁ ଡିଜିଟାଲ୍ ସମାଧାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକ ମଡେଲ।



ପ୍ରଧାନମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ କଲ୍ୟାଣ ପାଇଁ ଭାରତର ଗଭୀର ପ୍ରତିବଦ୍ଧତା ରହିଥିବା ସମ୍ପର୍କରେ ପ୍ରକାଶ କରି କହିଥିଲେ ଯେ, ଯେତେବେଳେ ଏବଂ ଯେକୌଣସି ସ୍ଥାନରେ ଆମ ଲୋକଙ୍କୁ ସାହାଯ୍ୟର ଆବଶ୍ୟକତା ଥାଏ, ସରକାର ସେମାନଙ୍କର ହାତ ଧରିବା ପାଇଁ ସେଠାରେ ଅଛନ୍ତି। ଭାରତ-ଓମାନ ସହଭାଗୀତା ଏଆଇ ସହଯୋଗ, ଡିଜିଟାଲ ଶିକ୍ଷା, ନବସୃଜନ ସହଭାଗୀତା ଏବଂ ଉଦ୍ୟୋଗୀତା ବିନିମୟ ମାଧ୍ୟମରେ ନିଜକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଯୁବପିଢ଼ିଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଗଭୀର ଭାବରେ ଶିଖିବା ଏବଂ ସାହସର ସହିତ ନବସୃଜନ କରିବାକୁ ଆହ୍ୱାନ କରିଥିଲେ, ଯାହା ଫଳରେ ସେମାନେ ମାନବଜାତି ପାଇଁ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରିବେ।

# ମହାକାଶରେ ମହାବିସ୍ଫୋରଣ: ପ୍ରମାଣ ପାଇଲେ ବୈଜ୍ଞାନିକ

**ନୂଆଦିଲ୍ଲୀ:** ମହାକାଶରେ ଏପରି ଏକ ମହାଜାଗତିକ ଘଟଣା ଘଟିଛି ଯାହା ସଂପର୍କରେ ପୂର୍ବରୁ କେବଳ କଳ୍ପନା କରାଯାଉଥିଲା । କିନ୍ତୁ ଏବେ ଆମ ଜୀବଦଶାରେ ତାହା ଘଟିଛି ଛ ତାହା ହେଉଛି ସୁପରକିଲୋନୋଭା ।

ପୃଥିବୀଠାରୁ ପ୍ରାୟ ୧.୩ ବିଲିୟନ ଆଲୋକବର୍ଷ ଦୂରରେ, ସୁପରକିଲୋନୋଭା ନାମରେ ଅତ୍ୟନ୍ତ ବିରଳ ମହାବିସ୍ଫୋରଣ ଘଟିଛି । ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହା ପୂର୍ବରୁ ଜଣାଥିବା ସମସ୍ତ ସିଦ୍ଧାନ୍ତକୁ ବଦଳାଇଦେଇଛି । ସାଧାରଣତଃ ଏକ ବିଶାଳ ତାରାର ମୃତ୍ୟୁ ହେଲେ ଏକ ବଡ଼ ବିସ୍ଫୋରଣ ହୁଏ, ତାହାକୁ ସୁପରନୋଭା କୁହାଯାଏ ।ସେହିପରି ଯେତେବେଳେ ଦୁଇଟି ନ୍ୟୁଟ୍ରନ୍ ତାରା ପରସ୍ପର ସହିତ ଧMI ହୁଅନ୍ତି, ଏକ ଅତି ବିଶାଳ ବିସ୍ଫୋରଣ ଘଟେ । ଏହାକୁ କିଲୋନୋଭା କୁହାଯାଏ । ଏହା ସୁପରନୋଭା ଅପେକ୍ଷା ଅନେକ ଗୁଣ ଅଧିକ ଶକ୍ତିଶାଳୀ । ଏହି ଧMIୟୁରାନିୟମ୍ ଏବଂ ସୁନା ଭଳି ଭାରୀ ଉପାଦାନ ସୃଷ୍ଟି କରେ । ସୁପରକିଲୋନୋଭା ହେଉଛି ସୁପରନୋଭା ଓ କିଲୋନଭାଠାରୁ ଆହରି ଅନେକଗୁଣ ଶକ୍ତିଶାଳୀ ବିସ୍ଫୋରଣ । ଏହା ଉଭୟ ମହାବିସ୍ଫୋରଣର ଏକ ମିଳିତ ରୂପ । ଏପରି ଏକ ମହାଜାଗତି ଘଟଣା ସଂପର୍କରେ ପୂର୍ବରୁ ବୈଜ୍ଞାନିକମାନେ କେବଳ କଳ୍ପନା କରୁଥିଲେ, କିନ୍ତୁ ଏହାର ପ୍ରମାଣ କେବେ ମିଳିନଥିଲା ।

# ବାଂଲା ନିର୍ବାଚନ: ପ୍ରାର୍ଥୀ ରଖିପାରିବେ ବନ୍ଧୁକ

**ଢାକା :** ବାଂଲାଦେଶରେ ଆସନ୍ତା ଫେବୃଆରି ମାସରେ ନିର୍ବାଚନ ହେବାକୁ ଯାଉଛି। ତାପୂର୍ବରୁ ମଧ୍ୟବର୍ତ୍ତିକାଳୀନୟୁନୁସ ସରକାର ଏକ ଅଜବ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନରେ ଛିଡ଼ା ହେଉଥିବା ପ୍ରାର୍ଥୀମାନଙ୍କୁ ବନ୍ଧୁକ ଲାଇସେନ୍ସ ମିଳିବ । ଅର୍ଥା ସେମାନେ ବନ୍ଧୁକ ରଖିପାରିବେ । କେବଳ ପ୍ରାର୍ଥୀମାନଙ୍କୁ ନୁହେଁ, ବିଶିଷ୍ଟ ରାଜନୈତିକ ନେତାମାନେ ବି ବନ୍ଧୁକ ଲାଇସେନ୍ସ ପାଇପାରିବେ । ସୁରକ୍ଷା ଦୃଷ୍ଟିକୋଣରୁ ସରକାର ଏହି ନିଷ୍ପତ୍ତିକୁ ଜରୁରୀ ବୋଲି କହୁଥିବା ବେଳେ, ବିରୋଧୀ ଦଳ, ନିର୍ବାଚନ ବିଶେଷଜ୍ଞ ଏବଂ ମାନବାଧିକାର ସଂଗଠନ ଏହାକୁ ଏ ଏପରି ଏକ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି ଯାହା ନିର୍ବାଚନୀ ହିଂସାକୁ ଆହୁରି ବୃଦ୍ଧି କରିବ। ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ସ୍ୱତନ୍ତ୍ର ନୀତି ଅନୁଯାୟୀ, ଦୁଇ ବର୍ଗର ଲୋକ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ପାଇଁ ଆବେଦନ କରିପାରିବେ। ପ୍ରଥମ ବର୍ଗରେ ସେହି ବ୍ୟକ୍ତିମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଯେଉଁମାନଙ୍କୁ ସରକାର ରାଜନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଦ୍ୱିତୀୟ ବର୍ଗରେ ସେହି ପ୍ରାର୍ଥୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ଯାହାଙ୍କର ତ୍ରୟୋଦଶ ସଂସଦୀୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ। ଗୃହ ବ୍ୟାପାର ପରାମର୍ଶଦାତା ଲେଫଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ମହମ୍ମଦ ଜାହାଙ୍ଗୀର ଆଲମ ଚୌଧୁରୀ କହିଛନ୍ତି ଯେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କୁ ଅସ୍ତ୍ର ରଖିବା ପାଇଁ ଅନୁମତି ଦିଆଯିବ। ଯେଉଁ ପ୍ରାର୍ଥୀମାନଙ୍କର ଅସ୍ତ୍ରଶସ୍ତ୍ର ପୂର୍ବରୁ ସରକାରୀ ହେପାଜତରେ ଜମା କରାଯାଇଥିଲା ସେମାନଙ୍କୁ ମଧ୍ୟ ତାହା ଫେରାଇ ଦିଆଯିବ।

## ଯାତ୍ରୀଙ୍କୁ ସ୍ଥାନୀୟ ଖାଦ୍ୟ ପରଷିବାକୁ ରେଳବାଇର ପଦକ୍ଷେପ

# ବନ୍ଦେ ଭାରତ ଏକ୍ସପ୍ରେସରେ ଉପଲବ୍ଧ ସୁସ୍ୱାଦୁ ଓଡିଆ ଖାଦ୍ୟ

**ନୂଆଦିଲ୍ଲୀ:** ଭାରତୀୟ ରେଳବାଇ 'ବନ୍ଦେ ଭାରତ' ଟ୍ରେନରେ ଯାତ୍ରୀମାନଙ୍କୁ ସ୍ଥାନୀୟ ଖାଦ୍ୟ ପରଷିବା ପାଇଁ ପଦେକ୍ଷପ ଗ୍ରହଣ କରିଛି । ଏହା ସହିତ ୨୨୮୯୫ ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରୀମାନେ ଓଡିଆ ଖାଦ୍ୟ ପାଇପାରିବେ । ଯାତ୍ରୀମାନେ ଓଡିଶାର ଆଳୁ ଫୁଲକୋବି ପ୍ରସ୍ତୁତ ସୁସ୍ଓ୍ୱାଦୁ ବ୍ୟଞ୍ଜନର ମଜା ଉଠାଇବେ । ସେହିଭଳି ୨୨୮୯୫ ଏଚଡବ୍ଲୁଏଚ-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରୀଙ୍କୁ ମିଳିବ ଆଳୁ ପୋଟଳ ଭଜା । ବନ୍ଦେ ଭାରତର ଯାତ୍ରୀମାନେ ମଧ୍ୟ ଟ୍ରେନ ଭିତରୁ ନିଜ ମନ ପସନ୍ଦର ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, କେରଳ, ବିହାର ଏବଂ କାଶ୍ମୀରର ଆଞ୍ଚଳିକ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିପାରିବେ।

ଭାରତୀୟ ରେଳବାଇ, ଆଇଆରସିଟିସି ମାଧ୍ୟମରେ, ସାଂସ୍କୃତିକ ଦୃଷ୍ଟିରୁ ପ୍ରାସଙ୍ଗିକ ଖାଦ୍ୟ ଏବଂ ପ୍ରାମାଣିକ ସ୍ଥାନୀୟ ସ୍ୱାଦ ପ୍ରଦାନ କରି ଯାତ୍ରୀଙ୍କ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ପାଇଁ ବନ୍ଦେ ଭାରତ ଟ୍ରେନରେ ଆଞ୍ଚଳିକ ବ୍ୟଞ୍ଜନ ସେବା ଆରମ୍ଭ କରିଛି। ଏହି ପଦକ୍ଷେପ ଦ୍ୱାରା ଯାତ୍ରୀମାନେ ସିଧାସଳଖ ଭାରତର ବିବିଧ ରାନ୍ଧଣା ଐତିହ୍ୟର ସ୍ୱାଦ ପାଇପାରିବେ, ଯାହା ଫଳରେ ସେମାନେ ସେମାନଙ୍କ ଟ୍ରେନ ସିଟରେ ବସି ଆଞ୍ଚଳିକ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇପାରିବେ।



ନାଗପୁର-ସିକନ୍ଦରାବାଦ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରା କରୁଥିବା ଯାତ୍ରୀମାନେ ମହାରାଷ୍ଟ୍ରର କାଣ୍ଡ ପୋହା ସହିତ ଦକ୍ଷିଣ ଭାରତୀୟ ଡୋଣ୍ଡାକାୟା କରମ ପୋଡି ଫ୍ରାଇ ଏବଂ ଆନ୍ଧ୍ରପ୍ରଦେଶର ଆନ୍ଧ୍ର କୋଡି କୁରାର ସ୍ୱାଦ ନେଇପାରିବେ।୨୦୯୦୧ ଏମ୍ଏମସିଟି-ଜିଏନସି ବନ୍ଦେ ଭାରତ ଏକ୍ସପ୍ରେସରେ ମେଥି ଥେପଲା ଏବଂ ୨୬୯୦୨ ଏସବିଆଇବି-ଭିଆରଏଲ୍ ବନ୍ଦେ ଭାରତ ଏକ୍ସପ୍ରେସରେ ମସଲା ଲୌକୀ ରୂପରେ ଗୁଜରାଟୀ ସ୍ୱାଦ ପରିବେଷଣ କରାଯାଉଛି।

କେରଳର ପାରମ୍ପରିକ ଖାଦ୍ୟ ଯଥା ଧଳା ଚାଉଳ, ଚେରୁପାୟାର୍ ମେଝୁମୁ ପେରାଟି, କଦଳୀ ତରକାରୀ, କେରଳ ପରାଠା, ସାଦା ଦହି ଏବଂ ପାଲାଡା ପାୟସମ୍ ସହିତ ଆମ୍ବ ୨୦୬୩୩/୩୪ କାସରଗୋଡ-ତ୍ରିବାନ୍ଦ୍ରମ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଏବଂ ମାଙ୍ଗାଲୋର-ତ୍ରିବାନ୍ଦ୍ରମ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଉପଲବ୍ଧ ଥିବାବେଳେ ପଶ୍ଚିମବଙ୍ଗର କୋଶା ପର୍ନି ୨୦୮୭୨ ରୋଉ-ଏଚଡବ୍ଲୁଏଚ ବନ୍ଦେ ଭାରତ ଏକ୍ସପ୍ରେସରେ ଉପଲବ୍ଧ ହେଉଛି। ଚମ୍ପାରଣ ପନିର ଭଳି ବିହାରର ସ୍ୱତନ୍ତ୍ର ଖାଦ୍ୟ ୨୨୩୪୯ ପିଏନବିଇ-ଆରଏନସି ବନ୍ଦେ ଭାରତ ଏକ୍ସପ୍ରେସରେ ପରିବେଷଣ କରାଯାଉଥିବା ବେଳେ, ଚମ୍ପାରଣ ଚିକେନ୍ ୨୨୩୪୮ ପିଏନବିଇ-ଏଚଡବ୍ଲ୍ୟୁଏଚ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଉପଲବ୍ଧ ।

ଅମ୍ବିଲ କଡଡୁ ଏବଂ ଜାମ୍ମୁ ଚଣା ମସଲା ସମେତ ଡୋଗ୍ରି ରନ୍ଧନ ପ୍ରଣାଳୀ ୨୬୪୦୧/୦୨ ଏବଂ ୨୬୪୦୩/୦୪ ଟ୍ରେନରେ ପ୍ରଦାନ କରାଯାଉଛି, ଏବଂ ଟମାଟୋ ଚମନ ଏବଂ କେଶର ଫିନି ପରି କାଶ୍ମୀରୀ ଖାଦ୍ୟ ୨୬୪୦୧/୦୨ ଏବଂ ୨୬୪୦୩/୦୪ ଏସଡିଭିକେ-ଏସଆଇଏନଏ ବନ୍ଦେ ଭାରତ ଏକ୍ସପ୍ରେସରେ ଉପଲବ୍ଧ । ମହାରାଷ୍ଟ୍ରର ମସଲା ଉପମା ସିଏସ୍ଏମଟି-ଏମ୍ଏଓ ବନ୍ଦେ ଭାରତ ଏକ୍ସପ୍ରେସରେ ଉପଲବ୍ଧ ଥିବାବେଳେ ପଶ୍ଚିମବଙ୍ଗର ମୁର୍ଗିର ଝୋଲ ଏନଜେପି-ଏଚଡବ୍ଲ୍ୟୁଏଚଲ ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ମିଳୁଛି । ଏହି ପଦକ୍ଷେପ ମାଧ୍ୟମରେ ଭାରତୀୟ ରେଳବାଇ ଭାରତର ସମୃଦ୍ଧ ରନ୍ଧନ ବିବିଧତାକୁ ପାଳନ କରୁଛି, ଯାହା ରେଳ ଯାତ୍ରାକୁ ଅଧିକ ସ୍ମରଣୀୟ ଏବଂ ସାଂସ୍କୃତିକ ଭାବରେ ଆନନ୍ଦଦାୟକ କରୁଛି।

## ନୀତିଶଙ୍କୁ ମନ୍ତ୍ରୀଙ୍କ ସମର୍ଥନ

# ହିଜାବ ପିନ୍ଧିବ ତ ପାକିସ୍ତାନ ଯାଅ

ପାଟନା: ପାଟନାରେ ନିଯୁକ୍ତି ପତ୍ର ବଣ୍ଟନ ସମୟରେ ଜଣେ ମହିଳା ଡାକ୍ତରଙ୍କ ହିଜାବ ଟାଣିବାକୁ ନେଇ ଏବେ ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ଘଟଣାର ଭିଡିଓ ଭାଇରାଲ ହେବା ପରେ ବିରୋଧୀ ଦଳ ନୀତୀଶ କୁମାରଙ୍କୁ କ୍ଷମା ମାଗିବାକୁ କହୁଥିବା ବେଳେ ବିଜେପି, ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରିଛି । ବରିଷ୍ଠ ବିଜେପି ନେତା ହରିଭୂଷଣ ଠାକୁର ବଚୌଲ କହିଛନ୍ତି ଯେ, ସାରା ଭାରତରେ ହିଜାବକୁ ନିଷିଦ୍ଧ କରାଯିବା ଉଚିତ ।

ବଚୌଲ କହିଛନ୍ତି ଯେ, ହିଜାବ ଆଳରେ ଆତଙ୍କବାଦ ବଢେ । ଆକ୍ରମଣ କରିବା ପରେ ଆତଙ୍କବାଦୀମାନେ ହିଜାବ ପିନ୍ଧି ଖସି ପଳାଇଯାଆନ୍ତି । ହିଜାବ ପିନ୍ଧିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ପାକିସ୍ତାନ ଯିବା ଉଚିତ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମା ମାଗିବେ ନାହିଁ ।ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବରେ ଜଣେ ମହିଳା ଡାକ୍ତରଙ୍କ ହିଜାବ କାଢି ସେ ଠିକ୍ କାମ କରିଛନ୍ତି । ହିଜାବ ପିନ୍ଧି ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଆସିଥିବା ମହିଳା ଡାକ୍ତର ବିହାର ଛାଡିବା ଉଚିତ । ସେ ମୁହଁ ଲୁଚାଇ ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଯାଇଥିଲେ ।

ଏବେ ବିଜେପି ନେତାଙ୍କ ବୟାନ ରାଜନୈତିକ ଝଡ଼ ସୃଷ୍ଟି କରିଛି । ଆରଜେଡି ନେତା ମୁକେଶ କୁମାର ରୋଶନ ବଚୌଲଙ୍କୁ ଦଙ୍ଗାକାରୀ ବୋଲି କହି ଦାବି କରିଛନ୍ତି ଯେ, ସେ ହିନ୍ଦୁ ଏବଂ ମୁସଲମାନ ମଧ୍ୟରେ ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ତାଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ ।

# ଇୟୁର ଶୀର୍ଷ ନେତା ହେବେ ଗଣତନ୍ତ୍ର ଦିବସର ଅତିଥି

**ନୂଆଦିଲ୍ଲୀ:** ଭାରତ, ଗଣତନ୍ତ୍ର ଦିବସ-୨୦୨୬ ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଛି। ଏଥରୟୁରୋପୀୟ ସଂଘ ଇୟୁର ଶୀର୍ଷ ନେତା,ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏବଂୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯିବ। କୌଣସି ଅନ୍ତର୍ଜାତୀୟ ସଂଗଠନର ଦୁଇ ଶୀର୍ଷ ନେତା ଭାରତର ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଏକାଠି ଯୋଗ ଦେବା ପ୍ରଥମ ହେବ। ଏହି ଦୁଇ ନେତା ଜାନୁଆରି ୨୦୨୬ରେ ନୂଆଦିଲ୍ଲୀରେ ପହଞ୍ଚିବେ, ଯାହା ଭାରତ ଏବଂୟୁରୋପୀୟ ସଂଘ ମଧ୍ୟରେ ଗଭୀର ରଣନୈତିକ, ଅର୍ଥନୈତିକ ଏବଂ କୂଟନୈତିକ ସମ୍ପର୍କକୁ ଏକ ନୂତନ ଦିଗଦର୍ଶନ ଦେବ ଏବଂ ମଜବୁତ କରିବ। ସୂଚନା ମୁତାବକ, ୨୦୨୬ ଗଣତନ୍ତ୍ର ଦିବସ ପାଇଁୟୁରୋପୀୟ ସଂଘର ନେତାମାନଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆଦିଲ୍ଲୀ ଏବଂ ବ୍ରୁସେଲ୍ସ ଖୁବ୍ ଶୀଘ୍ର ଆନୁଷ୍ଠାନିକ ନିମନ୍ତ୍ରଣ ଉପରେ ଘୋଷଣା କରିବେ। ଗଣତନ୍ତ୍ର ଦିବସରେ ଜଣେ ବିଦେଶୀ ନେତାଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବା ଭାରତର ବୈଦେଶିକ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତୀକାତ୍ମକ ପଦକ୍ଷେପ ଭାବରେ ବିବେଚନା କରାଯାଏ।

# ଟଙ୍କା ଫେରାଇବ ବିସିସିଆଇ

ଲକ୍ଷ୍ନୌ,୧୮।୧୨(ଏଜେନ୍ସି): ଭାରତ-ଦ.ଆଫ୍ରିକା ଚତୁର୍ଥ ଟି-୨୦ ଘନ କୁହୁଡି ଯୋଗୁଁ ବାତିଲ ହୋଇଥିଲା। ବହୁ ଦୂରଦୂରାନ୍ତରୁ ଦର୍ଶକ ଲକ୍ଷ୍ନୌ ଆସିଥିଲେ। ମ୍ୟାଚ ନହେବା କାରଣରୁ ଦର୍ଶକ ନିରାଶ ହୋଇଛନ୍ତି। ସେମାନଙ୍କ ଟିକେଟ୍ ଟଙ୍କା ଫେରାଇବାକୁ ଦାବି କରିଛନ୍ତି। ଏବେ ବିସିସିଆଇ ଟିକେଟ୍ ଦାମ ଫେରସ୍ତ କରିବ ବୋଲି ଘୋଷଣା କରିଛି। ଡିସେମ୍ବର ୧୭ରେ ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମରେ ଭାରତ-ଦ.ଆଫ୍ରିକା ମ୍ୟାଚ ଖେଳାଯିବାର ଥିଲା। ସନ୍ଧ୍ୟାରୁ ସମ୍ପୂର୍ଣ୍ଣ ସହର କୁହୁଡିରେ ଆଚ୍ଛାଦିତ ଥିଲା। ଏହା ସତ୍ତ୍ୱେ ଟିକେଟ୍ କିଣି ଥିବା ହଜାର ହଜାର ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଟସ୍ ମଧ୍ୟ ସମ୍ଭବ ହୋଇନଥିଲା। ଅମ୍ପାୟାର ୬ଥର ପଡିଆ ଯାଞ୍ଚ କରିଥିଲେ। ଶେଷରେ ନିର୍ଣ୍ଣୟ ହୋଇଥିଲା ମ୍ୟାଚ ଖେଳାଯିବ ନାହିଁ। ତେଣୁ ଦର୍ଶକଙ୍କୁ ମ୍ୟାଚ ନଦେଖି



ଫେରିବାକୁ ପଡିଥିଲା। ବିସିସିଆଇ ଜଣେ ଅଧିକାରୀ କହିଛନ୍ତି ସମସ୍ତ ଅନ୍ତର୍ଜାତୀୟ ମ୍ୟାଚର ବୀମା ହୋଇଥାଏ। ଏହି ବୀମା ରାଜ୍ୟ କ୍ରିକେଟ୍ ସଂଘ ଦ୍ୱାରା କରାଯାଏ। ନିୟମ ଅନୁଯାୟୀ ମ୍ୟାଚରେ ଗୋଟିଏ ବଲ ପଡିଲେ ଟଙ୍କା ଫେରସ୍ତ କରାଯିବ ନାହିଁ। ତେବେ ଭାରତ-ଦ.ଆଫ୍ରିକା ଚତୁର୍ଥ ମ୍ୟାଚରେ ଟସ୍ ହୋଇନଥିଲା। ତେଣୁ ଉତ୍ତର-ପ୍ରଦେଶ କ୍ରିକେଟ ସଂଘ ବୀମା କମ୍ପାନୀ ଉପରେ ଦାବି କରିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୭ରୁ ୧୦ ଦିନ ସମୟ ଲାଗିବ। ଅନଲାଇନରେ ଟିକେଟ୍ ବିକ୍ରି ହୋଇଥିଲା। ବୀମା ଅର୍ଥ ମିଳିବା ପରେ ଟିକେଟ୍ ଅର୍ଥ ସିଧାସଳଖ ଦର୍ଶକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠା ଯିବ।

## ପଞ୍ଚମ ଟି-୨୦

# ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଭାରତ

ଅହମ୍ମଦାବାଦ,୧୮।୧୨(ଏଜେନ୍ସି): ଟି-୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମ୍ୟାଚ ଶୁକ୍ରବାର ଅହମ୍ମଦାବାଦରେ ଖେଳାଯିବ। ଭାରତ ୨-୧ରେ ଅଗ୍ରଣୀ ଥିବାରୁ ଶୃଙ୍ଖଳା ହାରିବାର ଭୟ ନାହିଁ। ତେଣୁ ଶେଷ ମ୍ୟାଚ ଜିତି ଶୃଙ୍ଖଳା ହାତେଇବା ଲକ୍ଷ୍ୟରେ ଭାରତ ରହିଛି। ଭ୍ରମଣକାରୀ ଦଳ ମଧ୍ୟ ଶେଷ ମ୍ୟାଚରେ ବିଜୟଲାଭ କରି ୨-୨ରେ ଶୃଙ୍ଖଳା ବରାବର କରିବାକୁ ଚାହିଁବ। ଭାରତ ୨ଟି ଏବଂ ଦ.ଆଫ୍ରିକା ଗୋଟିଏ ମ୍ୟାଚରେ ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚର ଫଳାଫଳ ବାହାରିପାରି ନାହିଁ।

ଆହତ ସମସ୍ୟା ଯୋଗୁଁ ଗିଲ ଓହରି ଯାଇଛନ୍ତି। ତେଣୁ ସଞ୍ଜୁ ସାମସନ ଖେଳିବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।



ଯେତେ ଦୂର ସମ୍ଭବ ସାମସନ ଇନିଂସ ଓପନ କରିପାରନ୍ତି। କାରଣ ସେ ଓପନର ଭାବେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଅପରପକ୍ଷରେ ଲୋୟର ଅର୍ଡରରେ ସେ ଭଲ ପ୍ରଦର୍ଶନ କରିନାହାନ୍ତି। ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କ ଫର୍ମ ମଧ୍ୟ ଦଳ ପାଇଁ ଚିନ୍ତା ବଢ଼ାଇଛି। ସେ ଚଳିତବର୍ଷ ଇନିଂସରେ ଗୋଟିଏ ବି ଅର୍ଦ୍ଧଶତକ ମାରିନାହାନ୍ତି। ସେ କେବଳ ୨୧୩ ରନ୍ କରିଛନ୍ତି। ଟେଷ୍ଟ ଶୃଙ୍ଖଳା ହାରିବା ପରେ ଭାରତ ଦିନିକିଆ ଶୃଙ୍ଖଳା ଜିତିଥିଲା। ଏବେ ଟି-୨୦ ଶୃଙ୍ଖଳା ବିଜୟର ନିକଟତର ହୋଇଛି। ଆସନ୍ତାବର୍ଷ ଆରମ୍ଭରୁ ଟି-୨୦ ବିଶ୍ୱକପ ଆୟୋଜିତ ହେବ। ସୂର୍ଯ୍ୟ କୁମାର ଓ ଗିଲ ଫର୍ମକୁ ଫେରିବା ନିହାତି ଆବଶ୍ୟକ। ନଚେତ ଆୟୋଜକ ରାଷ୍ଟ୍ର ପାଇଁ ବିଶ୍ୱକପ ଟ୍ରଫି ଦୂରେଇ ଯିବ।



## ଜାନୁଆରୀ ୭ରୁ ଟାଟାଷ୍ଟିଲ ଚେସ୍ ଇଣ୍ଡିଆ ପ୍ରତିଯୋଗିତା

କୋଲକାତା,୧୮।୧୨(ଏଜେନ୍ସି): ଜାନୁଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ କୋଲକାତାର ଧନୋଧାନ୍ୟେ ଅଡିଟୋରିୟମରେ ଟାଟା ଚେସ୍ ଇଣ୍ଡିଆର ସପ୍ତମ ସଂସ୍କରଣ ଆରମ୍ଭ ହେବାକୁଯାଉଛି। ପ୍ରତିଯୋଗିତାରେ ୫ଥର ବିଶ୍ୱ ଚାମ୍ପିଅନ୍ ବିଶ୍ୱନାଥନ ଆନନ୍ଦ ୬ ବର୍ଷ ବ୍ୟବଧାନ ପରେ ଚେସ ବୋର୍ଡରେ ନଜର ଆସିଲେ। ସେ ଏହି ଟୁର୍ଣ୍ଣାମେଣ୍ଟରେ ଶେଷଥର ପାଇଁ ୨୦୧୯ରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଡିଗୁକେସ ପ୍ରଥମ ଥର ପାଇଁ ବ୍ୟକ୍ତିଗତ ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱନାଥନ ଆନନ୍ଦଙ୍କୁ ଭେଟିବାକୁ ଯାଉଛନ୍ତି। ନିକଟରେ ଶେଷ ହୋଇଥିବା ଏଫଆଇଡିଇ ବିଶ୍ୱକପର ରନରଅପଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ଓପନ ବିଭାଗରେ ଦେଖିବାକୁ ମିଳିବ। ସେହିଭଳି ଏଫଆଇଡିଇ ମହିଳା ବିଶ୍ୱକପର ବିଜେତା ଦିବ୍ୟା ଦେଶମୁଖ ମଧ୍ୟ ଅଂଶଗ୍ରହଣ କରିବେ। ଅନ୍ୟ ଶୀର୍ଷ ର୍ୟାଙ୍କ ଧାରୀଙ୍କ ଖେଳାଳି ମଧ୍ୟ ଟାଟା ଚେସ ଇଣ୍ଡିଆ ସପ୍ତମ ସଂସ୍କରଣରେ ଭାଗ ନେବାକୁ ସହମତି ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଉଭୟ ଓପନ ଓ ମହିଳା ବିଭାଗ ସମାନ ଫର୍ମାଟରେ ରହିବ। ରାପିଡ ବ୍ଲିଜରେ ଖେଳାଯିବ। ତା' ସହିତ ଉଭୟ ବିଭାଗ ନିମନ୍ତେ ସମାନ ପୁରସ୍କାର ରାଶି ରଖାଯାଇଛି। ଏଆଇସିଏଫର ଉପ ସଭାପତି ଦିବ୍ୟେନ୍ଦୁ ବରୁଆ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ରହିବେ।

ବିଶ୍ୱନାଥନ ଆନନ୍ଦ କହିଛନ୍ତି ୬ ବର୍ଷର ବ୍ୟବଧାନ ପରେ ଟାଟାଷ୍ଟିଲ ଚେସ୍ ଇଣ୍ଡିଆରେ ଜଣେ ଖେଳାଳି ଭାବେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସମଗ୍ର ଦେଶରେ ବିଶେଷ କରି ଭାରତରେ ପ୍ରତିଭା ସମ୍ପନ୍ନ ଖେଳାଳି ସୃଷ୍ଟି ହୋଇଛନ୍ତି। ଭାରତର ଏହି ଉଲ୍ଲେଖନୀୟ ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ଚେସ ଖେଳାଳିଙ୍କ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ମୁଁ ଅତ୍ୟନ୍ତ ଆନନ୍ଦିତ ଅଛି।

## ଜାନକୀ ପାଢ଼ୀ ସ୍ମାରକୀ ଫୁଟବଲ

# ଫାଇନାଲରେ ଇଟାମାଟି

ବୋଲଗଡ଼,୧୮।୧୨(ସବ୍ୟୁ): ବୋଲ ଗଡ଼ସଦରମହକୁମା ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ରାଜ୍ୟସ୍ତରୀୟଦାନକୀବହ୍ଲବ ପାଢ଼ୀମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯଦୁ ମଣିକ୍ଲବ ଇଟାମାଟି ଓ ଅହମ୍ମଦିଆଫୁଟବଲ ଏକାଡ଼େମୀ କେରଙ୍ଗ ମଧ୍ୟରେ ତୀବ୍ର ପ୍ରତି ଦ୍ୱନ୍ଦ୍ୱିତା ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଇଟାମାଟି ଦଳ ୧-୦ ଗୋଲରେ ଅଗ୍ରଣୀ ଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଅହମ୍ମଦିଆ କ୍ଲବ ପରିଶୋଧ କରିବାରେ ବିଫଳ ହେବାରୁ ଇଟାମାଟି ଦଳକୁ ବିଜୟୀ ଘୋଷଣା କରାଯାଇଛି। ଯାହା ଫଳରେ ଦଳଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଶନିବାର ଦିନଫାଇନାଲ ମ୍ୟାଚରେ ଇଟାମାଟି ଓ ପାଇକ ତିଗିରିଆ ମଧ୍ୟରେ ଅନୁଷ୍ଠିତ ହେବ। ଆଜିର ଖେଳ ପରିଚାଳନା କରିଥିଲେ ଲକ୍ଷ୍ମୀଧର ଗୌଧୁରୀ,ଲାଇନିରେ ସହଯୋଗ କରିଥିଲେ ମିର୍ଜା ଅଲ୍ଲି ବେଗ ଓ ବୈକୁଣ୍ଠ ମହାପାତ୍ର। ଆଜି ଅତିଥିମାନେ ଥିଲେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ, ବୋଲଗଡ଼ ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇ। ଆୟୋଜକ ଫ୍ରେଣ୍ଡସ କ୍ଲବର କର୍ମକର୍ତ୍ତା ବୀରଦାସ, ଅଶ୍ୱିନି ପଟ୍ଟନାୟକ, ଜିତେନ୍ଦ୍ରମାର୍ଥା ପ୍ରମୁଖ ସହଯୋଗ କରିଥିଲେ।

# ସେମିଫାଇନାଲରେ ବାରଙ୍ଗ ବାୟର, ତଣ୍ଡିକଣା,ଗୋଠପୁର

ବାରଙ୍ଗ,୧୮।୧୨(ସବ୍ୟୁ): ରାଜଧାନୀ ଉପକଣ୍ଠ ଗଣ୍ଡରପୁର ମିନି ଷ୍ଟାଡିୟମ ରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣ୍ଣାମେଣ୍ଟର ୫ମଦିବସ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ ବାରଙ୍ଗ ବାୟର ୫/୪ ଟାଇବ୍ରେକରରେ ସହ ଆଲାମଗିରି କ୍ଲବ ସାଇସୋକୁ ପରାସ୍ତ କରି ସେମିଫାଇନାଲରେପ୍ରବେଶ କରିଛି। ଦ୍ୱିତୀୟମ୍ୟାଚ କୃଷକବନ୍ଧୁ କ୍ଲବ ତଣ୍ଡିକଣା ୫/୪ଟାଇବ୍ରେକରରେ ଉତ୍ତମପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟମ୍ୟାଚ ମାମଙ୍ଗଳା କ୍ଲବ ଗୋଠପୁର ୪/୩ଟାଇବ୍ରେକରରେ ଘାଟିକିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଚର୍ତୁଥମ୍ୟାଚ ସର୍ଣ୍ଣଦେବୀ କ୍ଲବ ବଉଳକୁଦ ୨/୦ଗୋଲରେ ମଦନ ମୋହନ କ୍ଲବ ଉସୁମାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପଞ୍ଚମମ୍ୟାଚୟୁନାଟେଡ ସି -୧ ବିହାର ସହ ମାମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଏଥିରେ ୩/୧ରେ ଗୋଲରେ ଢେଙ୍କାନାଳ ବିଜୟ ଲାଭ କରିଥିଲା। ଶୁକ୍ରବାର ଦିନ ପ୍ରଥମ ମ୍ୟାଚ ଟାଙ୍ଗିବନ୍ତ ସହ ଆମଣ,ଦ୍ୱିତୀୟ ମ୍ୟାଚ ବୋଧପୁର ସହ ସିଆରଆରଆଇ,ତୃତୀୟ ମ୍ୟାଚ ମୁଣ୍ଡୁମାଣ ସହ ବରାହିପୁର,ଚତୁର୍ଥ ମ୍ୟାଚ ପ୍ରତାପନଗରୀ ସହ ମଇନ୍ଦିପୁର,ପଞ୍ଚମ ମ୍ୟାଚ ସୁରଭି ଏଫସି ଫୁଲବାଣୀ ସହ ମା ମଙ୍ଗଳା କ୍ଲବ ଢେଙ୍କାନାଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ଜ୍ଞାନରଞ୍ଜନ ରାଉତ(ହିରୋ) ସୂଚନା ଦେଇଛନ୍ତି।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ମୃତ୍ୟୁଞ୍ଜୟଙ୍କୁ ୪ ୱିକେଟ୍, ବିହାର ୨୧୭/୪

ଭୁବନେଶ୍ୱର,୧୮।୧୨(ସବ୍ୟୁ): ଗ୍ୱାଲିୟରର ସିନ୍ଧିଆ ସ୍କୁଲ କ୍ରିକେଟ୍ ଗ୍ରାଉଣ୍ଡରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ବିହାରକୁ ଭେଟିଛି ଓଡ଼ିଶା। ଏହି ମ୍ୟାଚରେ ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତେଣୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବିହାର ଦଳ ପ୍ରଥମ ଦିବସ ଷ୍ଟମ୍ପଅପସାରଣ ସୁଧା ୯୧.୪ ଓଭରରେ ୬ ୱିକେଟ୍ ହରାଇ ୨୧୭ ରନ୍ କରିଛି। ଅଭିନବ ସିହ୍ନା ୧୬୪ ବଲରୁ ୬୨ ରନ୍ ଏବଂ ଯସ ୧୨୪ ବଲରୁ ୪୪ ରନ୍ କରିଛନ୍ତି। ଓଡ଼ିଶାର ମୃତ୍ୟୁଞ୍ଜୟ ଦାସ ୨୮ ଓଭର ବୋଲିଂ କରି ୪୩ ରନ୍ ବ୍ୟୟରେ ସର୍ବାଧିକ ୪ ୱିକେଟ୍ ଅକ୍ତିଆର କରିଛନ୍ତି। ହିମନିଶ ସାହୁ ୨ ୱିକେଟ୍ ନେଇଛନ୍ତି।

## ବଲୱନ୍ତ ସିଂ ସ୍ମାରକୀ ହକି

# ବ୍ରୋଞ୍ଜ ଜିତିଲା ଓଡ଼ିଶା ନାଭାଲ ଟାଟା ହକି ଏଚପିସି

ଭୁବନେଶ୍ୱର,୧୮।୧୨(ସବ୍ୟୁ): ଜଳନ୍ଧରରେ ଆୟୋଜିତ ବଲୱନ୍ତ ସିଂ କପୁର ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟାଟା ହକି ହାଇପରଫରମାନ୍ସ ସେଣ୍ଟର ଦଳ ୧୯ ବର୍ଷରୁ କମ ବାଳକ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛି। ବ୍ରୋଞ୍ଜ ଲଢ଼େଇରେ ନାଭାଲ ଟାଟା ହକି ଏକାଡେମୀ ପେନାଟି ସୁଟଆଉଟରେ ଜାମସେଦପୁରକୁ ୪-୨ ଗୋଲରେ ପରାଜିତ କରିଛି। ମ୍ୟାଚରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଗୋଲକିପର ରାୟଭାରପୁ ଗଣେଶଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ବିକ୍ରମ ଓରାମ ଟୁର୍ଣ୍ଣାମେଣ୍ଟରେ ୮ଟି ଗୋଲ କରି ଟପସ୍କୋରର ହୋଇଥିଲା।

ମ୍ୟାଚଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ୨ ଦଳ ନିର୍ଦ୍ଧାରିତ ସମୟରେ ଗୋଲଦେବାକୁ ସ୍କୋର ସମାନ ରହିବାରୁ ମ୍ୟାଚଟି ସୁଟଆଉଟ୍ ପର୍ଯ୍ୟାୟରେ ଯାଇଥିଲା। ପେନାଲ୍ଟି ସୁଟଆଉଟରେ ଓଡ଼ିଶା ନାଭାଲ ଟାଟା ଦଳ ୪-୨ ଗୋଲରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ସରକାର, ଟାଟା ଷ୍ଟିଲ ଏବଂ ଟାଟା ଟ୍ରଷ୍ଟର ପ୍ରୟାସରେ ଚାଲିଥିବା ଓଏନଟିଏଚଏଚପିସି ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୁବ ପ୍ରତିଭାମାନଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ସେମାନଙ୍କୁ ପ୍ରତିଭାକୁ ପ୍ରଦର୍ଶିତ କରିବା ଦିଗରେ ନିରନ୍ତର କାମ କରୁଛି।



## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆକ୍ୱାଟିକ୍ ଚାମ୍ପିଅନସିପ୍

# କିଟ୍ ଛାତ୍ରୀ ମନତାଙ୍କୁ ରୌପ୍ୟ

ଭୁବନେଶ୍ୱର,୧୮।୧୨(ସବ୍ୟୁ): ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆକ୍ୱାଟିକ୍ସ ଚାମ୍ପିଅନସିପ ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ମମତା ମିଶ୍ର ପ୍ରତିଯୋଗିତାର ପ୍ରଥମ ଦିନ ରୌପ୍ୟ ପଦକ ଜିତିଛନ୍ତି। ମନତା ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ଦ୍ୱିତୀୟ ସ୍ଥାନ ଅଧିକାର ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ମନତା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୦ ମିଟର ବର୍ଗରେ




କିଟର ଅନ୍ୟତମ ପ୍ରତିଯୋଗୀ ଦିବ୍ୟକା ପ୍ରଧାନ ଚତୁର୍ଥ ସ୍ଥାନରେ ରହିଥିଲେ। ସେ ମଧ୍ୟ ଖେଲୋ ଇଣ୍ଡିଆ ବିଶ୍ୱ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଲବଜା ଘୋଷ ୧୦୦ ମିଟର ବଟର ଫ୍ଲାୟରେ ଖେଲୋ ଇଣ୍ଡିଆ ବିଶ୍ୱ ଯୋଗ୍ୟତା ଅର୍ଜନ କରିଛନ୍ତି। କିଟର ମହିଳା ୪ ଗୁଣା ୧୦୦ ମିଟର ଫ୍ରି-ଷ୍ଟାଇଲ ଦଳ ନବମ ସ୍ଥାନ ସତ୍ତ୍ୱ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ଯୋଗ୍ୟତା ଅର୍ଜନ କରିଛି। ଏହି ସଫଳତା ପାଇଁ କିଟ ଓ କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା

# ୨୯ ଖେଳାଳି ରାଜ୍ୟସ୍ତରକୁ ମନୋନୀତ

ବାରିପଦା,୧୮।୧୨(ସବ୍ୟୁ): ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲାସ୍ତରୀୟ ଖେଳକୁଦ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ଶହ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ବିଭିନ୍ନ ବର୍ଗରେ ଦୌଡ଼, ଡିଆଁ, ଥ୍ରୋ ଆଦି ପ୍ରତିଯୋଗିତାରୁ ମୋଟ ୨୯ଜଣ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି ଓ ସେମାନେ ହେଲେ ନିମସୀ ସମାଦ, ମିତା ଗୋଇପାଇ, ସିନେ ଟୁଡୁ, ସନ୍ଧ୍ୟା ମୁର୍ମୁ, ରାଜେଶ୍ୱରୀ ସିଂ, ବସୁମତୀ ସାୟନ, କମଳିନୀ ମାର୍ଣ୍ଣି, ଦିବ୍ୟାଭାରତୀ ସୋରେନ, ପାପାଲି ସିଂ, ପୂର୍ଣ୍ଣିମା ହେମ୍ବ୍ରମ, ବିନ୍ଦି ସିଂ, ପ୍ରବୀଣ କୁମାର ପଲେଇ, ଆସମାନ ପୂର୍ତ୍ତି, ରାଜେଶ କେରାଇ, ସୌମ୍ୟରଞ୍ଜନ ବେଣ୍ଟକର, ପ୍ରିୟଦର୍ଶନ ହୋ, ରୁଷିକ ଚନ୍ଦ୍ର ବିରୁଆ, ଧାନିରାମ ମୁର୍ମୁ, ପ୍ରେମରାଜ ଟୁଡୁ, ଆୟୁଷ ଗଗରାଇ, ସୁବୁନ ହେମ୍ବ୍ରମ, ହେମନ୍ତ ପୂର୍ତ୍ତି, ରାମଚନ୍ଦ୍ର ହେମ୍ବ୍ରମ, ରାଜ ସୁନାରାମ ମାର୍ଣ୍ଣି, ନିମାଇଁ ମୁର୍ମୁ, ଗଜ ଟୁଡୁ, ଦେବାଶିଷ ସମାଦ, ସୁରାଇ ମାର୍ଣ୍ଣି, ଦଳନ ଚନ୍ଦ୍ର କୁଁଅର ଦେଓ ଓ ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ




କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପୂର୍ବତନ କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଫୁଟବଲ ଏବେ ଆଇସିୟୁରେ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି): ଆର୍ଜେଣ୍ଟିନାର ମହାନ ଫୁଟବଲ ତାରକା ଲିଓନେଲ ମେସି ଭାରତ ଗସ୍ତରେ ଆସିଥିଲେ। ସମସ୍ତେ ମେସିଙ୍କ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ସତେ ଯେପରି ମେସିଙ୍କ ଆଗମନରେ ଭାରତୀୟ ଫୁଟବଲର କାୟା ବଦଳି ଯିବ। ଏସବୁ ଭିତରେ ମେସି ଭାରତ ଆସି ଫେରିଗଲେଣି। ତାଙ୍କ ଆଗମନ ଓ ଯିବା ପରେ ଭାରତୀୟ ଫୁଟବଲର ଅସଲ ଚେହେରା ପଦାରରେ ପଡିଛି। ସତେ ଯେମିତି ଭାରତୀୟ ଫୁଟବଲର ଆଇସିୟୁକୁ ଚାଲିଯାଇଛି। ମେସିଙ୍କ ଭାରତଗସ୍ତରେ ପାଖାପାଖି ୧୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଆକଳନ କରାଯାଉଛି। ସବୁ କିଛି ବ୍ୟବସାୟ ପାଇଁ ହୋଇଥିଲା, କିନ୍ତୁ ଫୁଟବଲର ବିକାଶ ପାଇଁ ନୁହେଁ। ସେ ସମୟରେ ଭାରତର ଉଦୀୟମାନ ଫୁଟବଲରଙ୍କ କଥା କେହି ଚିନ୍ତା କରିନଥିଲେ। ଦେଶର ଷ୍ଟାର ଖେଳାଳି ସୁନୀଲ ଛେତ୍ରୀଙ୍କ ଅବସ୍ଥା ସମସ୍ତେ ଦେଖିଛନ୍ତି। ଫଟୋ ପାଇଁ ତାଙ୍କୁ ଧକ୍କା ଦିଆଯାଇଥିଲା।

ଫୁଟବଲର ବିକାଶ ପାଇଁ ଭାରତରେ ଆଇପିଏଲ୍ ଢ଼ାଞ୍ଚାରେ ଆଇଏସଏଲ୍ (ଇଣ୍ଡିଆନ ସୁପର ଲିଗ୍) ଆୟୋଜନ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ମଧ୍ୟ ନିଜର ମୂଳଲକ୍ଷ୍ୟ ଠାରୁ ଢ଼େର ଦୂରରେ। ଏହାର ବ୍ୟବସାୟିକ ରାଇଟ୍ସ କିଣିବା ପାଇଁ ବଡ଼ ବଡ଼ କମ୍ପାନୀ ମାନେ ଆଗ୍ରହ ଦେଖାଉ ନାହାନ୍ତି। ଦ୍ୱିତୀୟ ଶ୍ରେଣୀ ଫୁଟବଲ ଲିଗ୍ ଆଇଲିଗ୍ ପାଇଁ ମଧ୍ୟ କେହି ଆଗକୁ ଆସିନାହାନ୍ତି। ଏହାକୁ ଆମେ ଏଆଇଏଫଏଫର ଅକ୍ଷମତା ଭାବିବା ଠିକ୍ ହେବ ନାହିଁ, କାରଣ ଖେଳ ପ୍ରତି ଯୁବପୀଢ଼ୀଙ୍କ ବିମୁଖତା ବଢ଼ିଯାଇଛି। ଆଇଏସଏଲ ଚଳାଇବା ପାଇଁ ଅତିକମରେ ୩୭.୫ କୋଟି ଖର୍ଚ୍ଚ ହେଉଛି। ୩୭.୫ କୋଟି ଟଙ୍କା ଦେବା ପାଇଁ କେହି ଆଗକୁ



ଆସୁନାହାନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ଖବର ଅନୁସାରେ କେନ୍ଦ୍ର ସରକାର ମଧ୍ୟ ଆଇଏସଏଲ ପାଇଁ ଟଙ୍କା ଦେବାକୁ ମନା କରିଦେଇଛନ୍ତି। ମେସିଙ୍କ ଭାରତ ଗସ୍ତ ପାଇଁ ଯେତେ ଟଙ୍କା ପାଣି ପରି ଖର୍ଚ୍ଚ କରାଗଲା, ସେହି ଅର୍ଥରେ ଆଇଏସଏଲରେ ୪ଟି ସଂସ୍କରଣ ବଡ଼ ଧୁମଧାମରେ ହୋଇପାରିଥାନ୍ତା। ଭାରତୀୟ ଫୁଟବଲକୁ ଆଇସିୟୁରୁ ମଧ୍ୟ ମୁକୁଳା ଯାଇପାରିଥାନ୍ତା। ଏପରିକି ଯୁବ ଖେଳାଳିଙ୍କୁ ମେସିଙ୍କ ସହ ଭେଟ ମଧ୍ୟ କରାଗଲା ନାହିଁ। ଦୁଃଖର କଥା ଭାରତ ଏଏଫସି ଏସିଆନ୍ କପ ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହିଁ। ଫିଫା ବିଶ୍ୱକପ୍ କଥା ଆମେ ଭାବିବା ଆମେ ଭୁଲ ହେବ। ଏବେ ଏସିଆ ୨୪ଟି ଦଳ ମଧ୍ୟରେ ମୋଟ୍ ଉପରେ ଭାରତ ଫିଫା ମାନ୍ୟତାରେ ୧୪୨ତମ ସ୍ଥାନରେ ରହିଛି।

## ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆଠମଲ୍ଲିକ - ପତାକା ଅଷ୍ଟ କିଳା ଫାଇନାଲ

ଆଠମଲ୍ଲିକ,୧୮।୧୨(ସବ୍ୟୁ): ଆଠମଲ୍ଲିକ ଲିପିଲୋଇ ଖେଳ ପଡ଼ିଆରେ ଚାଲିଥିବା ପପୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ତୃତୀୟ ଦିବସ ତଥା ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଥମ ମ୍ୟାଚ ଆଠମଲ୍ଲିକ ଓ ପରଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଠମଲ୍ଲିକ ୧୦ ଗୋଲ ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ଅବସରରେ ଅତିଥି ଭାବେ ସାମ୍ବାଦିକ ଉଦିପ୍ତ ପୁରୋହିତ, ସାମ୍ବାଦିକ କମଳାକାନ୍ତ ମିଶ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପତାକା ଅଷ୍ଟ କିଳା କ୍ଲବ ଓ ଗିରା ସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପତାକା ଅଷ୍ଟ କିଳା କ୍ଲବ ୧୦ ରେ ବିଜୟୀ ହୋଇ ଫାଇନାଲ ରେ ପ୍ରବେଶ କରିଥିଲେ। ଏହି ମ୍ୟାଚ ରେ ମୁଖ୍ୟ ରେଫରୀ ଭାବେ ଅମିତ ନାଏକ ଖେଳକୁ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ସୁଶୀଲ ବେହେରା ଓ ଅର୍ଜୁନ ନାଏକ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ସମ୍ମାନିତ ଅତିଥି ଭାବ ରେ ରେଞ୍ଜର ସୁନିଲ କୁମାର ସାହୁ, ବନ ବିଭାଗ ସଂଯୋଜକ ଦେବାନନ୍ଦ ନାଏକ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କ ସହିତ କର ମର୍ଦନ କରି ଉତ୍ସାହିତ କରିଥିଲେ। ଶୁକ୍ରବାର ଆଠମଲ୍ଲିକ ଓ ପତାକା ଅଷ୍ଟକିଳା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି। ଗୋଲଡେନ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି